ସାର ଅଭାବକୁ ନେଇ ରାଜ୍ୟର କୃଷକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ହେଲେ ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ମହଜୁଦ ରହିଛି ବୋଲି ସରକାର ବାରମ୍ବାର କରୁଥିବା ଦାବି ମିଥ୍ୟା କହି ବର୍ଷିଛି ବିଜେଡି। ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଆସନ୍ତା ୧୫ରେ ବିଜେଡିରାଜଭବନ ସମ୍ମୁଖରେ ଧାରଣା ଦେବ ବୋଲି ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ସୂଚନା ଦେଇଛନ୍ତି। ଶଙ୍ଖ ଭବନଠାରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ସାର ଯୋଗାଣକୁ ବ୍ୟବସ୍ଥିତ କରିବା ଓ କଳାବଜାର ରୋକିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ସାର ନିଅଣ୍ଟ ସ୍ଥିତି ଯୋଗୁ କୃଷକମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ରାଜରାସ୍ତାକୁ ଓହ୍ଲାଉଛନ୍ତି। ଗତ ଗୁରୁବାର ମୁଖ୍ୟମନ୍ତ୍ରୀ ସମୀକ୍ଷା କରି ରାଜ୍ୟରେ ଆବଶ୍ୟକ ପରିମାଣର ସାର ମହଜୁଦ ରହିଛି ବୋଲି କହିଥିଲେ। ପୂର୍ବରୁ ମଧ୍ୟ ସେ ସମୀକ୍ଷାକରିବା ପରେ ସାର ମହଜୁଦ ଥିବା କଥା କହିଥିଲେ। କିନ୍ତୁ ସାର ନ ମିଳିବା କାରଣରୁ ରାଜ୍ୟର ବିଭିନ୍ନ ସ୍ଥାନରେ କୃଷକମାନେ ରାଜରାସ୍ତାରେ ଆନ୍ଦୋଳନ କରିବା ଖବର ନିୟମିତ ଭାବରେ ପ୍ରକାଶ ପାଉଛି। ସରକାର ସମସ୍ୟାର ସମାଧାନ ନ କରି କେବଳ ସମୀକ୍ଷା ନାଁରେ ସାରର ଅଭାବ ନାହିଁ ବୋଲି ମିଥ୍ୟା ଦାବି କରୁଛନ୍ତି। ତେଣୁ ସାର ସମସ୍ୟାର ତୁରନ୍ତ ସମାଧାନ ଦାବିରେ ଆସନ୍ତା ୧୫ରେ ବିଜେଡି ପକ୍ଷରୁ ରାଜଭବନ ସମ୍ମୁଖରେ ଧାରଣା ଦେବାପରେ ଯଦି ସମସ୍ୟା ଲାଗି ରହେ ତେବେ ରାଜ୍ୟର ପ୍ରତି ବ୍ଲକ୍‌ରେ ବିଜେଡି ଆନ୍ଦୋଳନ କରିବ ବୋଲି ସଞ୍ଜୟ କହିଛନ୍ତି। ଏହି ଅବସରରେ ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ ଉପସ୍ଥିତ ଥିଲେ।

# ଭିଜିଲାନ୍ସ ଜାଲରେ ନୟାଗଡ଼ ଜିଲା ଶ୍ରମ ଅଧିକାରୀ

ନୟାଗଡ଼,୧୨।୯(ଲୋକନାଥ ମିଶ୍ର)

### ଶ୍ରମ କାର୍ଡ ପାଇଁ ୬ ହଜାର ଲାଞ୍ଚ ନେଉଥିଲେ


ଚିତ୍ତରଞ୍ଜନ ରାଉତ

ନୟାଗଡ଼ ଜିଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଶ୍ରମ କାର୍ଡ କରିବା ପାଇଁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ଭିଜିଲାନ୍ସ ହାତରେ ଧରାପଡ଼ି ଗିରଫ ହୋଇଛନ୍ତି। ପରେ ଶ୍ରମ ଅଧିକାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ଶ୍ରମ ଅଧିକାରୀଙ୍କଠାରୁ ୬ ହଜାର ଲାଞ୍ଚ ଟଙ୍କା ଜବତ କରାଯାଇଛି।

ସୂଚନାଯୋଗ୍ୟ, ଶ୍ରମ କାର୍ଡ କରିବା ପାଇଁ ଖର୍ଚ୍ଚ ଦେବାକୁ ପଡିବ ବୋଲି ଶ୍ରମ ଅଧିକାରୀ ନୟାଗଡ଼ ବ୍ଲକ ବିରୁଡାଗାଁର ଶ୍ରମିକ ନେତା ତଥା କମ୍ୟୁନିଷ୍ଟ ପାର୍ଟି ରାଜ୍ୟ ପରିଷଦ ସଦସ୍ୟ ଭୁବନ ଚାନ୍ଦ ହାତୀଙ୍କୁ କହିଥିଲେ। ଗୋଟିଏ ଶ୍ରମ କାର୍ଡ ପିଛା ୩୦୦ ଟଙ୍କା ଦେବାକୁ ପଡିବ ନ ହେଲେ କାର୍ଡ ହୋଇପାରିବ ନାହିଁ ବୋଲି କହିଥିଲେ । ଭୁବନ ଚାନ୍ଦ ୨୨ଟି ଶ୍ରମ କାର୍ଡ ପାଇଁ ଶ୍ରମ ଅଧିକାରୀ ରାଉତଙ୍କ ସହ ଯୋଗାଯୋଗ କରିବା ପରେ ୬ ହଜାର ୬୦୦ ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ଶ୍ରମ ଅଧିକାରୀ ୨୧ଟି କାର୍ଡ କରିଥିବାରୁ ୬ ହଜାର ୩୦୦ ନେବାରଥିଲା। ମାତ୍ର ଭୁବନ ଚାନ୍ଦ ୬ ହଜାର ୩ ଶହ ଦେବା ପରିବର୍ତ୍ତେ ୬ ହଜାର ଟଙ୍କା ଦେଉଥିଲେ। ପୂର୍ବ ପ୍ରସ୍ତୁତି ମୁତାବକ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଲାଞ୍ଚ ଟଙ୍କା ଜବତ କରିଥିଲା। ପରେ ଭୁବନେଶ୍ୱର ଓ ନୟାଗଡ ଭିଜିଲାନ୍ସ ଟିମ୍ ପକ୍ଷରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ଏବଂ ନୟାଗଡ଼ରେ ଥିବା ଭଡା ଘର ଉପରେ ଚଢ଼ାଉ କରାଯାଇଥିଲା। ସେହିପରି କଟକ ଜିଲା କନ୍ଦରପୁର ଫକୀରପଡା ନିଜ ଘରେ ମଧ୍ୟ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି। ଏନେଇ ନଂ. ୧୯/୨୫ରେ ମାମଲା ରୁଜୁ ହୋଇଛି।

# ସହପାଠୀଙ୍କ ଆଖିରେ ଲଗେଇଲେ ଅଠା, ୭ ଗୁରୁତର

ଫୁଲବାଣୀ/ଗୋଚ୍ଛାପଡା,୧୨।୯ (ରାକେଶ କୁମାର ରାଉତ/ରୋହିତ କହଁର)



ଚିକିତ୍ସା ହେବାକୁ ଆସିଥିବା ପିଲାମାନେ।

କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ୍ ଗୋଚ୍ଛାପଡ଼ା ଥାନା ସଲାଗୁଡ଼ା ସେବାଶ୍ରମରେ ରହୁଥିବା ୪ର୍ଥ ଓ ୫ମ ଶ୍ରେଣୀର କେତେଜଣ ଛାତ୍ର ଗୁରୁବାର ରାତିରେ ନ ଶୋଇ ୮ ସହପାଠୀଙ୍କ ଆଖିରେ ଅଠା (ଫେଭିକୁଇକ) ଲଗାଇ ଦେଇଛନ୍ତି। ଶୁକ୍ରବାର ସକାଳେ ଛାତ୍ରମାନଙ୍କ ଆଖି ନ ଖୋଲିବାରୁ ସେମାନଙ୍କୁ ପ୍ରଥମେ ଗୋଚ୍ଛାପଡ଼ା ମେଡିକାଲ ଓ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସମସ୍ତଙ୍କ ଅବସ୍ଥା ଏବେ ସ୍ଥିର ରହିଛି। ବିଦ୍ୟାଳୟରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ନ ରହିବା, ମାଟ୍ରନମାନଙ୍କ କାର୍ଯ୍ୟରେ ଅବହେଳାରୁ ଏଭଳି ଘଟିଛି।

ଜିଲା ମଙ୍ଗଳ ବିଭାଗ ଅଧୀନରେ ରହିଥିବା ସଲାଗୁଡ଼ା ସେବାଶ୍ରମ ବିଦ୍ୟାଳୟରେ ପ୍ରଥମରୁ ୭ମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ହଷ୍ଟେଲରେ ୪୦ ଛାତ୍ର ଓ ୧୦୦ ଛାତ୍ରୀ ଅଛନ୍ତି। ଗତ ଗୁରୁବାର ରାତିରେ ପିଲାମାନେ ଖାଇପିଇ ଶୋଇବା କକ୍ଷକୁ ଯାଇଥିଲେ। ବହୁ ପିଲା ଶୋଇ ପଡ଼ିଥିଲେ। କେତେଜଣ ନ ଶୋଇ ୮ ଛାତ୍ରଙ୍କ ଆଖିପତାରେ ଫେଭିକୁଇକ ଲଗାଇ ଦେଇଥିଲେ। ଶୁକ୍ରବାର ଭୋର୍‌ରେ ସମସ୍ତେ ଉଠିଥିଲେ

### ସଲାଗୁଡ଼ା ସେବାଶ୍ରମ

ମଧ୍ୟ ୮ ଛାତ୍ର ଆଖି ଖୋଲିପାରି ନ ଥିଲେ। ସେମାନେ କାନ୍ଦିବା ଆରମ୍ଭ କରିବାରୁ ଘଟଣା ପଦାକୁ ଆସିଥିଲା। ଶିକ୍ଷକ ଏବଂ ମାଟ୍ରନ ସକାଳ ୯ଟାରେ ସେମାନଙ୍କୁ ଗୋଚ୍ଛାପଡ଼ା ମେଡିକାଲକୁ ନେଇଥିଲେ। ସେଠାରେ ଜଣେ ଛାତ୍ରଙ୍କ ଆଖି ଫିଟି ଯାଇଥିଲା। ଅନ୍ୟ ୭ ଜଣ ଗୁରୁତର ହୋଇ ପଡ଼ିଥିଲେ। ସଲାଗୁଡ଼ା ସରପଞ୍ଚ ରୋହିତ କହଁର ଏହା ଜାଣିବା ପରେ ସେମାନଙ୍କୁ ନିଜ ଗାଡ଼ିରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଚିକିତ୍ସା ପରେ ପିଲାମାନଙ୍କ ଆଖି ଖୋଲିଛି, ହେଲେ ପୀଡ଼ା ଓ ଫୁଲା ରହିଛି। ସରପଞ୍ଚ କହଁର କହିଛନ୍ତି, ବିଦ୍ୟାଳୟରେ ରାତିରେ ପ୍ରଧାନଶିକ୍ଷକ, ସହ ଶିକ୍ଷକମାନେ ରହୁନାହାନ୍ତି। ପଞ୍ଚାୟତ ସମିତି ବୈଠକରେ ଏହି କଥା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଓ ପରେ ଜିଲା ମଙ୍ଗଳ ଅଧିକାରୀଙ୍କୁ ଅବଗତ କରାଇଥିଲେ। କିନ୍ତୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ଶିକ୍ଷକମାନେ ରହୁ ନ ଥିବାରୁ ଏଭଳି ଘଟଣା ଘଟିଛି। ତୁରନ୍ତ ଶିକ୍ଷକମାନଙ୍କୁ ଏଠାରୁ ବଦଳି କରା ନ ଗଲେ ପଞ୍ଚାୟତବାସୀ ବିଦ୍ୟାଳୟରେ ତାଲା ପକାଇବୁ ବୋଲି ସରପଞ୍ଚ କହିଛନ୍ତି। ଅନ୍ୟପକ୍ଷରେ ଜିଲା ମଙ୍ଗଳ ଅଧିକାରୀ ରବିନାରାୟଣ ମିଶ୍ରଙ୍କୁ ପଚାରିବାରୁ ସେ କହିଛନ୍ତି, ପ୍ରଧାନଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କ ପାଖକୁ ଫାଇଲ ପଠେଇ ଦେଇଛୁ। ଯେଉଁ ପିଲାମାନେ ଏପରି କରିଛନ୍ତି, ସେମାନଙ୍କ ଉପରେ ମଧ୍ୟ କଡ଼ା ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

ଏପରି ଏକ ଦିନ ଆସିବ-ଯେତେବେଳେ କି ଏ ପୃଥିବୀର ସବୁ ଧନସଂପଦ ଭଗବତ୍ ବିରୋଧୀମାନଙ୍କ ଅଧିକାରରୁ ମୁକ୍ତ ହେବ। ଏବଂ ଭଗବାନଙ୍କ କାର୍ଯ୍ୟ ଏ ପୃଥିବୀରେ ଚାଲିବା ପାଇଁ ସେଗୁଡ଼ିକ ସ୍ୱଚ୍ଛନ୍ଦରେ ବ୍ୟୟିତ ହେବେ। -ଶ୍ରୀମା



# ପ୍ରତିଶୋଧାତ୍ମକ ରାଜନୀତି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ବେଆଇନ ବାଲି ଚାଲାଣକୁ ନେଇ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଆଇପିଏସ୍ ଅଧିକାରୀ ଅଞ୍ଜନା କ୍ରିଷ୍ଣାଙ୍କ ମଧ୍ୟରେ ବିବାଦ ଦେଖାଯାଇଛି। ରାଜନେତା ଓ ବାବୁଙ୍କ ମଧ୍ୟରେ ଏଭଳି ଟଣାଓଟରା ବହୁ ସମୟରେ ଦେଖାଯାଏ ଓ ଦୀର୍ଘଦିନ ଧରି ଲାଗିରହେ। ପାୱାରଙ୍କ ପାର୍ଟିର କର୍ମୀମାନେ ବେଆଇନ ବାଲି ଉଠାଣ ଉପରେ ଅଞ୍ଜନାଙ୍କ ପଦକ୍ଷେପ ସମ୍ପର୍କରେ ପାୱାରଙ୍କ ନିକଟରେ ଅଭିଯୋଗ କରିଥିଲେ। ସେ ଅଞ୍ଜନାଙ୍କୁ ଏ ସମ୍ପର୍କରେ କଲ୍ କରି ଧମକ ଦେଇଥିଲେ ଏବଂ ଅଞ୍ଜନା ସେଥିରେ ପରିବର୍ତ୍ତନ କରିବାକୁ ମନା କରିଦେଇଥିଲେ। ସେ ପଛଘୁଞ୍ଚା ନ ଦେବା କାରଣ ହେଉଛି ଖଣିମାଲିକମାନେ ବୈଧ କାଗଜପତ୍ର ଦେଖାଇପାରି ନ ଥିଲେ। ବ୍ୟବସ୍ଥା କିଭଳି ଚାଲିଛି ଏଥିରୁ ସ୍ପଷ୍ଟ ହେଉଛି। କିନ୍ତୁ ଆମ ରାଜନୈତିକ ସଂସ୍କୃତିରେ କାଗଜପତ୍ର କଥା କହିବା ମାନେ ବଡ଼ ବିପଦକୁ ଆମନ୍ତ୍ରଣ କରିବା। ଏଭଳି ପଦକ୍ଷେପ ଆମେ ପୂର୍ବରୁ ଦେଖିଛେ। ବାଲିମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଉତ୍ତରପ୍ରଦେଶରେ ଦୁର୍ଗା ଶକ୍ତି ନାଗପାଲ ନିଲମ୍ବିତ ହୋଇଥିଲେ। ମଧ୍ୟପ୍ରଦେଶ ଓ କର୍ଣ୍ଣାଟକରେ ଆଇଏଏସ୍ ଅଧିକାରୀମାନଙ୍କୁ ଗାଳି ଦିଆଯାଇଥିଲା, ଅପମାନିତ କରାଯାଇଥିଲା। ଏଭଳି ଘଟଣାରେ ରାଜନେତାମାନେ ସେମାନଙ୍କ ଶକ୍ତି ପ୍ରଦର୍ଶନ କରୁଥିବା ସମୟରେ ବାବୁଙ୍କ ମଧ୍ୟରୁ କେତେଜଣ ବିରୋଧ କରିଥାନ୍ତି। ଅଞ୍ଜନାଙ୍କୁ ବଦନାମ କରିବା ପାଇଁ ତାଙ୍କ ଜାତି ଓ ଶିକ୍ଷାଗତ ରେକର୍ଡଗୁଡ଼ିକର ଖୋଳତାଡ଼ କରାଯାଉଛି। ଏହା ଶାସନ ନୁହେଁ, ବରଂ ପ୍ରତିଶୋଧାତ୍ମକ ରାଜନୀତି। ଅଧିକାରୀମାନେ ସେମାନଙ୍କ କର୍ତ୍ତବ୍ୟ ଠିକ୍ ଭାବେ କଲାବେଳକୁ ସେମାନଙ୍କ ଉପରେ ଆକ୍ରମଣ କରାଯାଉଛି।

### ବିଶ୍ୱସନୀୟତା କମୁଛି

ସେଣ୍ଟ୍ରାଲ ଭିଜିଲାନ୍ସ କମିଶନ(ସିଭିସି) ତା ରିପୋର୍ଟରେ ଦର୍ଶାଇଛି ଯେ, କାର୍ଯ୍ୟରେ ବିଳମ୍ବ, ଅନିୟମିତତା ଓ ହେରଫେର ଘଟଣାଗୁଡ଼ିକରେ ଅନ୍ୟମାନଙ୍କ ଉପରେ ଚଢାଉ କରୁଥିବା ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ସିବିଆଇ) ତାହାର ନିଜ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ। ଏବେସୁଦ୍ଧା ୬୦ଟି ମାମଲାର ବିଚାର ହୋଇପାରିନାହିଁ ଏବଂ ଏଥିରୁ ୨୨ଟି ମାମଲା ୪ ବର୍ଷରୁ ଅଧିକ ସମୟ ହେଲା ପଡ଼ିରହିଛି। "ମୁଁ ଯାହା କହୁଛି ସେହି ଅନୁସାରେ କର, ଯାହା ମୁଁ କରୁଛି ତାହା କରନାହିଁ" ନିୟମରେ ସିବିଆଇ ଚାଲେ କି? ଦେଶର ଏକ ପ୍ରମୁଖ ତଦନ୍ତକାରୀ ସଂସ୍ଥା ନିଜ ଗୋଡକୁ ଟାଣୁଛି ଏବଂ ବିଶ୍ୱସନୀୟତା ହରାଉଛି। ଏଭଳି ମାମଲା ପଡ଼ିରହିବା ସିବିଆଇର ଭାବମୂର୍ତ୍ତିକୁ କ୍ଷୁର୍ଣ୍ଣ କରେ। ଯଦି ପୋଲିସ ଅଧିକାରୀମାନେ ଦୁର୍ନୀତିଗ୍ରସ୍ତ ହେବେ, ତେବେ ସେମାନେ ଠିକ ଭାବେ କାମ କରିବେ ବୋଲି ଆଶା କରାଯାଇ ପାରେ କି ? ସିବିଆଇରେ ଏବେ ୧୫୦୦ ପଦବୀ ଖାଲିରହିଛି। ଏଥି ମଧ୍ୟରେ ରହିଛି କାର୍ଯ୍ୟନିର୍ବାହୀ ର୍‍ୟାଙ୍କର ୯୦୦ ପଦବୀ। ଏହା ବିନା ଡାକ୍ତରରେ ଗୋଟିଏ ହସ୍ପିଟାଲ ଚଳାଇବା ଭଳି କଥା। ସିବିଆଇରେ ଫାଇଲ କାମ କରିବାକୁ ଲୋକ ନଥିବାବେଳେ ଏହା କିଭଳି ହାଇପ୍ରୋଫାଇଲ ଦୁର୍ନୀତି ମାମଲାଗୁଡ଼ିକର ତଦନ୍ତ କରିବ? ସିବିଆଇକୁ 'ପିଞ୍ଜରାବଦ୍ଧ ପାରା' ବୋଲି କୁହାଯାଉଛି। ତେବେ ଏହି ରିପୋର୍ଟକୁ ଯଦି ଦେଖାଯାଏ ତେବେ ସିବିଆଇ କେବଳ ପିଞ୍ଜରାବଦ୍ଧ ହୋଇନାହିଁ, ବରଂ ଏହାର ସ୍ୱର ମଧ୍ୟ ହରାଇସାରିଲାଣି ବୋଲଇ ବୁଝିବାକୁ ହେବ। ରାଜନୈତିକ ଭାବେ ଏହା ମୁକ୍ତ ହେଲେ ଏହା ସ୍ୱର ଉଚ୍ଚ କରିପାରେ, କିନ୍ତୁ ଯେତେବେଳେ ନିଜ ବସା ସଫା କରିବା କଥା ଆସେ ସେତେବେଳେ ନୀରବ ରହେ। ନିଜ ଘରକୁ ସଜାଡ଼ିବା ହେଉଛିଏହାର ପ୍ରଥମ କାମ। ଅନ୍ୟଥା, ସବୁ ଚଢାଉ, ସବୁ ସାମ୍ବାଦିକ ସମ୍ମିଳନୀ ଏବଂ 'ଆମେ ଅପାରାଧୀଙ୍କୁ ଧରିଲୁ' ଅଭିଯାନ ସବୁ ଫମ୍ପା ମନେହେବ।

### ନକଲି ବାବୁ

ନିକଟରେ ଉତ୍ତରପ୍ରଦେଶରେ ନକଲି ଆଇଏଏସ୍ ଅଧିକାରୀ ସୌରଭ ତ୍ରିପାଠୀଙ୍କୁ ଗିରଫ କରାଯାଇଛି। ସୌରଭ ନିଜକୁ ଜଣେ ଆଇଏଏସ୍ ଅଧିକାରୀ ପରିଚୟ ଦେଇ ଲକ୍ଷ୍ନୌରେ ବିନା ବାଧାରେ ବୁଲୁଥିଲେ। ତାଙ୍କ ପାଖରେ ସିଲ୍, ପାସ୍ ଓ ଜଣେ କର୍ମଚାରୀ ମଧ୍ୟ ଥିଲେ। ଦେଖିବାକୁ ଗଲେ ଏକ ଉଚ୍ଚସ୍ତରୀୟ ବୈଠକରେ ବରିଷ୍ଠ ଅଧିକାରୀଙ୍କ ସହ ବସିବା ଏବଂ ଅଧିକାରୀଙ୍କ ନିଯୁକ୍ତି ଉପରେ ବୁଝାମଣା କରିବା କେବଳ ଗୋଟିଏ ପ୍ଲାଷ୍ଟିକ ଆଇକାର୍ଡ ଦେଖାଇ କରିହେବ ନାହିଁ। ବ୍ୟବସ୍ଥା ତ୍ରୁଟିପୂର୍ଣ୍ଣ ଥିଲେ କିମ୍ବା ତା' ଭିତରେ ଥିବା ବ୍ୟକ୍ତିମାନେ ତାଙ୍କ ସହ ରହିଲେ ଏହା ସମ୍ଭବ ହେବ। ତ୍ରିପାଠୀଙ୍କ ଡାଏରୀ, କଲ୍ ରେକର୍ଡ ଏବଂ ଆର୍ଥିକ କାରବାର କେବଳ ତାଙ୍କ ଖୁସିକୁ ପ୍ରକାଶ କରିନାହିଁ, ବରଂ ଜଣେ ଠକଙ୍କୁ ଗାଡ଼ିରେ ବୁଲିବାକୁ ଅନୁମତି ଦେଇ ପୋଲିସ ଅଧିକାରୀମାନେ କେମିତି ଖୁସି ହୋଇପାରନ୍ତି, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଆଉ ଗୋଟିଏ ବିଷୟକୁ ଏଠାରେ ଅଣଦେଖା କରିହେବ ନାହିଁ। କୌଣସି ସରକାରୀ କ୍ଷମତା ନ ଥିବା ବ୍ୟକ୍ତି ବଦଳି ଓ ପଦୋନ୍ନତିରେ ଦଲାଲ ପାଲଟିବା ଜଣାପଡ଼ିଛି। କେବଳ ଛଦ୍ମବେଶରେ ସେ ଧୁରନ୍ଧର ଥିବାରୁ ତାଙ୍କ ଠକେଇ ଠିକ୍ ଭାବେ କାମ କରିଛି ତାହା ନୁହେଁ, ବରଂ ପୋଲିସ ବ୍ୟବସ୍ଥାରେ ତାଙ୍କୁ ସମର୍ଥନ କରୁଥିବା ଅନେକଙ୍କ ପାଇଁ ଏହା ଘଟିଛି। ପୋଲିସ ଏବେ ଜବତ ହୋଇଥିବା କାର୍ ଓ ସିଲ୍‌ଗୁଡ଼ିକୁ ପ୍ରଦର୍ଶନ କରିପାରେ, କିନ୍ତୁ ଯେଉଁ ଅଧିକାରୀମାନଙ୍କ ସହଯୋଗରେ ଠକ ଏସବୁ କରିବାକୁ ସକ୍ଷମ ହେଲେ, ସେମାନଙ୍କ ନାମ ତଦନ୍ତରେ ପ୍ରକାଶ କରି ଲଜ୍ଜିତ ନ କରିବା ଯାଏ ଏହି ଘଟଣା କେବଳ ଜଣେ ଠକ ଦ୍ୱାରା ହୋଇଛି ବୋଲି କହିହେବ ନାହିଁ। ଏଥିରେ ଅମଲାତନ୍ତ୍ରର ବୁଝାମଣା ରହିଛି, ଯେଉଁଥିରେ ଜଣେ ଠକ ବାବୁ ତିଷ୍ଠିବାକୁ ସକ୍ଷମ ହୋଇପାରିଲେ।

Email: dilipcherian@gmail.com

su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | 4 | 7 | 2 | | | | | |
| | | | | 6 | 4 | 5 | | |
| | | 6 | | | | 8 | | 2 |
| | | | 8 | | 2 | | 3 | |
| | | | | | | 7 | | 1 |
| | 7 | 2 | | | | 6 | | 8 |
| | 9 | | | | | 1 | | |
| | 2 | | | | | | | |
| 6 | | | 1 | | 5 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 1 | 9 | 3 | 7 | 8 | 6 | 5 | 2 |
| 7 | 5 | 6 | 4 | 9 | 2 | 8 | 3 | 1 |
| 8 | 3 | 2 | 5 | 6 | 1 | 7 | 9 | 4 |
| 6 | 4 | 7 | 8 | 1 | 3 | 5 | 2 | 9 |
| 1 | 9 | 5 | 2 | 4 | 6 | 3 | 8 | 7 |
| 3 | 2 | 8 | 9 | 5 | 7 | 1 | 4 | 6 |
| 9 | 8 | 1 | 6 | 2 | 5 | 4 | 7 | 3 |
| 2 | 6 | 3 | 7 | 8 | 4 | 9 | 1 | 5 |
| 5 | 7 | 4 | 1 | 3 | 9 | 2 | 6 | 8 |

ଗତକାଲିର ଉତ୍ତର

# ଆଧାର: ଏକ ଅନାବଶ୍ୟକ ଯୋଜନା



ସୌଭାଗ୍ୟ ସୁନ୍ଦରରାୟ

ଗତ ଅଗଷ୍ଟ ୧୦ ତାରିଖରେ ଆଇଆଇଟି-ରୁର୍କିର ପ୍ରାୟ ୩୦ ହଜାର ଛାତ୍ରୀଛାତ୍ରଙ୍କ ବ୍ୟକ୍ତିଗତ ତଥ୍ୟ ସାର୍ବଜନୀନ ହୋଇଯାଇଛି। ଏହି ପ୍ରଘଟ ସମ୍ପର୍କରେ ଅନୁଧ୍ୟାନ ପାଇଁ ଏକ ଆଭ୍ୟନ୍ତରୀଣ କମିଟି ଗଠନ କରାଯାଇଛି। ଆଇଆଇଟି-ରୁର୍କି ହେଉଛି ଦେଶର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ। ଏଭଳି ଏକ ଶିକ୍ଷାନୁଷ୍ଠାନ ନିଜ ତଥ୍ୟକୁ ସୁରକ୍ଷା ଦେଇପାରୁ ନାହିଁ ବା ଗୋପନୀୟତା ବଜାୟ ରଖିପାରୁ ନାହିଁ। ଏପ୍ରକାର ପରିସ୍ଥିତିରେ ଆଧାର ତଥ୍ୟ ଗୋପନୀୟତା ଉପରେ ମଧ୍ୟ ପ୍ରଶ୍ନବାଚୀ ଉଠିବା ସ୍ୱାଭାବିକ। ଯଦି ଭାରତୀୟଙ୍କ ପରିଚୟର ଏକାଧିକ ପ୍ରମାଣପତ୍ର ରହିଛି, ତାହାହେଲେ ଆଧାରକୁ ଆଉ ଏକ ପରିଚୟପତ୍ର ଭାବେ ସଂଯୋଗ କରାଯିବାର କି ଆବଶ୍ୟକତା ପଡ଼ିଲା? ଆଧାରର ଡାଟା ଗୋପନୀୟତା ଅଦ୍ୟାବଧି ସ୍ୱଚ୍ଛ ନୁହେଁ। ଆଖି ଡୋଳାର ଫଟୋ ସହ ଦୁଇ ପାପୁଲିର ଦଶ ଆଙ୍ଗୁଠି ଛାପ ଆଧାରରେ ନିଆଯାଉଛି। ଏହାର ଆବଶ୍ୟକତା କ'ଣ? ବୃଦ୍ଧାଙ୍ଗୁଳି ଟିପ ଚିହ୍ନ ସବୁ ସମସ୍ୟାର ସମାଧାନ କରିପାରିବ ବୋଲି ଆମେ ଜାଣୁ, ଯାହା ଅତୀତରେ ହେଉଥିଲା। ଏହି ଛାପ ସର୍ବାଧିକ ଭରସା ଓ ବିଶ୍ୱାସଯୋଗ୍ୟ। ତେବେ କେଉଁ ବୈଷୟିକବିତ୍ ଦଶ ଅଙ୍ଗୁଳିଚିହ୍ନ ପରିକଳ୍ପନା କଲେ ତାହା ଅଦ୍ୟାବଧି ଅସ୍ପଷ୍ଟ। ଦଶ ଅଙ୍ଗୁଳି ଛାପ ରହିବ, ଫଟୋ ରହିବ, ସ୍ୱାକ୍ଷର ରହିବ ଏବଂ ଯେକୌଣସି ସମୟରେ ମଧ୍ୟ ସଂଶୋଧନ ହେବ। ଏହା ଅଜବ ବିଷୟ।

ସମ୍ପ୍ରତି ଆଧାର ପଞ୍ଜୀକରଣ ୟୁଆଇଡିଏଆଇ ଦ୍ୱାରା କରାଯାଉଛି। ୟୁଆଇଡିଏଆଇ କେନ୍ଦ୍ର ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଦ୍ୱାରା ପରିଚାଳିତ। ଆଧାର ପ୍ରକଳ୍ପର ପରିକଳ୍ପନା ୨୦୦୬ ମସିହାରେ କରାଯାଇଥିଲା। ଏହି ସମୟ ଥିଲା କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାରର ପ୍ରଥମ ପାଳି। ପ୍ରଧାନମନ୍ତ୍ରୀ ଥିଲେ ଡ. ମନମୋହନ ସିଂ। ସେ ସମୟରେ ଦେଶରେ ବିପିଏଲ୍ ପଞ୍ଜୀକରଣରେ ବହୁ ନକଲି ହିତାଧିକାରୀ ରହିଥିବା ଜଣାପଡ଼ିବା ପରେ ପ୍ରକୃତ ହିତାଧିକାରୀଙ୍କ ଏକ ତଥ୍ୟପୂର୍ଣ୍ଣ ତାଲିକା ପ୍ରସ୍ତୁତ କରିବାକୁ ଏହି ପ୍ରକଳ୍ପର ପରିକଳ୍ପନା କରାଯାଇଥିଲା। ପରୀକ୍ଷାମୂଳକ ଭାବେ ଡିଜିଟାଲ ମାଧ୍ୟମରେ ତଥ୍ୟ ରଖିବା ନିମନ୍ତେ ଏହି ଚିନ୍ତା କରାଯାଇଥିଲା। ଏହାର ଲକ୍ଷ୍ୟ ସୀମିତ ଥିଲା। ପ୍ରକଳ୍ପକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ ସମ୍ପର୍କରେ ବିଶେଷ କିଛି ଚିନ୍ତା କରାଯାଇ ନ ଥିଲା। ଏହା ଉପରେ ତର୍ଜମା ଜାରି ରହିଥିଲା। ବିଭିନ୍ନ ସ୍ତରରେ ବିଚାର ଆଲୋଚନା ଚାଲିଥିଲା। କାରଣ ଦେଶରେ ଡିଜିଟାଲ ବା ଇଲେକ୍ଟ୍ରୋନିକ୍ସ ତଥ୍ୟ ସୁରକ୍ଷା କେତେ ଗୋପନୀୟ ତାହା ଜଣା ନ ଥିଲା କି ପରୀକ୍ଷିତ ହୋଇ ନ ଥିଲା। ୨୦୧୪ରେ ୟୁପିଏ ସରକାରର ପତନ ଘଟିଲା। କେନ୍ଦ୍ରରେ କ୍ଷମତାସୀନ ହେଲା ଭାରତୀୟ ଜନତା ପାର୍ଟି (ଭାଜପା) ନେତୃତ୍ୱାଧୀନ ଏନ୍‌ଡିଏ ସରକାର। ୨୦୧୬ ମସିହା ବଜେଟ ଅଧିବେଶନ ସମୟରେ ପାର୍ଲାମେଣ୍ଟରେ ଆଧାର ବିଲ୍ ଗୃହୀତ କରାଇ ଏହାକୁ ଏକ ଐତିହାସିକ ପଦକ୍ଷେପ ବୋଲି ବର୍ଣ୍ଣନା କଲେ ନୂଆ ସରକାର। ଆଧାର ଓ ଜିଏସ୍‌ଟି ପରିକଳ୍ପନା ୟୁପିଏ ସରକାର ଅମଳର। ସହମତି ଅଭାବରୁ ଏହା କାର୍ଯ୍ୟକାରୀ ହୋଇ ନ ଥିଲା। କାରଣ ଆଧାରରେ ବ୍ୟକ୍ତିଗତ ତଥ୍ୟ ସୁରକ୍ଷିତ ନୁହେଁ ବୋଲି ବିରୋଧୀ ଦଳ ଭାବେ ଭାଜପା ପକ୍ଷରୁ ଅଭିଯୋଗ କରାଯାଇଥିଲା। କିଛି ମାମଲା ମଧ୍ୟ ଅଦାଲତକୁ ଯାଇଥିଲା। ତେବେ ଭାଜପା କ୍ଷମତାସୀନ ହେବା ପରେ ପୂର୍ବ ଆଧାରକୁ ପାର୍ଲାମେଣ୍ଟରେ 'ଅର୍ଥ ବିଲ୍' ଭାବେ ଗୃହୀତ କରାଇଲେ। ଏହା ଏକ ଅସଙ୍ଗତ ପ୍ରକ୍ରିୟା ଥିଲା। ରାଜ୍ୟ ସଭାକୁ ଏଡ଼ାଇବା ଉଦ୍ଦେଶ୍ୟରେ ଅର୍ଥ ବିଲ୍ ଭାବେ ଏହାକୁ ଗୃହୀତ କରାଗଲା। ଏପରି ବ୍ୟବସ୍ଥାରେ ମନମୋହନ ବିଶ୍ୱାସ କରୁ ନ ଥିଲେ। ଉଭୟ ସହଯୋଗୀ ଓ ବିରୋଧୀ ଦଳକୁ ବିଶ୍ୱାସକୁ ଏହି ପ୍ରକଳ୍ପ ଦେଶବ୍ୟାପୀ କରିବା ପାଇଁ ସେ ଚାହିଁଥିଲେ। କାରଣ ଦେଶରେ ଇଲେକ୍ଟ୍ରୋନିକ୍ସ ବ୍ୟବସ୍ଥାରେ ତଥ୍ୟ ଗୋପନୀୟତା ନେଇ ସେ ସନ୍ଦେହରେ ଥିଲେ। ପରିକଳ୍ପନାଟି ବାସ୍ତବ ରୂପ ନେଇପାରିବ କି ନାହିଁ ତାହା ଉପରେ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତ ଆସିବା ପୂର୍ବରୁ ଭାଜପା ନେତୃତ୍ୱାଧୀନ ସରକାର ଏହାକୁ ପାର୍ଲାମେଣ୍ଟରେ ଗୃହୀତ କରାଇ ବାହାବା ନେବାକୁ ଚାହିଁଲେ। ଏହାର ମୁଖ୍ୟ ବିଦ୍ଧାଣି ଥିଲେ ତତ୍କାଳୀନ ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ। ଏବେ ପରିଣାମ ଜଳଜଳ ହୋଇ ଦେଖାଯାଉଛି।



ବିହାରରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସମୟରେ ଆଧାରକୁ କାହିଁକି ନିର୍ବାଚନ କମିଶନ ନାଗରିକ ପ୍ରମାଣପତ୍ର ଭାବେ ଗ୍ରହଣ କରିଲେ ନାହିଁ? ପ୍ରଥମେ ନିର୍ବାଚନ କମିଶନ କହିଲେ, ବହୁ ଆଧାର ନକଲି। ଆଧାର ନକଲି ହେଲା କିପରି? ଏଥିପାଇଁ କିଏ ଦାୟୀ ରହିବ? ତା'ପରେ କହିଲେ ଏହା ନାଗରିକ ପ୍ରମାଣପତ୍ର ନୁହେଁ, ପରିଚୟ ପ୍ରମାଣପତ୍ର। ଅର୍ଥାତ୍ ନାଗରିକ ପ୍ରମାଣପତ୍ର ନିର୍ବାଚନ କମିଶନ ଦେବେ, ପରିଚୟ ପ୍ରମାଣପତ୍ର ୟୁଆଇଡିଏଆଇ ଦେବ। ପରିଶେଷରେ ଆଧାରକୁ ପରିଚୟ ପ୍ରମାଣପତ୍ର ହେଉ ବା ନାଗରିକତା ପ୍ରମାଣପତ୍ର ହେଉ, ବିହାର ମତଦାନ ନିମନ୍ତେ ଏହା ଗ୍ରହଣ କରିବାକୁ ଅଦାଲତ ନିର୍ଦ୍ଦେଶ ଦେଲେ। ଏହି ପରିପ୍ରେକ୍ଷୀରେ ଆଧାରର ବୈଧତା, ଏହାର କାର୍ଯ୍ୟଧାରା ଓ ସାମ୍ବିଧାନିକ ସ୍ଥିତି ନେଇ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ଶିଶୁ ଜନ୍ମରୁ ଆଧାର କରିବା ପାଇଁ ବାଧ୍ୟ କରାଯାଉଛି। ପୁନର୍ବାର ୫ ବର୍ଷରେ ପୁଣିଥରେ ଆଧାର କରିବା ପାଇଁ ବାଧ୍ୟ କରାଯାଉଛି। ଆଧାର ନମ୍ବର ଜରିଆରେ ବିଭିନ୍ନ କଲ୍ୟାଣକାରୀ ଯୋଜନାର ପାଣ୍ଠି ହସ୍ତାନ୍ତର କରାଯାଉଛି। କୌଣସି ବ୍ୟକ୍ତିଙ୍କର ଆଧାର ନମ୍ବର ଥିଲେ ମଧ୍ୟ ପୁଣିଥରେ ୟୁଏଏନ୍ ନମ୍ବର ପାଇଁ କୁହାଯାଉଛି। ଇ-କେୱାଇସି ପାଇଁ କୁହାଯାଉଛି। ଏହାଦ୍ୱାରା ଆଧାର ସଂସ୍ଥା ଉପକୃତ ହେଉଛି, ଜନସାଧାରଣ ଆର୍ଥିକ, ମାନସିକ ଓ ଶାରୀରିକ ଦୃଷ୍ଟିରୁ ହନ୍ତସନ୍ତ ହେଉଛନ୍ତି। ୫ରୁ ୧୫ ବର୍ଷ ମଧ୍ୟରେ ଥିବା ସମସ୍ତ ପିଲାଙ୍କ ବାୟୋମେଟ୍ରିକ ପାଇଁ ୟୁଆଇଡିଏଆଇ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ତାହାହେଲେ ୟୁଆଇଡିଏଆଇ କ'ଣ ଦେଶରେ ଜାତୀୟ ଜନସଂଖ୍ୟା ତାଲିକା ବା ଏନ୍‌ପିଏ ପ୍ରସ୍ତୁତ କରୁଛି କି?

ଭାରତରେ ଜନ୍ମମୃତ୍ୟୁ ପଞ୍ଜୀକରଣ ବ୍ୟବସ୍ଥା ରହିଛି। ଏହା ଜନ୍ମମୃତ୍ୟୁ ପଞ୍ଜୀକରଣ ଆଇନ- ୧୯୬୯ ଅନୁଯାୟୀ ହୋଇଥାଏ। ଏହା କିଛି ମାତ୍ରାରେ ଜନସଂଖ୍ୟା ବୃଦ୍ଧି ଓ ହ୍ରାସର ସୂଚନା ପ୍ରଦାନ କରିବାରେ ସମର୍ଥ।

ଦେଶରେ ପ୍ରତି ୧୦ ବର୍ଷରେ ଜନଗଣନାର ବ୍ୟବସ୍ଥା ରହିଛି। ଏହା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ରେଜିଷ୍ଟ୍ରାର ଜେନେରାଲ ଓ ସେନ୍‌ସସ୍ କମିଶନର କରିଥାନ୍ତି। ଏହାଦ୍ୱାରା ଦଶନ୍ଧି ଜନସଂଖ୍ୟାର ହିସାବ ସହ ଆର୍ଥିକ ଓ ସାମାଜିକ ତଥ୍ୟ ମିଳିଥାଏ। ଏଥିରେ ଜନ୍ମମୃତ୍ୟୁ ପଞ୍ଜୀକରଣକୁ ସଂଯୋଗ କରାଗଲେ ନିୟମିତ ଜନସଂଖ୍ୟାର ହିସାବ କେତେକାଂଶରେ ମିଳିପାରନ୍ତା। ଭାରତୀୟ ନିର୍ବାଚନ କମିଶନ ଦେଶରେ ନାଗରିକ ଗଣନା କରି ପରିଚୟପତ୍ର ପ୍ରଦାନ କରିଥାନ୍ତି। ଏହାପରେ ରାଶନ କାର୍ଡ, ପ୍ୟାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍‌ସ, ଜମି ପଟ୍ଟା ଆଦିକୁ ପରିଚୟ ପ୍ରମାଣପତ୍ର ଭାବେ ଗ୍ରହଣ କରାଯାଇ ଆସୁଛି। ଦେଶରେ ଏତେ ସାମ୍ବିଧାନିକ ସଂସ୍ଥା କାର୍ଯ୍ୟ କରୁଥିବାବେଳେ ୟୁଆଇଡିଏଆଇ ପ୍ରତିଷ୍ଠାର ଉଦ୍ଦେଶ୍ୟ ଅଦ୍ୟାବଧି ସ୍ପଷ୍ଟ ନୁହେଁ। ଏହା ବିପିଏଲ୍, ରାଶନ କାର୍ଡ ପରି ଅନ୍ୟ ଏକ ପରିଚୟପତ୍ର ଭାବେ ବିବେଚିତ ହେଉଛି। ତାହାହେଲେ ଆଧାରକୁ ଏତେ ଗୁରୁତ୍ୱ କାହିଁକି ପ୍ରଦାନ କରାଯାଉଛି? ଏଥିରେ ଏକ ୟୁନିକ୍ ବା ଅନନ୍ୟ ନମ୍ବର ରହିଛି ବୋଲି କୁହାଯାଉଛି। ୟୁଆଇଡିଏଆଇକୁ ଏକ ସମାନ୍ତରାଳ ଜନଗଣନା ସଂସ୍ଥା ଭାବେ ଆମେ ଧରିପାରିବା କି? ନା। କାରଣ ଜନଗଣନା କାର୍ଯ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦ୍ୱାରା ହୋଇଥାଏ। ୟୁଆଇଡିଏଆଇ ଭିନ୍ନ ଏକ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ। ଏହା କୁଆଡ଼େ ଜନସାଧାରଣଙ୍କ ସମ୍ପୂର୍ଣ୍ଣ ତଥ୍ୟ ରଖିଥାଏ ଏବଂ ନମ୍ବର ପ୍ରଦାନ କରିଥାଏ। ଏହା ତଥ୍ୟ ଗୋପନୀୟ ରଖିବାରେ କେତେ ସମର୍ଥ ସେ ସମ୍ପର୍କିତ ମାମଲା ସୁପ୍ରିମକୋର୍ଟରେ ବିଚାର ଅପେକ୍ଷାରେ ରହିଛି। ଦେଶର ପ୍ରମୁଖ ବୈଷୟିକ ଶିକ୍ଷାନୁଷ୍ଠାନ ରୁର୍କି ଆଇଆଇଟିରୁ ତଥ୍ୟ ପ୍ରଘଟ ହେଉଛି ସେ ସମୟରେ ୟୁଆଇଡିଏଆଇ ତଥ୍ୟ ଗୋପନୀୟତାକୁ କିପରି ବିଶ୍ୱାସକୁ ନିଆଯାଇପାରିବ। ନାଗରିକ ପରିଚୟ ଓ ଜନସୁମାରି ପାଇଁ ଦେଶରେ ଏକାଧିକ ସଂସ୍ଥା କାର୍ଯ୍ୟ କରୁଥିବାବେଳେ ୟୁଆଇଡିଏଆଇର କିଛି ଆବଶ୍ୟକତା ନାହିଁ ବୋଲି ଜନତା ଅନୁଭବ କରୁଛନ୍ତି।

ମୋ: ୯୪୩୭୨୨୯୨୩୩

# ଗାଜାରେ ଭୋକର ସଂଜ୍ଞା



ଲଳିତେନ୍ଦୁ ପଲାଉରୀ

ହମାସ-ଇସ୍ରାଏଲ ଯୁଦ୍ଧରେ ୬୫ହଜାରରୁ ଅଧିକ ଗାଜାବାସୀଙ୍କ ମୃତ୍ୟୁ ହେଲାଣି। ଏମାନେ ବାରମ୍ବାର ବିସ୍ଥାପିତ ହେଉଛନ୍ତି। ଗାଜାରେ ପ୍ରମୁଖ ସମସ୍ୟା ପାଲଟିଛି ଖାଦ୍ୟ ସଙ୍କଟ। ମୁଠାଏ ଦାନା ପାଇଁ ଏମାନେ ଗାଜା ହ୍ୟୁମାନିଟାରିଆନ ଫାଉଣ୍ଡେଶନ ସହାୟତା କେନ୍ଦ୍ର ନିକଟରେ ଲମ୍ବା ଲାଇନ୍‌ରେ ଘଣ୍ଟାଘଣ୍ଟା ଧରି ଅପେକ୍ଷା କରୁଛନ୍ତି। ବୁଭୁକ୍ଷୁଙ୍କୁ ଇସ୍ରାଏଲ ସେନା ଖାଦ୍ୟ ବଦଳରେ ଗୁଳିମାଡ଼ କରୁଛି। ଗତ ଜୁନ ମାସର ତଥ୍ୟ କହୁଛି ଖାଦ୍ୟ ବଣ୍ଟନ କେନ୍ଦ୍ର ନିକଟରେ ଆହାର ମୁଠାଏ ପାଇଁ ଚାତକ ଭଳି ଚାହିଁ ରହିଥିବା ଗାଜାର ୧୧ଶହରୁ ଅଧିକ ସାଧାରଣ ଲୋକଙ୍କୁ ଇସ୍ରାଏଲ ସେନା ଗୁଳିମାରି ହତ୍ୟା କରିଛି। ବିଶେଷ କରି ନାବାଳକ, ମହିଳା, କୋଳରେ ଛୁଆ ଧରିଥିବା ମା'ମାନଙ୍କୁ ଟାର୍ଗେଟ କରୁଛି ଇସ୍ରାଏଲ ସେନା।

ଜୁନ୍ ପ୍ରଥମ ସପ୍ତାହରେ ରାଫାର ଏକ ଖାଦ୍ୟ ବିତରଣ କେନ୍ଦ୍ର ନିକଟରେ ଇସ୍ରାଏଲ ଟ୍ୟାଙ୍କ ବର୍ବରୋଚିତ ଭାବେ ଆଖିବୁଜା ଗୁଳିମାଡ଼ କରିଥିଲା। ଘଟଣାସ୍ଥଳରେ ହିଁ ୩୦ ଜଣଙ୍କର ଜୀବନ ଯାଇଥିଲା। ୧୫୦ରୁ ଅଧିକ ଆହତ ହୋଇଥିଲେ। ଗତ ଜୁଲାଇ ଦ୍ୱିତୀୟ ସପ୍ତାହରେ ମଧ୍ୟ ଅନୁରୂପ ଘଟଣା ଘଟିଛି। ଭୋକ ସହି ନ ପାରି ପାଲେଷ୍ଟାଇନର ଏକ ଫୁଡ୍ ସେଣ୍ଟର ନିକଟରେ ଅପେକ୍ଷା କରିଥିବା ୪୩ଜଣଙ୍କ ମୃତ୍ୟୁ ହୋଇଛି। ତେବେ ଗାଜାବାସୀଙ୍କ ସ୍ଥିତି ନେଇ ଇସ୍ରାଏଲ ଓଲଟା ହମାସକୁ ଦୋଷ ଦେଇଛି। ଜାଣିଶୁଣି ହମାସ ସହ ଜଡ଼ିତ ଗାଜାର କିଛି ଲୋକ ଖାଦ୍ୟ ସେଣ୍ଟରଗୁଡ଼ିକରେ ଦଳାଚକଟା ସ୍ଥିତି ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଇସ୍ରାଏଲ କହିଛି। ସାଧାରଣ ଲୋକଙ୍କୁ ଖାଦ୍ୟ ବଣ୍ଟନ ନାଁରେ ସେମାନଙ୍କୁ ମୃତ୍ୟୁର ଫାଶ ଭିତରକୁ ଜାଣିଶୁଣି ଇସ୍ରାଏଲ ଟାଣି ଆଣୁଛି ଓ ଗମ୍ଭୀର ମାନବୀୟ ସ୍ଥିତି ସୃଷ୍ଟି କରିଛି ବୋଲି ଜାତିସଂଘ ଉଦ୍‌ବେଗ ପ୍ରକାଶ କରିଛି। ଗାଜାର ଏହି ଘଟଣା ଜାତିସଂଘରେ ବର୍ଣ୍ଣନା କରିବା ସମୟରେ କାନ୍ଦି ପକାଇଥିଲେ ପାଲେଷ୍ଟାଇନ ରାଷ୍ଟ୍ରଦୂତ ରିଆଦ ମନ୍‌ସୁର। ଗାଜାରେ କ୍ଷୁଧା ପୀଡ଼ିତ କୁନିକୁନି ପିଲା ସେମାନଙ୍କ ମା'ମାନଙ୍କ ମୁହଁକୁ ବିକଳ ଭାବେ ଚାହିଁ ଖାଦ୍ୟ ପାଇଁ କ୍ରନ୍ଦନ କରୁଥିବା ଦୃଶ୍ୟ ଅତ୍ୟନ୍ତ ମର୍ମସ୍ପର୍ଶୀ। କେବଳ ଶିଶୁମାନେ କାହିଁକି ଭୋକିଲା ପେଟରେ ଥିବା ମା'ମାନେ ସେମାନଙ୍କର ନିଷ୍ପ୍ରଭ ଶିଶୁମାନଙ୍କୁ କୁଣ୍ଢାଇ ଧରି କେବଳ କୋହଭରା କଣ୍ଠରେ ସାନ୍ତ୍ୱନା ଦେବା ଛଡ଼ା ସେମାନଙ୍କ ପାଖରେ କିଛି ନ ଥିବା ଜାତିସଂଘରେ ରିଆଦ ମନ୍‌ସୁର ବର୍ଣ୍ଣନା କରିଥିଲେ। ନିଜର ଭବିଷ୍ୟତ ପିଢ଼ିକୁ ଖାଦ୍ୟ ମୁଠାଏ ଦେଇପାରୁ ନ ଥିବା, ସେମାନଙ୍କ ଯନ୍ତ୍ରଣାଦାୟକ ସ୍ଥିତି କେବଳ ସେମାନଙ୍କ ସହ ଥିବା ଲୋକ ହିଁ କହିପାରିବ ବୋଲି କହିଥିଲେ ରିଆଦ। ତେଣୁ ଯୁଦ୍ଧ କ୍ଷୁଧାର୍ତ୍ତ ପାଲେଷ୍ଟିନୀୟଙ୍କ ଭବିଷ୍ୟତକୁ ବିକଳାଙ୍ଗ କରି ଦେଇଛି। ସେମାନେ ବାରମ୍ବାର ବିଶ୍ୱକୁ କହୁଛନ୍ତି ଆମେ ବି



ମଣିଷ। ଆମର ବି ମାତୃଭୂମି ରହିଛି। ଆମକୁ ମଧ୍ୟ ଅନ୍ୟମାନଙ୍କ ପରି ଆତ୍ମସମ୍ମାନ ଓ ଅଧିକାର ମିଳିବା ଉଚିତ। ଆମର ଅସହ୍ୟ ଦୁଃଖ ଓ ଯନ୍ତ୍ରଣାରେ ବିଶ୍ୱ କାହିଁକି ନୀରବ ବୋଲି ସେମାନେ ପ୍ରଶ୍ନ କରୁଛନ୍ତି।

ଗତ ମାର୍ଚ୍ଚ ମାସରେ ଇସ୍ରାଏଲ ଯୁଦ୍ଧ ବିରତି ଭଙ୍ଗ ପରଠାରୁ ଗାଜାର ସ୍ଥିତି ଅଧିକ ସଙ୍ଗିନ ହୋଇପଡ଼ିଛି। ଗତ ୪ ମାସ ମଧ୍ୟରେ ୫ହଜାରରୁ ଅଧିକ ପାଲେଷ୍ଟାଇନ ଶିଶୁ ଖାଦ୍ୟ ଅଭାବ, କୁପୋଷଣ ଆଉ ସ୍ୱାସ୍ଥ୍ୟସେବା ନ ପାଇ ମୃତ୍ୟୁବରଣ କରିଛନ୍ତି। ଦୀର୍ଘଦିନର ଯୁଦ୍ଧ ଭିତରେ ଗାଜାର ୭୦ପ୍ରତିଶତରୁ ଅଧିକ ଭିତ୍ତିଭୂମି ନଷ୍ଟ ହୋଇସାରିଛି। ୮୫ପ୍ରତିଶତ ଗାଜାବାସୀ ବାସହୀନ। କିନ୍ତୁ ଇସ୍ରାଏଲ ସେନା ହମାସ ବିରୋଧରେ 'ଟାର୍ଗେଟ ଅପରେଶନ' ଜାରି ରଖିବା ସହ ନିରୀହ ଗାଜାବାସୀଙ୍କୁ ହତ୍ୟା କରି ଚାଲିଛି। ନିକଟରେ ଗାଜାର କିଣ୍ଡରଗାର୍ଟେନ ସ୍କୁଲ, ଶରଣାର୍ଥୀ ଶିବିର ଓ ହସ୍ପିଟାଲଗୁଡ଼ିକ ଉପରେ ମଧ୍ୟ ବୋମାମାଡ଼ ଓ ରକେଟ ମାଡ଼ ଜୋରଦାର କରିଛି ଇସ୍ରାଏଲ। ହମାସ ଓ ଇସ୍ରାଏଲ ମଧ୍ୟରେ ସ୍ଥାୟୀ ଅସ୍ତ୍ରବିରତି ନେଇ ଆମେରିକା ଓ ଆରବ ଦେଶ ଦ୍ୱାରା ବାରମ୍ବାର ପ୍ରୟାସ ବିଫଳ ହୋଇ ଚାଲିଛି। ଗାଜାରୁ ଆତଙ୍କୀ ସଂଗଠନ ହମାସର ମୂଳୋତ୍ପାଟନ ନ ହେବା ଯାଏ ଯୁଦ୍ଧ ଏଭଳି ଜାରି ରହିବ ବୋଲି କହିଛନ୍ତି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ। ଜାତିସଂଘ ଓ ମାନବାଧିକାର ସଂଗଠନ ଗାଜାରେ ମାନବୀୟ ସଙ୍କଟ ନେଇ ଉଦ୍‌ବେଗ ପ୍ରକାଶ କରୁଛି। କିନ୍ତୁ କୌଣସି ଆଖିଦୃଶିଆ ପଦକ୍ଷେପ ନେଇପାରୁନି। ଏଭଳି ସ୍ଥିତିରେ ହମାସକୁ ମୁକାବିଲା ପାଇଁ ଗାଜାରେ ଇସ୍ରାଏଲ ଛିଡ଼ା କରିଛି ନୂଆ ହମାସ ଗୋଷ୍ଠୀ। ଗାଜାରୁ ହମାସର ଚେର ଉପାଡ଼ିବାକୁ ପପୁଲାର ଫୋର୍ସେସ ନାମକ ଏକ ମିଲିସିଆ ସଂଗଠନକୁ ଦାୟିତ୍ୱ ଦେଇଛି ଇସ୍ରାଏଲ। ହମାସର ମୁକାବିଲା ପାଇଁ ଏହି ଉଗ୍ରବାଦୀ ସଂଗଠନକୁ ହତିଆର ବି ଯୋଗାଉଛି ଇସ୍ରାଏଲ। ଏହି ସଂଗଠନ ଦକ୍ଷିଣ ଗାଜାରେ ବେଶ୍ ସକ୍ରିୟ। ଗାଜାକୁ ଦୀର୍ଘ ୨ ଦଶନ୍ଧିରୁ ଅଧିକ ସମୟ ହେଲା ହମାସ କବ୍‌ଜା କରି ରଖିଛି। ହମାସ ଆତଙ୍କୀଙ୍କୁ ମୂଳପୋଛ ପାଇଁ ଇସ୍ରାଏଲର ପ୍ରୟାସ ସଫଳ ହୋଇପାରୁନି। ଏଭଳି ସ୍ଥିତିରେ ଇସ୍ରାଏଲକୁ ଅନେକ ମୁସଲମାନ ବହୁଳ ଦେଶ ଆଲଜେରିଆ, ବାଂଲାଦେଶ, ଇରାକ, ଇରାନ, କୁଏଟ, ଲେବାନନ, ଲିବିୟା, ମାଲେସିୟା, ଓମାନ ଓ ପାକିସ୍ତାନର ବାସନ୍ଦ ଜାରି ରହିଛି। ଶେଷରେ ଏତିକି କୁହାଯାଇ ପାରେ ଯୁଦ୍ଧ ହେଉ କି ଯୁଦ୍ଧ ବିରତି କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ସ୍ୱାର୍ଥସାଧାନ ଓ ସେମାନଙ୍କ ଆତ୍ମ ବଡ଼ିମା ପାଇଁ ଲକ୍ଷଲକ୍ଷ ନିରୀହ ଜନତାଙ୍କ ଜୀବନ ରସାତଳକୁ ଚାଲିଯାଇଛି। ସାଧାରଣ ଜନତାଙ୍କ ସୁରକ୍ଷା ପାଇଁ ଥିବା ବିଶ୍ୱର ନୀତି, ନୈତିକତା,ଆଇନ-କାନୁନ୍‌ର ଲିଖିତ ବ୍ୟବସ୍ଥା ଯେମିତି କେବଳ ଧୂଆଁବାଣ ସାବ୍ୟସ୍ତ ହୋଇଛି।

ବାଲିପନ୍ତାଳ, ନଗର, ଅସ୍ତରଙ୍ଗ, ପୁରୀ
ମୋ:୯୭୭୮୬୯୭୦୩୬

## ଏଇ ଭାରତରେ

ଛତିଶଗଡ଼ ରାୟପୁରରୁ ବେଙ୍ଗାଲୁରୁକୁ ପଢ଼ିବାକୁ ଆସିଥିଲେ କପିଳ ଶର୍ମା। ସେଠାକାର ସବୁଜ ବଳୟ ଓ ସୌନ୍ଦର୍ଯ୍ୟ ତାଙ୍କୁ ଆକର୍ଷିତ କରିଥିଲା। ସେ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିବା ପରେ ରାୟପୁର ଫେରିଯାଇଥିଲେ। କିନ୍ତୁ ପରିବେଶ ପ୍ରତି ଥିବା ତାଙ୍କର ମୋହ ପୁନର୍ବାରୁ ତାଙ୍କୁ ବେଙ୍ଗାଲୁରୁକୁ ଟାଣି ଆଣିଥିଲା। ସେଠାରେ ରହି ବେଙ୍ଗାଲୁରୁର ପରିବେଶକୁ ଆହୁରି ଉନ୍ନତ କରିବା ଲାଗି ସେ ପ୍ରଥମେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ କୂଅ ଓ ହ୍ରଦ ପୁନରୁଦ୍ଧାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କପିଳ 'ଶେ ଟ୍ରିଜ୍' ଏନ୍‌ଜିଓ ଗଠନ କରି ତା' ମାଧ୍ୟମରେ ବେଙ୍ଗାଲୁରୁ ସହର ଓ ତା'ଆଖପାଖ ଗ୍ରାମାଞ୍ଚଳରେ ଏହି କାର୍ଯ୍ୟ ତ୍ୱରାନ୍ୱିତ କରୁଛନ୍ତି। ଏବେସୁଦ୍ଧା ୪୦ କୂଅ ଓ ୬ଟି ହ୍ରଦ ପୁନରୁଦ୍ଧାର କରିସାରିଲେଣି। ଏବେ ଏହି କାର୍ଯ୍ୟ କରିବା ସକାଶେ ତାଙ୍କ ସହ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଡ଼ି ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ସେପ୍ଟେମ୍ବର ୧୯୭୬

- କୃଷି ସମ୍ପ୍ରସାରଣ କର୍ମୀମାନଙ୍କର ସୂଚାରୁ କର୍ମସମ୍ପାଦନ ନିମିତ୍ତ 'ବେଲବଟମ'ର ବ୍ୟବହାର ଅନୁକୂଳ ନୁହେଁ ବୋଲି ଦର୍ଶାଇ ପଞ୍ଜାବ ସରକାର ଏହାକୁ ନିଷିଦ୍ଧ କରିଛନ୍ତି।
- ପାକିସ୍ତାନ ସରକାରଙ୍କ ସହଯୋଗ ଫଳରେ ଅପହୃତ ଭାରତୀୟ ବିମାନ ଚଳାଚଳ ସଂସ୍ଥାର ବୋଇଂ-୭୩୭ ବିମାନ ଲାହୋରରୁ ଦିଲ୍ଲୀକୁ ଫେରିଆସିଛି।
- ବ୍ୟାଙ୍କ୍‌ରେ ଜନସାଧାରଣଙ୍କ ଆମୋଦ ପ୍ରମୋଦ ସ୍ଥାନରେ ଚୁମ୍ବନ ଦେବା ନେବାକୁ ନିଷିଦ୍ଧ କରାଯାଇଛି।

## ପାଠକ ଶ୍ରେଷ୍ଠ ବିଚାରକ

### ଶ୍ରୀଜଗନ୍ନାଥଙ୍କ ଭୂସମ୍ପତ୍ତି ଫେରାଇ ଅଣାଯାଉ

ମହାଶୟ,

ମହାପ୍ରଭୁଙ୍କ ନାମରେ ରାଜ୍ୟର ୨୪ଟି ଜିଲାରେ ୬୦,୪୨୭ ଏକର ଜମି ଥିବାବେଳେ ରାଜ୍ୟ ବାହାରେ ୬ଟି ପ୍ରଦେଶରେ ୩୯୫ ଏକର ଜମି ରହିଛି। ଶ୍ରୀମନ୍ଦିର ପ୍ରଶାସନ ଦଖଲରେ ୩୮,୦୬୧ ଏକର ଜମି ରହିଥିବା ବେଳେ ଅବଶିଷ୍ଟ ୨୨,୩୬୬ ଏକର ଜମିର ସ୍ୱତ୍ୱ ମନ୍ଦିର ପ୍ରଶାସନ ବାହାରେ, ଯାହା ଉଦ୍‌ବେଗଜନକ। ମହାପ୍ରଭୁଙ୍କର ସମସ୍ତ ସମ୍ପତ୍ତି ଛଅ ମାସ ଭିତରେ ନିଜ ଦଖଲକୁ ଆଣିବାକୁ ସୁପ୍ରିମକୋର୍ଟ ୨୦୧୯ ମସିହା ନଭେମ୍ବର ୪ ତାରିଖରେ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ, ଏହା କାର୍ଯ୍ୟକାରୀ ହୋଇନାହିଁ। ଶହ ଶହ ଏକର ଜମି ବହୁ ପ୍ରଭାବଶାଳୀ ଲୋକ ଜବରଦଖଲ କରିଛନ୍ତି। ରାଜ୍ୟର ବିଭିନ୍ନ ଅଦାଲତରେ ବର୍ଷ ବର୍ଷ ଧରି ଏ ସମ୍ପର୍କିତ ଚାଲିଥିବା ମକଦ୍ଦମାର ତ୍ୱରିତ ଫଇସଲା ହେଉ। ଶ୍ରୀମନ୍ଦିର ପ୍ରଶାସନ ବେଦାନ୍ତକୁ ବିକ୍ରି କରିଥିବା ୬୦୭ ଏକର ଅମୃତମଣୋହି ଜମିକୁ ୨୦୨୩ ରେ ସୁପ୍ରିମକୋର୍ଟ ବେଆଇନ ଘୋଷଣା କରିବା ସହିତ ତୁରନ୍ତ ଫେରାଇ ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହାର ଅନୁପାଳନ ଏବେ ସୁଦ୍ଧା ବାକି ଅଛି। ରାଜ୍ୟର ୨୪ ଜିଲାରେ ଥିବା ମହାପ୍ରଭୁଙ୍କ ଜମିରୁ ୧୦ଟି ଜିଲାରୁ ରାଜଭାଗ ଆଦାୟ ହେଉଥିବା ବେଳେ ବାକି ୧୪ ଜିଲାରୁ ରାଜଭାଗ ଆଦାୟ ହେଉନାହିଁ। ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ରେକର୍ଡ ହୋଇନଥିବା ଓ ଜବରଦଖଲରେ ଥିବା ମହାପ୍ରଭୁଙ୍କ ଜମି ନିଜ ଦଖଲକୁ ଆଣିବାକୁ ପଦକ୍ଷେପ ନେବା ସହ ଶ୍ରୀମନ୍ଦିରର ଆୟ ବୃଦ୍ଧି ଲାଗି ବିଶେଷ ବ୍ୟବସ୍ଥା ଗ୍ରହଣ କରନ୍ତୁ।

-ପ୍ରତାପ କୁମାର ନାୟକ, କନପୁର, କୟାଁଗୋଲା, ମଙ୍ଗଳପୁର, ଯାଜପୁର

## ଚିରନ୍ତନୀ

ଚକିତ ଆତଙ୍କେ ଚାହିଁ ଅସ୍ତଗାମୀ ପ୍ରତୀଚୀ ମିହିରେ ।
ନିରେଖଇ ପୁଣି ଆର ତୀରେ-
କବିର କରୁଣ ଛନ୍ଦ ସମ !
ଚଉଦିଗେ ଘୋଟି ଆସେ ଧୀରେ ଧୀରେ ତମ ।
ଯୁଗ୍ମ ପକ୍ଷୀ ରବି ପାଶେ କରେ କି ମିନତି
ଆଉ କ୍ଷଣେ ବିଳମ୍ବିତ ହେବା ଲାଗି ଦ୍ରୁତ ଅସ୍ତଗତି ?
-(ଚକ୍ରବାକ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ଲାଠୋର ରଜାକଟା ନିକଟ ବୋରୱେଲର ଏକ ଟ୍ୟାପ୍‌ରୁ ଫେଣ ପାଣି ବାହାରୁଛି।

# ବୋରୱେଲରୁ ବାହାରୁଛି ଫେଣ ପାଣି

## ■ଜଳଯୋଗାଣ ବ୍ୟାହତ
## ■ପାଣି ପରୀକ୍ଷା ପାଇଁ ନମୁନା ସଂଗ୍ରହ

ଲାଠୋର,୧୨।୯ (ବ୍ୟୁରୋ ରିପୋର୍ଟ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଲାଠୋର ପଞ୍ଚାୟତ ସଦର ଗ୍ରାମ ରଜା କଟା(ପୋଖରୀ)ଠାରେ ଥିବା ଜଳ ଯୋଗାଣ ପ୍ରକଳ୍ପ ବୋରୱେଲରୁ ଶୁକ୍ରବାର ସକାଳେ ଜଳ ଯୋଗାଣ ବେଳେ ଫେଣ ପାଣି ବାହାରି ଥିଲା। ଫଳରେ ଜଳଯୋଗାଣ ବ୍ୟାହତ ହୋଇଛି। ପ୍ରକାଶ ଯେ, ସଦର ଗ୍ରାମର ସର୍ବସାଧାରଣ ସ୍ଥାନଗୁଡିକରେ ଥିବା ଟ୍ୟାପ୍ ଏବଂ ଲୋକଙ୍କ ଘରକୁ ଯାଇଥିବା ପାଇପରେ ଫେଣ ପାଣି ଆସିବା ଦେଖିବାକୁ ମିଳିଥିଲା। ଏହାଦେଖି ମନୁ କେିବର୍ତ୍ତ, ଧର୍ମେନ୍ଦ୍ର ନାଏକ, ପୃଥ୍ୱୀରାଜ ବୁଡେକ, ଶଶୀ ହଂସ, ଦୁଃଖିଶ୍ୟାମ ନିଆଲ ଓ ଡ଼ିଙ୍ଗର ବାଗ ପ୍ରମୁଖ ଲାଠୋର ସରପଞ୍ଚ ଏବଂ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ଫୋନ କରି ଘଟଣା ବିଷୟରେ ଅବଗତ କରିଥିଲେ। ଖବର ପାଇ ଏମ୍‌ପି ନୋମିନି ସନ୍ତୋଷ ଭଇଁଷାଲ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପରେ ଜଳ ଯୋଗାଣ ବିଭାଗ ମୋବାଇଲ ଭ୍ୟାନ୍‌ର କର୍ମଚାରୀମାନେ ପହଞ୍ଚି ବୋରୱେଲ ଏବଂ ଟ୍ୟାପ୍‌ମାନ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ବୋରୱେଲରୁ ପ୍ରଚୁର ପରିମାଣରେ ଫେଣ ପାଣି ବାହାରୁ ଥିବା ବିଭାଗୀୟ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। କେଉଁ କାରଣରୁ ଫେଣ ପାଣି ବାହାରୁଛି ତାହା ଜଣା ପଡ଼ିନାହିଁ। ମୋବାଇଲ ଭ୍ୟାନ କର୍ମଚାରୀମାନେ ବୋରୱେଲ ଭିତରେ ବ୍ଲିଚିଙ୍ଗ ପାଉଡ଼ର ପକାଇ ପ୍ରତି ୩ ଘଣ୍ଟା ବ୍ୟବଧାନରେ ସଫା ପାଣି ବାହାରିବା ପର୍ଯ୍ୟନ୍ତ ପାଣି ଡ୍ରେନ କରାଯିବ ବୋଲି କହିଛନ୍ତି। ବୋରୱେଲରୁ ଫେଣ ପାଣି ସଂଗ୍ରହ କରି ପରୀକ୍ଷା ପାଇଁ ପଠାଯାଇଛି। ଯେ ପର୍ଯ୍ୟନ୍ତ ପାଣିର ପରୀକ୍ଷା ରିପୋର୍ଟ ଆସିନାହିଁ ସେ ପର୍ଯ୍ୟନ୍ତ ସଦର ଗ୍ରାମର ବନ୍ଦପଡ଼ା, ଶିବମନ୍ଦିରପଡ଼ା, କାଦୋପଡ଼ା ଏବଂ ବଜାରପଡ଼ାର ଜନସାଧାରଣଙ୍କୁ ବୋରୱେଲ ପାଣି ବ୍ୟବହାର କରିବାକୁ ବାରଣ କରାଯାଇଥିବା ନେଇ ସରପଞ୍ଚ ଜୟଶ୍ରୀ ଭଇଁଷାଲ ସୂଚନା ପ୍ରଦାନ କରିଛନ୍ତି। ରଜା କଟାଠାରେ ଥିବା ଉକ୍ତ ବୋରୱେଲ ନିକଟରେ ସନ୍ଧ୍ୟା ହେଲା ମାତ୍ରେ ଅସାମାଜିକ ବ୍ୟକ୍ତିମାନେ ରୁଣ୍ଡ ହୋଇ କୋରେକ୍ସ, ମଦ, ଗଞ୍ଜେଇ ଇତ୍ୟାଦି ମାଦକ ଦ୍ରବ୍ୟ ସେବନ କରି ସେଠାରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଡ୍ଡା ଜମାଉଛନ୍ତି। ସେମାନଙ୍କ ମଧ୍ୟରୁ କେହି ବ୍ୟକ୍ତି ବୋର ୱେଲରେ କୌଣସି ପ୍ରକାର କେମିକାଲ କିମ୍ବା ସାମଗ୍ରୀ ପକେଇ ଦେଇଥିବା ଅନେକ ସ୍ଥାନୀୟ ଲୋକ ସନ୍ଦେହ କରୁଛନ୍ତି। ଏଥିପ୍ରତି ଲାଠୋର ପୋଲିସ ତତ୍ପରତା ପ୍ରକାଶ କରି ସନ୍ଧ୍ୟା ବେଳେ ରଜାକଟା ଅଞ୍ଚଳରେ ପାଟ୍ରୋଲିଂ କଡ଼ାକଡ଼ି କରିବା ଜରୁରୀ ହୋଇପଡ଼ିଛି। ଜଳ ଯୋଗାଣ ସ୍ୱାଭାବିକ ହେବା ଯାଏ ସ୍ଥାନୀୟ ଜନସାଧାରଣଙ୍କୁ ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ଯୋଗାଣର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ସିନ୍ଧେକେଲାକୁ ଏନ୍‌ଏସି ଦାବିରେ ୧୨ ଘଣ୍ଟିଆ ବନ୍ଦ ପାଳନ




ସିନ୍ଧେକେଲା ୧୨ ଘଣ୍ଟିଆ ବନ୍ଦ ପାଳନ ବେଳେ ଅନୁଷ୍ଠିତ ପ୍ରତିବାଦ ସଭା।

ବଲାଙ୍ଗୀର/ ଟିଟିଲାଗଡ଼,୧୨।୯ (ବୀରେନ୍ଦ୍ର କୁମାର ଝାଙ୍କର/ଶରତ ମିଶ୍ର)

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ସିନ୍ଧେକେଲାକୁ ନୂଆ ଏନ୍‌ଏସି ଭାବେ ଘୋଷଣା କରିବା ଦାବି ନେଇ ଶୁକ୍ରବାର ସିନ୍ଧେକେଲା ଠାରେ ୧୨ ଘଣ୍ଟିଆ ବନ୍ଦ ପାଳନ କରାଯାଇଥିଲା। ସିନ୍ଧେକେଲା ନାଗରିକ ମଞ୍ଚ ପକ୍ଷରୁ ୧୨ ଘଣ୍ଡିଆ ବନ୍ଦ ଡାକରାଦିଆଯାଇଥିଲା। ବନ୍ଦ ଡାକରା ଯୋଗୁ ସିନ୍ଧେକେଲାର ଦୋକାନ ବଜାର, ସରକାରୀ ଅଫିସ, ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ, ବ୍ୟାଙ୍କ ଓ ଗାଡି ଚଳାଚଳ ବନ୍ଦ ରହିଥିଲା। ଆନ୍ଦୋଳନକାରୀମାନେ ପ୍ରତିବାଦ ସଭା କରି ତୁରନ୍ତ ସନ୍ଧେକେଲାକୁ ଏନ୍‌ଏସି ମାନ୍ୟତା ଦେବାକୁ ଦାବି କରିଥିଲେ। ବିଜେଡି ସରକାର ସମୟରେ ସିନ୍ଧେକେଲାକୁ ଏନ୍‌ଏସି କରାଯିବ ବୋଲି ଘୋଷଣା ହୋଇଥିଲା। ମାତ୍ର ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସିନ୍ଧେକେଲାବାସୀଙ୍କ ଦାବି ପୂରଣ ହୋଇନଥିବାରୁ ଏହାକୁ ନେଇ ସଭାରେ ତୀବ୍ର ସମାଲୋଚନା କରାଯାଇଥିଲା। ବନ୍ଦ ପାଳନ ଯୋଗୁ ସ୍ୱାଭାବିକ ଜୀବନ ପ୍ରଭାବିତ ହୋଇଥିଲା।

# ସମଲେଶ୍ୱରୀ ମନ୍ଦିର ଗର୍ଭଗୃହକୁ ପଶିଲା ବର୍ଷା ପାଣି



ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରକୁ ବର୍ଷା ପାଣି ପଶିଯାଇଛି।

ବଲାଙ୍ଗୀର,୧୨।୯ (ବୀରେନ୍ଦ୍ର କୁମାର ଝାଙ୍କର)

## ■ଗୋଟିଏ ଘଣ୍ଟାର ବର୍ଷାରେ ବଲାଙ୍ଗୀର ଉବୁଟୁବୁ
## ■ପାଟଣା ଛକ ମୁଖ୍ୟ ରାସ୍ତାରେ ଆଣ୍ଠୁଏ ପାଣି, ଯାତାୟାତ ବାଧାପ୍ରାପ୍ତ

ଗୁରୁବାର ସନ୍ଧ୍ୟାରେ ହୋଇଥିବା ମାତ୍ର ଗୋଟିଏ ଘଣ୍ଟାର ବର୍ଷାରେ ବଲାଙ୍ଗୀର ସହର ଡ୍ରେନ୍ ପାଣିରେ ଉବୁଟୁବୁ ହୋଇପଡ଼ିଥିଲା। ବର୍ଷାଜଳ ସୁନାରୁ ରୂପରେ ନିଷ୍କାସିତ ହୋଇନପାରି ସହର ମୁଖ୍ୟ ରାସ୍ତା, ଦୋକାନ ବଜାର, ସମଲେଶ୍ୱରୀ ମନ୍ଦିରକୁ ଜଳମଗ୍ନ କରିଦେଇଥିଲା। ସମଲେଶ୍ୱରୀ ମନ୍ଦିର ଗର୍ଭଗୃହ ଭିତରକୁ ବର୍ଷାଜଳ ପଶିଯିବାରୁ ମନ୍ଦିର ନୀତିକାନ୍ତି ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ବର୍ଷା ବଲାଙ୍ଗୀର ସହରର ଡ୍ରେନେଜ୍ ଅବ୍ୟବସ୍ଥାକୁ ପଦାରେ ପକାଇ ଦେଇଥିଲା। ଗୁରୁବାର ସନ୍ଧ୍ୟାରେ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ବର୍ଷାରେ ସହରର ବିଭିନ୍ନ ପଡାରେ ଜଳମଗ୍ନ ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଶେଷକରି ପାଟଣା ହୋଟେଲ ଛକ ଠାରୁ ୨୬ ନମ୍ବର ଜାତୀୟ ରାଜପଥରେ ଆଣ୍ଠୁଏ ପାଣି ହୋଇଯିବାରୁ ଯିବା ଆସିବା ବାଧାପ୍ରାପ୍ତ ହୋଇଥିଲା। ରାସ୍ତାକଡ ଡ୍ରେନ୍ ପାଣି ନିଷ୍କାସିତ ହୋଇପାରିନଥିଲା। ଏହାବାଦ୍ ସହରର ବିଭିନ୍ନ ପଡାରେ ମଧ୍ୟ ରାସ୍ତା ଉପରେ ଡ୍ରେନ୍ ପାଣି ପ୍ରବାହିତ ହୋଇଥିଲା। ଯୋଜନାବିହୀନ କାମ, ଠିକାଦାରପୋଷା ନୀତି ଏବଂ ଜନପ୍ରତିନିଧିମାନଙ୍କ ଅପାରଗତା ଯୋଗୁଁ ବଲାଙ୍ଗୀର ସହର ଏବେ ଅବ୍ୟବସ୍ଥିତ ହୋଇପଡ଼ିଛି। ସମଲେଶ୍ୱରୀ ମନ୍ଦିର ନୀତିକାନ୍ତି ପ୍ରଭାବିତ ହେବାରୁ ଶ୍ରଦ୍ଧାଳୁମାନେ ଏହାକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସାମାନ୍ୟ ବର୍ଷା ହେଲେ ଲୋକଙ୍କ ଘର ଓ ମନ୍ଦିରକୁ ପାଣି ପଶିଯାଉଛି। ଗୁରୁବାର ରାତିରେ ଡ଼େର ବିଳମ୍ବରେ ବର୍ଷାପାଣି ନିଷ୍କାସିତ ହୋଇଥିଲା। ଦୀର୍ଘ ସମୟ ଧରି ବିଜୁଳି ଯୋଗାଣ ବନ୍ଦ ରହିବାରୁ ସମଗ୍ର ସହର ଅନ୍ଧକାରାଚ୍ଛନ୍ନ ହୋଇପଡିଥିଲା। କୃତ୍ରିମ ବନ୍ୟା ପରିସ୍ଥିତିକୁ ନେଇ ଲୋକେ ଘୋର ଅସନ୍ତୋଷ ପ୍ରକାଶ କରିଥିଲେ।

# ଉପଜିଲାପାଳ ଅଫିସ ଘେରାଉ

ପାଟଣାଗଡ଼,୧୨।୯ (ସଚ୍ଚିଦାନନ୍ଦ ମହାକୁର)



ବିଜେଡି କର୍ମୀମାନେ ସହକାରୀ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ପାଟଣାଗଡ଼ ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦାବି

ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା ଦାବି ଓ ୟୁରିଆ ସାର କଳାବଜାର ଓ ଅଭାବୀକୁ ନେଇ ଶୁକ୍ରବାର ସ୍ଥାନୀୟ ବିଜେଡି ପକ୍ଷରୁ ପାଟଣାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରାଯାଇଥିଲା। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉପଜିଲାପାଳ ସୁନିଲ ମେହେର ନ ଥିବାରୁ ସହକାରୀ ଜିଲାପାଳ ମନସପିଲି କେରକେଟାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ବ୍ରହ୍ମପୁରା ରଥଭଡାଠାରେ ପାଟଣାଗଡ଼ ବ୍ଲକ ଓ ଏନଏସିର ବିଜେଡି କର୍ମୀମାନେ ଏକତ୍ରିତ ହୋଇଥିଲେ। ପରେ ଜିଲା ବିଜେଡି ସଭାପତି ତଥା ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ କୁମାର ମେହେରଙ୍କ ନେତୃତ୍ୱରେ ସେମାନେ ସେଠାରୁ ଏକ ରାଲିରେ ବାହାରି ସହରର ମୁଖ୍ୟ ରାସ୍ତା ଦେଇ ପାଟଣାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଏକ ପ୍ରତିବାଦ ସଭା ହୋଇଥିଲା। ସଭାରେ ପୂର୍ବତନ ବିଧାୟକ ମେହେର ଉକ୍ତ ଏନଏସିକୁ ମ୍ୟୁନସିପାଲଟି ମାନ୍ୟତା ପ୍ରଦାନ ଓ ୟୁରିଆ ସାରର ଅଭାବୀ ବିକ୍ରୀ ନେଇ ସରକାରଙ୍କ ବିରୋଧରେ ବର୍ଷିଥିଲେ। ଆଗାମୀ ଦିନରେ ଏହି ଦାବିଗୁଡିକ ପୂରଣ ନ ହେଲେ ବିଜେଡି ରାଜରାସ୍ତାକୁ ଓହ୍ଲାଇବା ସହ ଜୋରଦାର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଏନଏସି ଅଧକ୍ଷା ମାନସୀ ବିଶ୍ୱାଳ, ଜିଲା ପରିଷଦ ସଦସ୍ୟା, ବ୍ଲକ ଅଧକ୍ଷ ନୀଳକାନ୍ତ ବାଗ, ଉପାଧ୍ୟକ୍ଷ ଲକ୍ଷ୍ମୀ ମାଝୀ, ଆଇନଜୀବୀ ଇନ୍ଦୁଭୂଷଣ ଠାକୁର, ପ୍ରଦିପ ପୁରୋହିତ, ବିଭିନ୍ନ ସଙ୍ଗଠନ ସଦସ୍ୟଙ୍କ ସମେତ ଶତାଧିକ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ।

# ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଲୋଇସିଂହା,୧୨।୯ (ସୁଶାନ୍ତ ବାରିକ)

ଲୋଇସିଂହା ଗାନ୍ଧୀସ୍ମୃତି ପାଠାଗାରଠାରେ ଚଳିତବର୍ଷ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ହେବାକୁ ଥିବା ଗଜଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ବରିଷ୍ଠ ସଦସ୍ୟ ନନ୍ଦ କିଶୋର ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜା କମିଟିର କର୍ମକର୍ତ୍ତା ଚୟନ କରାଯାଇଥିଲା। ପୂଜା କମିଟିର ସଭାପତି ଭାବେ ବବଲୁ ଦଳେଇ ,ଉପସଭାପତ ଅଶ୍ୱିନୀ ମେହେର, କାର୍ଯ୍ୟକାରୀ ସଭାପତି ନିବାସ ମହାରଣା,ସମ୍ପାଦକ ବ୍ରଜ ମୋହନ ବିଶୋଇ, ସହସମ୍ପାଦକ ସୁରଜ କୁମାର ଭୋଇ, ସାଂସ୍କୃତିକ ସମ୍ପାଦକ ସରୋଜ ମହାକୁର, ସହ ସାଂସ୍କୃତିକ ସମ୍ପାଦକ ଯଶୋବନ୍ତ ମାହାଣା ଓ କୋଷାଧକ୍ଷ ଭାବେ ନନ୍ଦ କିଶୋର ଭୋଇଙ୍କୁ ମନୋନୀତ କରାଯାଇଛି । ପରିଚାଳନା କମିଟିରେ ପୂର୍ଣ୍ଣଚନ୍ଦ୍ର ମାହାଣା, ଅରକ୍ଷିତ ବେହେରା, ସୁବଳ ମାହାଣା, ପ୍ରଭାତ ସାହୁ, କାର୍ତ୍ତିକ ମେହେର, ରାଜାରାମ ସାହୁ, ସୁଦାମ ମାହାଣା, ଆୟୁଷ ରଞ୍ଜନ ବିଶୋଇ, ସୁମନ୍ତ ଭୁଏ, ବୈଶାଖୁ ଭୁଏ, କୁମାର ପାଣ୍ଡେ ରହିଛନ୍ତି। ପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ପାଇଁ ସ୍ଥିରୀକୃତ ହେଇଥିବା ସମ୍ପାଦକ ବିଶୋଇ ଜଣାଇଛନ୍ତି।


## ଦ.ପୂ. ରେଳପଥ – ଇ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୪, ତାରିଖ: ୧୧।୦୯।୨୦୨୫।

"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା–୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି । ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ ) |
|---|---|---|---|---|---|
| ୧. | ୭୫୨୫୩୦୪୫ | ୦୭।୧୦।୨୫ | ଥର୍ମୋସେଟିଂ ସିନ୍ଥେଟିକ୍ ରେଜିନ୍ ଶିଟ୍‌ର ଯୋଗାଣ । ଆକାର– ୨.୪୪ ମିଟର | ୧୧୦୦୦ ଗୋଟି | ୨,୮୧,୪୧୦/- |
| ୨. | ୭୬୨୫୩୦୨୭ | ୦୭।୧୦।୨୫ | ମାନୁଆଲ ମେଟାଲ ଆର୍କ ୱେଲଡିଂ ଇଲେକ୍ଟ୍ରୋଡ୍‌ର ଯୋଗାଣ, ଆକାର– ୪ମିମି X ୩୫୦ ମିମି, କ୍ଲାସ୍– ଏମ୍‌୨ | ୩୩୧୯୯୧ ମିଟର | ୨,୧୭,୪୫୦/- |
| ୩. | ୭୭୨୫୦୦୧୨ | ୦୩।୧୦।୨୫ | ଆଣ୍ଟି କରୋସିଭ୍ ଇପକ୍ସି ପେଣ୍ଟ୍ ଆଦି ପାଇଁ ସାମଗ୍ରୀଗୁଡ଼ିକର ସେଟ୍ ଯୋଗାଣ | ୨୮୪୦ ସେଟ୍ | ୨,୩୪,୫୮୦/- |
| ୪. | ୧୬୨୫୫୦୦୯ | ୨୫।୦୯।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀର ପରୀକ୍ଷଣ ଓ କମିଶନିଂ | ୧୪୦ ସେଟ୍ | ୧,୨୬,୦୦୦୦/- |
| ୫. | ୨୯୨୫୩୭୮୮ | ୧୩।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୧୧୪ ସେଟ୍ | ୩,୨୦,୧୬୦/- |
| ୬. | ୨୯୨୫୪୭୩୯ | ୧୪।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୯୪ ସେଟ୍ | ୨,୫୭,୩୩୦/- |
| ୭. | ୨୯୨୫୩୭୯୧ | ୧୫।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲର ଆସେମ୍ବ୍ଲି (ଇବିଭିବି) ପାଇଁ ଓଭରହଲିଂ କିଟ୍ | ୯୬ ସେଟ୍ | ୨,୫୭,୧୫୦/- |
| ୮. | ୨୫୨୫୩୮୬୮ | ୧୫।୧୦।୨୫ | ବ୍ରେକ୍ ଶୁ (ଷ୍ଟେପ୍ ଆକାର), ମିଡିୟମ୍ ଫସ୍‌ଫରସ୍ | ୭୫୮୮ ଗୋଟି | ୧,୮୮,୫୭୦/- |
| ୯. | ୨୯୨୫୦୦୧୮ବି | ୧୬।୧୦।୨୫ | ଡବ୍ଲ୍ୟୁଏଜି–୯ ଲୋକୋ ପାଇଁ ହାଇ କାପାସିଟି ଡ୍ରାଫ୍ଟ ଗିୟର୍ | ୨୩୫ ଗୋଟି | ୨,୨୩,୫୦୦/- |
| ୧୦. | ୨୫୨୫୧୧୮୧ | ୧୭।୧୦।୨୫ | ଏକ୍ସିଲ ବକ୍ସ ଆସେମ୍ବ୍ଲି କମ୍ପ୍ଲିଟ୍ ଆଦି | ୧୪୬ ଗୋଟି | ୨,୧୨,୯୪୦/- |
| ୧୧. | ୭୭୨୫୧୭୫୧ | ୦୩।୧୧।୨୫ | ସାଧାରଣ ଉଦ୍ଦେଶ୍ୟ ପାଇଁ ପେଣ୍ଟ ଆଲୁମିନିୟମ୍‌ର ଯୋଗାଣ | ୩୮୩୨୦ ଲିଟର | ୧,୦୯,୪୩୦/- |
| ୧୨. | ୭୯୨୫୧୭୭୯ | ୦୭।୧୦।୨୫ | ସମସ୍ତ ଏସି କୋଚ୍ ପାଇଁ ଅଗ୍ନି ନିରୋଧୀ କଟନ୍ ଫାବ୍ରିକ୍ । | ୧୫୩୨୦ ମିଟର | ୧,୧୮,୩୯୦/- |
| ୧୩. | ୬୫୨୫୫୦୧୦ଏ | ୩୦।୦୯।୨୫ | ଡ୍ରାଇ–କ୍ଲିନିଂ ମେଶିନ୍ ଆଦିର ଯୋଗାଣ, ସ୍ଥାପନା, କମିଶନିଂ ଓ ପରୀକ୍ଷଣ ଇତ୍ୟାଦି | ୦୨ ଗୋଟି | ୯୨,୮୩,୬୫୦/- |
| ୧୪. | ୩୦୨୫୫୦୦୫ | ୦୮।୧୦।୨୫ | ଆଇସିଏଫ୍ ଏସି କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ରେଟ୍ରୋ ଫିଟମେଣ୍ଟ | ୧୦୮ ସେଟ୍ | ୧୨,୯୩,୩୦୦/- |
| ୧୫. | ୩୦୨୫୫୦୦୬ | ୦୮।୧୦।୨୫ | ଆଇସିଏଫ୍ ଜିଏସ୍ କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ଯୋଗାଣ, ସ୍ଥାପନା ଓ କମିଶନିଂ | ୧୪୨ ସେଟ୍ | ୧୮,୭୫,୯୭୦/- |
| ୧୬. | ୩୦୨୫୫୦୦୪ | ୦୯।୧୦।୨୫ | ଆଇସିଏଫ୍ ନନ୍–ଏସି କୋଚ୍‌ଗୁଡ଼ିକରେ ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ସିଷ୍ଟମ୍ (ଭିଏସ୍‌ଏସ୍)ର ଯୋଗାଣ, ସ୍ଥାପନା ଓ କମିଶନିଂ | ୨୬୦ ସେଟ୍ | ୨୦,୦୦,୦୦୦/- |
| ୧୭. | ୩୩୨୫୩୦୪୨ | ୧୬।୧୦।୨୫ | ସେକେଣ୍ଡାରୀ ସ୍ପ୍ରିଙ୍ଗ୍ ଜେନେରେଟର କାର୍ ସାଇଡ୍ । | ୧୪୧ ଗୋଟି | ୧,୯୬,୩୧୦/- |
| ୧୮. | ୩୩୨୫୩୧୮୭ | ୧୫।୧୦।୨୫ | ଏଲ୍‌ଏଚ୍‌ବି ନନ୍–ଏସି କୋଚ୍ ପାଇଁ ସେକେଣ୍ଡାରୀ ସ୍ପ୍ରିଙ୍ଗ୍ (ଆଉଟର୍) | ୧୪୧ ଗୋଟି | ୧,୫୪,୫୭୦/- |
| ୧୯. | ୩୩୨୫୧୪୮୭ | ୦୯।୧୦।୨୫ | ଏଲ୍‌ଏଚ୍‌ବି କୋଚ୍ (ଆଉଟର୍)ଗୁଡ଼ିକ ପାଇଁ ସେକେଣ୍ଡାରୀ ସ୍ପ୍ରିଙ୍ଗ୍ | ୧୧୬ ଗୋଟି | ୧,୧୫,୧୨୦/- |
| ୨୦. | ୬୦୨୫୦୧୨୩ | ୦୭।୧୦।୨୫ | ୬୪୦୦ ମିମି ଓଭର୍ ରାଇଡିଂ ଡିରେଲିଂ ସୁଇଚେସ୍ ଆଦିର ବିନିର୍ମାଣ ଓ ଯୋଗାଣ । | ୩୦୦ ସେଟ୍ | ୧୬,୯୫,୬୬୦/- |
| ୨୧. | ୪୬୨୫୩୧୧୯ | ୦୪।୧୧।୨୫ | ସଲିଡ୍ କୋର୍ ପୋର୍ସିଲେନ୍ ବ୍ରାକେଟ୍ ଇନ୍‌ସୁଲେଟର୍ (୧୦୫୦ ମିମି ସିଡି) ଆଦି । | ୨୦୩୧ ଗୋଟି | ୧,୦୨,୪୩୦/- |
| ୨୨. | ୭୭୨୫୩୦୪୨ | ୧୭।୧୧।୨୫ | ପେଣ୍ଟ, ବ୍ଲାକ୍, ଏନାମେଲ୍, ସିନ୍ଥେଟିକ୍ ଏକ୍ସଟେରିୟର୍ ଆଦିର ଯୋଗାଣ । | ୨୨୩୫୦ ଲିଟର | ୧,୦୫,୮୬୦/- |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି ।

(PR-621)



## कार्यपालक अभियंता का कार्यालय
ग्रामीण कार्य विभाग, कार्य प्रमंडल,रामगढ़

अति अल्पकालीन ई-निविदा आमंत्रण सूचना

अति अल्पकालीन ई–निविदा संख्या:- 03R1/2024-25/RWD/RAMGARH दिनांक :- 11.09.2025

कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़ द्वारा मुख्यमंत्री ग्राम सड़क योजनान्तर्गत निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टी फिकेशन संख्या | प्रखण्ड | कार्य का नाम | प्राक्कलित राशि (लाख में) | कार्य समाप्ति की अवधि |
|---|---|---|---|---|---|
| 1 | RWD/RAMGARH/ 10/2024-25/ MMGSY | गोला | संग्रामपुर पंचायत ग्राम सरलाकलां में रूपलाल महतो के घर से बेदिया जारा तक पथ निर्माण कार्य। (3.260 कि0मी0) | 243.155 | 12 माह |

2. वेबसाईट में निविदा प्रकाशन की तिथि:– 13.09.2025
3. ई–निविदा प्राप्ति की अंतिम तिथि एवं समय:– 20.09.2025 अपराह्न 5.00 बजे तक।
4. निविदा खोलने की तिथि एवं समय:– 23.09.2025 अपराह्न 11.30 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमण्डल, रामगढ़, नयानगर, घुटुवा, बरकाकाना, रामगढ़ झारखण्ड, पिन– 829103
6. ई–निविदा प्रकोष्ठ का दूरभाष सं0– 06553254005

विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता
ग्रामीण कार्य विभाग
कार्य प्रमण्डल, रामगढ़

PR 361687 District (25-26)_D



ଭାରତ ସରକାର
କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର (ସି-ପେସ୍), ଆଇ.ଆଇ.ସି.ଏ. ବିଲ୍‌ଡିଂ, ୭ମ ମହଲା, ପ୍ଲଟ୍-ପି ୬, ୭, ୮, ସେକ୍ଟର-୫, ଆଇ.ଏମ୍.ଟି. ମାନେସର, ଗୁଡ୍‌ଗାଓଁ, ହରିୟାଣା - ୧୨୨୦୫୦
ଇମେଲ୍: roc.cpace@mca.gov.in

सत्यमेव जयते

Government of India
Ministry of Corporate Affairs
Centre for Processing Accelerated Corporate Exit (C-PACE), IICA Building, 7th Floor, Plot P- 6, 7, 8, Sector-5, IMT Manesar, Gurgaon, Haryana - 122050
Email: roc.cpace@mca.gov.in

## ଫର୍ମ ନଂ. ଏସ୍‌ଟିକେ-୬
## ସର୍ବସାଧାରଣ ବିଜ୍ଞପ୍ତି

*[କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ର ଉପ–ଧାରା (୨) ଏବଂ ଉପ–ଧାରା (୪) ତଥା କମ୍ପାନୀ (କମ୍ପାନୀ ରେଜିଷ୍ଟରରୁ କମ୍ପାନୀଗୁଡ଼ିକର ନାମ ହଟାଇବା) ନିୟମାବଳୀ, ୨୦୧୬ର ନିୟମ ୭ ଅନୁଯାୟୀ]*

ସର୍ବସାଧାରଣ ନୋଟିସ: ଆର୍‌ଓସି/ସି-ପେସ୍/ଏସ୍‌ଟିକେ-୨/୨୪୮(୨)/୨୦୨୫-୨୬/୧୧୧୩ ତାରିଖ:- ୦୨।୦୯।୨୦୨୫

ସନ୍ଦର୍ଭ:

କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮ ଅଧୀନରେ ଓଡ଼ିଶା ରାଜ୍ୟରେ (୭)ଟି କମ୍ପାନୀର ନାମକୁ କାଟିବା ବା ହଟାଇବା ମାମଲାରେ:

| କ୍ର.ସଂ. | ୱାର୍କ ଆଇଟମ୍ | ସିଆଇଏନ୍ | କମ୍ପାନୀର ନାମ |
|---|---|---|---|
| ୧ | ଏବି୫୯୩୬୧୫୪ | ୟୁ୫୧୯୦୯ଓଆର୍‌୨୦୨୨ପିଟିସି୦୪୦୭୮୯ | ସୁପରସିଓପାର ଟ୍ରେଡିଂ ପ୍ରାଇଭେଟ ଲିମିଟେଡ୍ |
| ୨ | ଏବି୫୬୮୯୮୫୧ | ୟୁ୬୨୦୯୯ଓଡ଼ି୨୦୨୩ପିଟିସି୦୪୨୫୩୩ | ନିତକାଲ ଡିଜିଟ୍ରାନ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ୍ |
| ୩ | ଏବି୫୭୦୬୪୨୫ | ୟୁ୦୧୫୦୦ଓଡ଼ି୨୦୨୩ପିଟିସି୦୪୪୨୪୮ | କୃଷିପ୍ରଦାହ ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ୍ |
| ୪ | ଏବି୫୭୦୩୭୦୦ | ୟୁ୪୫୨୦୯ଓଆର୍‌୨୦୨୨ପିଟିସି୦୩୯୯୮୧ | ବେଣୁଧର ପ୍ରଧାନ କନ୍‌ଷ୍ଟ୍ରକ୍ସନ୍ ପ୍ରାଇଭେଟ୍ ଲିମିଟେଡ୍ |
| ୫ | ଏବି୬୦୨୯୯୮୬ | ୟୁ୯୬୦୯୦ଓଡ଼ି୨୦୨୪ପିଟିସି୦୪୪୭୪୮ | କିନସ୍ ଇନ୍‌ଭେଷ୍ଟିଗେସନ୍ ସର୍ଭିସେସ୍ ପ୍ରାଇଭେଟ ଲିମିଟେଡ୍ |
| ୬ | ଏବି୫୩୭୯୪୨୧ | ୟୁ୫୨୫୯୦ଓଆର୍‌୨୦୧୪ପିଟିସି୦୧୭୭୫୫ | ଶ୍ରେଶାଙ୍କ ଇମ୍ପେକ୍ସ ପ୍ରାଇଭେଟ ଲିମିଟେଡ୍ |
| ୭ | ଏବି୫୮୮୬୦୪୬ | ୟୁ୪୩୧୨୧ଓଡ଼ି୨୦୨୪ପିଟିସି୦୪୬୮୯୪ | କେଶରୀ ମାଇନିଂ ୱାର୍କସ୍ ପ୍ରାଇଭେଟ୍ ଲିମିଟେଡ୍ |

(୨) ଏତଦ୍ୱାରା ନୋଟିସ ଦିଆଯାଉଛି ଯେ କମ୍ପାନୀ ନିବନ୍ଧକ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୨୪୮(୨) ଅଧୀନରେ ଉପରଦର୍ଶିତ କମ୍ପାନୀଗୁଡ଼ିକଠାରୁ ନିମ୍ନଲିଖିତ କୌଣସି କାରଣ ପାଇଁ ଏହାର/ସେମାନଙ୍କର ନାମ(ଗୁଡ଼ିକ)କୁ କମ୍ପାନୀ ରେଜିଷ୍ଟରରୁ ହଟାଇବା ଲାଗି ଦରଖାସ୍ତ ପ୍ରାପ୍ତ କରିଛନ୍ତି। ସମ୍ପୃକ୍ତ କମ୍ପାନୀ(ଗୁଡ଼ିକ) ସେମାନଙ୍କର ନିଗମୀକରଣ ତାରିଖଠାରୁ ୧ ବର୍ଷ ମଧ୍ୟରେ ବ୍ୟବସାୟ ଆରମ୍ଭ କରିବାରେ ବିଫଳ ହୋଇଛନ୍ତି କିମ୍ବା ଠିକ୍ ଦୁଇଟି ପୂର୍ବବର୍ତ୍ତୀ ଆର୍ଥିକବର୍ଷରେ କୌଣସି ବ୍ୟବସାୟ କିମ୍ବା କାର୍ଯ୍ୟ ସଞ୍ଚାଳନ କରିନାହାନ୍ତି ଏବଂ ଏପରି ଅବଧିରେ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୪୫୫ ଅଧୀନରେ ଏକ ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିବା ପାଇଁ କୌଣସି ଆବେଦନ(ଗୁଡ଼ିକ) କରିନାହାନ୍ତି କିମ୍ବା କମ୍ପାନୀ(ଗୁଡ଼ିକ) ନିଷ୍କ୍ରିୟ କମ୍ପାନୀର ସ୍ଥିତି ହାସଲ କରିଛନ୍ତି/କମ୍ପାନୀର ନିଗମୀକରଣ ସମୟରେ ସେମାନେ ଘୋଷଣା କରିଥିବା ସବ୍‌ସ୍କ୍ରିପ୍ସନକୁ ମେମୋରାଣ୍ଡମ୍ ଅନୁଯାୟୀ ସବ୍‌ସ୍କ୍ରାଇବରମାନଙ୍କୁ ପୈଠ କରିନାହାନ୍ତି ଏବଂ ଧାରା ୧୦ଏ'ର ଉପଧାରା (୧) ଅଧୀନରେ ଏହାର ନିଗମୀକରଣର ଏକଶହ ଅଶୀ ଦିନ ମଧ୍ୟରେ ଏ ବାବଦରେ ଘୋଷଣା ଦାଖଲ କରାଯାଇନାହିଁ/ଧାରା ୧୨ର ଉପ–ଧାରା (୯) ଅଧୀନରେ ସଞ୍ଚାଳିତ ଭୌତିକ ଯାଞ୍ଚ ସମୟରେ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ କୌଣସି ବ୍ୟବସାୟ/କାର୍ଯ୍ୟ ସଞ୍ଚାଳନ କରୁନାହାନ୍ତି, କିନ୍ତୁ ଏହା/ସେମାନେ କମ୍ପାନୀ ଭାବେ ଏହାର/ସେମାନଙ୍କର ପଞ୍ଜୀକରଣକୁ ଜାରି ରଖିବାକୁ ଚାହୁଁନାହାନ୍ତି ଏବଂ ସେଥିପାଇଁ କମ୍ପାନୀ ରେଜିଷ୍ଟରରୁ ଏହାର/ସେମାନଙ୍କର ନାମକୁ ହଟାଇବା/କାଟିବା ଲାଗି ଅନୁରୋଧ କରିଛନ୍ତି ।
(୩) ତଦନୁଯାୟୀ, କମ୍ପାନୀ ନିବନ୍ଧକ ଉପରଦର୍ଶିତ କମ୍ପାନୀଗୁଡ଼ିକର ନାମକୁ କମ୍ପାନୀ ରେଜିଷ୍ଟରରୁ ହଟାଇବା କିମ୍ବା କାଟିବା ପାଇଁ ପ୍ରସ୍ତାବ ରଖିଛନ୍ତି ।
(୪) କମ୍ପାନୀ ରେଜିଷ୍ଟରରୁ ଉକ୍ତ କମ୍ପାନୀଗୁଡ଼ିକର ନାମକୁ ହଟାଇବା କିମ୍ବା କାଟିବାର ପ୍ରସ୍ତାବ ବାବଦରେ ଯଦି କୌଣସି ବ୍ୟକ୍ତିଙ୍କର କିଛି ଆପତ୍ତି ଥାଏ, ତେବେ ସେ ଏହି ନୋଟିସ ପ୍ରକାଶିତ ହେବା ତାରିଖରୁ ୩୦ ଦିନ ମଧ୍ୟରେ ନିଜର ଆପତ୍ତିକୁ କାର୍ଯ୍ୟାଳୟ ଠିକଣାରେ ପଠାଇପାରନ୍ତି ।

ଇର୍କନ ତିର୍କୀ, ସହକାରୀ ନିବନ୍ଧକ
ତ୍ୱରିତ କର୍ପୋରେଟ୍ ସମାପନ ପ୍ରକ୍ରିୟାକରଣ କେନ୍ଦ୍ର

CBC 07123/11/0378/2526



MAA TARATARINI MULTI GYM REQUIRED
Only Boy Candidate for FRONT OFFICE EXECUTIVE & GYM TRAINER
Interested Candidate may apply:
sagarparida29@gmail.com
Qualification: 12th above, Age: 20-35 Yrs.
Salary: Negotiable for Experience Candidate
Contact: 9937542268/9337542268

REQUIRED
ରୋହନ ଅଟୋରାଇଡର୍ସ ନିଯୁକ୍ତି
(ଅଧିକୃତ Hero MotoCorp ଡିଲର)
ଖାଲିଥିବା ପଦବୀଗୁଡ଼ିକ:
- ସିନିଅର ସେଲ୍ସ ଏକ୍‌ଜିକ୍ୟୁଟିଭ୍
- ସେଲ୍ସ ଏକ୍‌ଜିକ୍ୟୁଟିଭ୍
- PDI/ମେକାନିକ୍/ଟେକ୍ନିସିଆନ୍
- ପିଅନ • ସାଇଟ୍ ସୁପରଭାଇଜର

ଆମେ ସେମାନଙ୍କୁ ପସନ୍ଦ କରିବୁ, ଯେଉଁମାନେ ଦୁଇ–ଚକିଆ ସେଗ୍‌ମେଣ୍ଟରେ ଅନୁଭବୀ ଓ ପାତ୍ରପଡ଼ା/ତମାଣ୍ଡୋ/ବରମୁଣ୍ଡା ଅଞ୍ଚଳରେ ରହୁଥିବେ।
ADDRESS: Near Fire Station Crossing, Baramunda, Bhubaneswar
Come to showroom for Interview with CV or Send CV at:
rohandubey231@gmail.com
Call: +91 9437065592



## ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ.SBP-ELECT-2025-T-257

କାର୍ଯ୍ୟର ନାମ : କୋଚିଙ୍ଗ ଡିପୋ, ସମ୍ବଲପୁର ଠାରେ PIT ଲାଇଟିଙ୍ଗ, ବ୍ୟାଟେରୀ ଚର୍ଜିଙ୍ଗ, ପ୍ରିକୁଲିଙ୍ଗ (Precooling) ବ୍ୟବସ୍ଥାର ବନ୍ଦୋବସ୍ତ / ଉନ୍ନତୀକରଣ ସମ୍ବନ୍ଧୀୟ ବୈଦ୍ୟୁତିକ କାର୍ଯ୍ୟ ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 1,96,81,911.90, EMD : ₹ 2,48,400/-, କାର୍ଯ୍ୟ ଶେଷ ହେବା ଅବଧି : ସ୍ୱୀକୃତିପତ୍ର ଜାରି ହେବା ତାରିଖ ଠାରୁ 06 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.03.10.2025ରିଖ 1530 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗ୍‌ରେ ଅଂଶଗ୍ରହଣ କରିପାରିବେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ ଯନ୍ତ୍ରୀ (ସାମାନ୍ୟ)/ ସମ୍ବଲପୁର
PR-588/Q/25-26



UNIVERSITY DEPARTMENT OF TEACHER EDUCATION
UTKAL UNIVERSITY
VANI VIHAR, BHUBANESWAR-751007, ODISHA
UTKAL UNIVERSITY NAAC A+ Accredited

RECRUITMENT

The undersigned invites application in prescribed format for engagement of nine Faculties in different subjects. The posts are purely temporary and on consolidated basis.
Last date of receiving application form is up to 23/09/2025 through speed post only.
For all details, please refer to the official website of Utkal University
https://utkaluniversity.ac.in

Sd/- Chairperson
PGC, Utkal University



## ହୋମି ଭାବା ବିଜ୍ଞାନ ଶିକ୍ଷା କେନ୍ଦ୍ର
ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚ

ରାଷ୍ଟ୍ରୀୟ ଅଲିମ୍ପିଆଡ୍ କାର୍ଯ୍ୟକ୍ରମ 2025-2026

ଜ୍ୟୋତିର୍ବିଜ୍ଞାନ, ଜୀବବିଜ୍ଞାନ, ରସାୟନ ବିଜ୍ଞାନ, ପଦାର୍ଥ ବିଜ୍ଞାନ, କନିଷ୍ଠ ବିଜ୍ଞାନ

କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ସମସ୍ତ ବିଦ୍ୟାର୍ଥୀଙ୍କୁ **ଭାରତୀୟ ପଦାର୍ଥ ବିଜ୍ଞାନ ଶିକ୍ଷକ ସଂଘ (ଆଇଏପିଟି)** ଦ୍ୱାରା **ନଭେମ୍ବର ୨୨ ଓ ୨୩, ୨୦୨୫** ଦିନ ସଞ୍ଚାଳିତ ହେବାକୁଥିବା ସମ୍ପୃକ୍ତ **ରାଷ୍ଟ୍ରୀୟ ମାନକ ପରୀକ୍ଷା (ଏନ୍‌ଏସ୍‌ଇ)** (ବିଜ୍ଞାନ ବିଷୟଗୁଡ଼ିକ ପାଇଁ) ଦେବାକୁ ପଡ଼ିବ ।
**୨୦୨୬ ମସିହାର** ସମ୍ପୃକ୍ତ **ଅନ୍ତର୍ଜାତୀୟ ଅଲିମ୍ପିଆଡ୍‌ରେ** ଅଂଶଗ୍ରହଣର ପ୍ରଥମ ପଦକ୍ଷେପ ସ୍ୱରୂପ ଏନ୍‌ଏସ୍‌ଇରେ ଯୋଗ୍ୟତା ଅର୍ଜନ କରିବାକୁ ପଡ଼ିଥାଏ ।
**ନାମ ପଞ୍ଜୀକରଣ ପାଇଁ:**
**ଏନ୍‌ଏସ୍‌ଇ:** https://www.iapt.org.in (ଅଗଷ୍ଟ ୨୧ – ସେପ୍ଟେମ୍ବର ୧୪, ୨୦୨୫)
ଅଧିକ ବିବରଣୀ ପାଇଁ: https://olympiads.hbcse.tifr.res.in
https://www.iapt.org.in
cbc 48143/12/0008/2526



## Office of the Additional Director, Subsidiary Intelligence Bureau
(Ministry of Home Affairs)

Auction Notice

**Condemned Technical Equipments of SIB Bhubaneswar are to be disposed off.**

Interested parties may inspect during office hours from 1000hrs to 1300hrs & 1500hrs to 1800hrs on any working day before 22.09.2025 and submit the sealed quotations by 1700 hrs on 22.09.2025 along with a demand draft (not A/c Payee) of Rs. 2000/- as EMD in favour of DDO, SIB Bhubaneswar payable at SBI Main Branch, Bhubaneswar. Quotation should be submitted either by hand or by DAK in a sealed cover superscribed as "Quotation for auction of Technical Store" and addressed to Assistant Director, SIB (MHA), Bidyut Marg, Unit-V, Bhubaneswar-751001, Telephone No. 0674-2395680. Quotations will be opened in presence of supervising officers and parties present on 23.09.2025 at 1130hrs.
Quotations of the highest bidder will be accepted as a whole to the best advantage of Govt. and decision of the supervising officers will be final. The highest bidder has to deposit 25% of the bid value on the spot and the remaining 75% of the total bid value will be deposited within seven days before lifting of auctioned articles, failing of which the offer will be rejected and the amount deposited is to be seized. GST of 5% is to be deposited in government account by the highest bidder, having NGT certificate and GST of 18% is to be deposited in government account by the highest bidder, not having NGT certificate. GST deposit receipt is to be submitted before lifting of articles. The prospective bidder has to deal with the hazardous waste/ scrap batteries/e-waste as per NGT guidelines with their responsibility. The Head of the office reserves the right to cancel any bid without assigning any reason thereof.
**Office Address: SIB Office (MHA), Govt. Of India, Bidyut Marg, Unit-V, Bhubaneswar.**

Sd./- Assistant Director

# ସଫଳତା ପାଇଁ ଶୃଙ୍ଖଳା, କଠିନ ପରିଶ୍ରମ ଆବଶ୍ୟକ

■ବବଲି ମିସ୍ ଫ୍ରେସର, ସୌମ୍ୟାଶ୍ରୀ ମିସ୍ ଦିଭ୍ା
■ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ସ୍ୱାଗତ ଉତ୍ସବ

**ସୋନପୁର,୧୨।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ବିଜୁ ପଟ୍ଟନାୟକ ମହିଳା ଡିଗ୍ରୀ କଲେଜର ପ୍ରଥମ ବର୍ଷର ନବାଗତ ଛାତ୍ରୀମାନଙ୍କ ପାଇଁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ପ୍ରାରମ୍ଭ ୨୦୨୫ ମହାସମାରୋହରେ ଆୟୋଜିତ ହୋଇଯାଇଛି। ଏଥିରେ ଏସ୍‌ପି ନାରାୟଣ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ପାଠପଢା ସମୟ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ପାହାଚ। ଏଥିରେ ଭବିଷ୍ୟତକୁ ଗଢି ତୋଳିବା ପାଇଁ ସୁଯୋଗ ରହିଥାଏ। ତେଣୁ ସଫଳତା ପାଇବା ପାଇଁ ଛାତ୍ରୀମାନେ ଶୃଙ୍ଖଳାକୁ ବ୍ରତ ଭାବେ ଗ୍ରହଣ କରିବା ସହ କଠିନ ପରିଶ୍ରମ କରିବା ଆବଶ୍ୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟିର ପ୍ରାକ୍ତନ ସଭାପତି ଅଭିମନ୍ୟୁ କୁଶଳ ଯୋଗଦେଇ ଏହି ଶିକ୍ଷାନୁଷ୍ଠାନ ଅଞ୍ଚଳରେ ନାରୀ ଶିକ୍ଷାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିବା କହିଥିଲେ। କଲେଜର ଅଧକ୍ଷା ରୀତାରାଣି ପୂଝାରୀ ସଭାରେ ଅଧକ୍ଷତା କରିଥିଲେ। ଅଧାପିକା ସଞ୍ଜୁ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଛାତ୍ରୀ ଅର୍ପିତା ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଇଂରାଜୀ ଅଧାପକ ମଦନ ସୁନ୍ଦର ଖେତି ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରଥମ ବର୍ଷର ଛାତ୍ରୀମାନଙ୍କ ମଧ୍ୟରେ ବିଷୟବସ୍ତୁ, ସାଧାରଣ ଜ୍ଞାନ, ଦଳଗତ ଆଲୋଚନା, ନୃତ୍ୟ, ସଙ୍ଗୀତ ଓ ଅଭିନୟକୁ ନେଇ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଶତାଧିକ ନବାଗତ ଛାତ୍ରୀ ବିଭିନ୍ନ ପର୍ଯ୍ୟାୟରେ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ଛାତ୍ରୀମାନେ ସୁନ୍ଦର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରତିଯୋଗିତାରେ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ପୂଜାରାଣୀ ପୁରୋହିତ, ସ୍ମୃତିମୟୀ ନାଏକ ଓ ପାର୍ବତୀ ପାଣିଗ୍ରାହୀ। ୭ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଇତିହାସ ବିଭାଗର ଛାତ୍ରୀ ବବଲି ଭୋଇ ମିସ୍ ଫ୍ରେସର-୨୦୨୫ ଓ ଛାତ୍ରୀ ସୌମ୍ୟାଶ୍ରୀ ସ୍ୱାଇଁ ମିସ୍ ଦିଭ୍ା-୨୦୨୫ ବିଜୟିନୀ ହୋଇଥିଲେ। କଲେଜର ସମସ୍ତ ଅଧାପିକା ଅଧାପକ, କର୍ମଚାରୀ ଓ ଛାତ୍ରୀମାନେ ଉତ୍ସବ ଆୟୋଜନରେ ସହଯୋଗ କରିଥିଲେ।


ମିସ୍ ଦିଭ୍ାଙ୍କୁ କଲେଜର ଅଧକ୍ଷା ପୁରସ୍କୃତ କରୁଛନ୍ତି।

# ମୁରାସୁର ଦରବାର ପାଇଁ ମହାରାଜା ବରଣ


ମୁର୍ଷୁଣ୍ଡି ଗଜଲକ୍ଷ୍ମୀ ପୂଜା ମୁରାସୁର ଦରବାର ପାଇଁ ମହାରାଜା ବରଣ।

**ବୀରମହାରାଜପୁର,୧୨।୯(ଯୁଗଳ କିଶୋର ମିଶ୍ର)**

ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ମୁର୍ଷୁଣ୍ଡୀ ୪୩ ତମ ଗଜଲକ୍ଷ୍ମୀ ପୂଜା ମୁରାସୁର ଦରବାର ପାଇଁ ମହାରାଜା ବରଣ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୁର୍ଷୁଣ୍ଡୀ ଗଜଲକ୍ଷ୍ମୀ ପୂଜା କମିଟିର ସଭାପତି ଲବ କୁମାର ସାହୁଙ୍କ ନେତୃତ୍ୱରେ ପୂଜା କମିଟିର କର୍ମକର୍ତ୍ତା ଏହି ବରଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ବିନିକା ଅନ୍ତର୍ଗତ ଅନ୍ତର୍ଡାକୁ ଯାଇ ମୁରାସୁର ଭାବରେ ଅଭିନୟ କରୁଥିବା ଓଡ଼ିଶାର ସ୍ୱନାମ ଧନ୍ୟ କଳାକାର ଗୋପାଳ ପଣ୍ଡାଙ୍କୁ ଚଳିତବର୍ଷ ପାଇଁ ଅକ୍ଟୋବର ୫ରୁ ୧୫ ତାରିଖ ପର୍ଯ୍ୟନ୍ତ ୪୩ତମ ଶ୍ରୀ ଶ୍ରୀ ଗଜଲକ୍ଷ୍ମୀ ପୂଜା ମୁରାସୁର ଦରବାର ପାଇଁ ମହାରାଜା ବରଣ କରିଛନ୍ତି। ପଣ୍ଡିତ ପ୍ରଦୀପ କୁମାର ରଥ ବରଣ ପାଇଁ କାର୍ଯ୍ୟ କରିଥିଲେ। ବରିଷ୍ଠ କଳାକାର ଗୋପାଳ ପଣ୍ଡା ଏଗାର ବର୍ଷ ପାଇଁ ମୁରାସୁର ଭାବରେ ଅଭିନୟ କରିବେ। ଏହି ବରଣ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ତ୍ରୟଞ୍ଜୀବ ମିଶ୍ର, ଉପ ସଭାପତି ଅଧାପକ ଧନଞ୍ଜୟ ସାହୁ, କୋଷାଧକ୍ଷ ସତ୍ୟ ମୋହନ ବେଦ ପାଣି, ବଳରାମ ପ୍ରଧାନ, ସନ୍ତୋଷ ସମର୍ଥ, ସନତ୍ ସିଂ, ଆଦିତ୍ୟ ପ୍ରଧାନ, ଉତ୍ତର ନାଏକ, ପଦ୍ମଲୋଚନ ପ୍ରଧାନ ଏହି ମୁରାସୁର ବ୍ରତରେ ସାମିଲ ହୋଇଥିଲେ।

# ନଭେମ୍ବର ୧୯ରୁ ସୁଧୀର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

## ଅଂଶ ଗ୍ରହଣ କରିବେ ୯ ଦଳ

**ଅମରପାଲି,୧୨।୯(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କମିରାରେ ନଭେମ୍ବର ୧୯ ତାରିଖରେ ରାଜ୍ୟ ସ୍ତରୀୟ ୧୨ତମ ସୁଧୀର ସ୍ମାରକୀ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। କମିରା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଥିବା ଏହି କ୍ରିକେଟ ଟୁର୍ନାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରର ଶ୍ରେଷ୍ଠ ୯ଟି ଦଳ ଅଂଶ ଗ୍ରହଣ କରିବେ। ଏହି ଟୁର୍ନାମେଣ୍ଟ ପରିଚାଳନା ପାଇଁ ଏକ ପରିଚାଳନା କମିଟିର ଗଠନ କରାଯାଇଛି। ସର୍ବସମ୍ମତିକ୍ରମେ ଏହି କମିଟି ପାଇଁ ନିର୍ମଳ ମୁଦୁଲିଙ୍କୁ ସଭାପତି, ଅତୁଳାନନ୍ଦ ପ୍ରଧାନଙ୍କୁ ସମ୍ପାଦକ, ସୌମିତ୍ରି ସାହୁ ସହସମ୍ପାଦକ ଓ ବବୁଲ ଷଡ଼ଙ୍ଗୀଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଛି। ଏହା ସହିତ ଧରଣୀଧର ପାଢ଼ୀ, ରାମପ୍ରସାଦ କର୍ଣ୍ଣ, ସପନ ପଧାନ, ସୁଧାଂଶୁ ପ୍ରଧାନ, ଅଚ୍ୟୁତାନନ୍ଦ ପ୍ରଧାନ ଓ ପ୍ରଶାନ୍ତ ପ୍ରଧାନଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ସୁରୁ ପଧାନ, ଜଗଦୀଶ ପଧାନ, ବିମଳ ମୁଦୁଲି, ବିବେକା ସାହୁ, ବାପୁନ ପାଢ଼ୀ, ପପୁନ ଚଉଲିଆ, ସଚିନ ପଧାନ, ପ୍ରଦୀପ ସାହୁ ଓ ସୁସେଣ ବାଗ, ତପନ ପଧାନ ଓ ବିକାଶ ବାରିକଙ୍କୁ ପରିଚାଳନା କମିଟିର ସଭ୍ୟ ଭାବେ ମନୋନୀତ କରାଯାଇଛି। ଟୁର୍ନାମେଣ୍ଟରେ କମଣ୍ଡୋ-୧୧ ଭୁବନେଶ୍ୱର, ଇମେଜ -୧୧ ଭଦ୍ରକ, ଏମ୍‌ଏମ୍‌ସିସି ସମ୍ବଲପୁର, ଷ୍ଟାର-୧୧ ପୁରୀ, ଡିସିସି କେନ୍ଦ୍ରାପଡା, ସୁହାନି ଏକାଦଶ ୱେଷ୍ଟ ବେଙ୍ଗଲ, ସିଆରଏନ -୧୧ ତାଳଚେର, ଏନ୍‌ଏସଟି ବଲାଙ୍ଗୀର ଓ ଷ୍ଟାର -୧୧ ୟୁନିଟ -୯ ଭୁବନେଶ୍ୱର ଦଳ ଅଂଶ ଗ୍ରହଣ କରିବେ ବୋଲି ସ୍ଥିର ହୋଇଛି। ମ୍ୟାଚଗୁଡ଼ିକ ପ୍ରତ୍ୟେକ ଟି-୧୦ ଫର୍ମାଟରେ ହେବାକୁ ଥିବା ବେଳେ ଫାଇନାଲ ମ୍ୟାଚ ଟି-୧୨, ୮-୮ ଏବଂ ସୁପର -୩ ଓଭର ବିଶିଷ୍ଟ ହେବ ବୋଲି ସୂଚନା ଦିଆଯାଇଛି। ନଭେମ୍ବର ୧୯ ତାରିଖରେ ଏହାର ଉଦ୍‌ଘାଟନ ହେବାକୁ ଥିବା ବେଳେ ୨୩ ତାରିଖରେ ଫାଇନାଲ ମ୍ୟାଚ ହେବ। ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳକୁ ନଗଦ ୬୦ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ନଗଦ ୪୦ ହଜାର ଟଙ୍କା ଓ ଟ୍ରଫି ସହିତ ପ୍ରତ୍ୟେକ ମ୍ୟାଚ ପାଇଁ ମ୍ୟାନ ଅଫ ମ୍ୟାଚ, ସିରିଜ, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ବ୍ୟାଟର, ଶ୍ରେଷ୍ଠ ସିକ୍ସର ଆଦି ପୁରସ୍କାରରେ ପୁରସ୍କୃତ କରାଯିବ ବୋଲି ସୂଚନା ଦିଆଯାଇଛି।

# ସ୍ୱାସ୍ଥ୍ୟ ବିଭାଗ ପାଇଁ ସ୍ୱରୂପ ଏମ୍‌ପିଙ୍କ ପ୍ରତିନିଧି


ସ୍ୱରୂପ ପାତ୍ର।

**ସୋନପୁର,୧୨।୯(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ନିଜର ପ୍ରତିନିଧି ଭାବରେ ଯୁବ ନେତା ସ୍ୱରୂପ ପାତ୍ରଙ୍କୁ ଦାୟିତ୍ୱ ଦେଇଛନ୍ତି। ପାତ୍ର ଏବେ ଭାଜପା ଯୁବ ମୋର୍ଚ୍ଚାର ଜିଲା ସଭାପତି ଅଛନ୍ତି। ଜଣେ ଯୁବ ସଙ୍ଗଠକ ତଥା ଯୁବ ସମାଜସେବୀ ଭାବରେ ସେ ବେଶ ପରିଚିତ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାମ କରୁଥିବା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହ ସେ ପ୍ରତ୍ୟକ୍ଷ ଭାବେ ଜଡିତ ଥିବା ଯୋଗୁ ତାଙ୍କର ଏହି ନୂତନ ନିଯୁକ୍ତିକୁ ସ୍ୱାଗତ କରାଯାଇଛି। ଏଥିପାଇଁ ପାତ୍ର ବଲାଙ୍ଗୀର ଏମପିଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ସରିଲା ରାବଣ ବରଣ, ରାଜ କରିବେ ମନୋରଞ୍ଜନ



**ବିନିକା,୧୨।୯(ରାମ ଗୋପାଳ ବାଘ)**

ବିନିକା ବ୍ଲକ ମହାଦେବପାଲି ରଘୁନାଥ ଯୁବକ ସଂଘ ଆନୁକୂଲ୍ୟରେ ପାଳିତ ହୋଇ ଆସୁଥିବା ମା' ଜଗତ୍‌ଜନନୀ ଦୁର୍ଗାଙ୍କ ୫୩ତମ ଶାରଦୀୟ ପୂଜା ମହୋତ୍ସବ ଏବଂ ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ରାବଣରାଜ ଆସନ୍ତା ୨୯ରୁ ଅକ୍ଟୋବର ୨ ତାରିଖ ଯାଏ ଆୟୋଜିତ ହେବ। ଏଥିପାଇଁ ସଂଘ ଆନୁକୂଲ୍ୟରେ ସର୍ବସମ୍ମତି କ୍ରମେ ସୁବର୍ଣ୍ଣପୁର ଜିଲା ସାରସମାଲ ଗ୍ରାମର ପ୍ରସିଦ୍ଧ ଖଳନାୟକ ଅଭିନେତା ମନୋରଞ୍ଜନ ଚିରଗୁନ ଏଥର ରାବଣ ଭୂମିକା ନିର୍ବାହ କରିବା ନେଇ ସ୍ଥିରୀକୃତ ହୋଇଛି। ଶୁକ୍ରବାର ଦୁର୍ଗାପୂଜା କୋର କମିଟି ସଭାପତି ସଂଗ୍ରାମ କେଶରୀ ନାୟକଙ୍କ ନେତୃତ୍ୱରେ ଏକ ୭୦ ଜଣିଆ ପ୍ରତିନିଧି ଦଳ ମା' ଦୁର୍ଗାଙ୍କ ପୀଠରେ ପୂଜାର୍ଚ୍ଚନା କରି ବାଇକ୍ ଶୋଭାଯାତ୍ରାରେ ଚିରଗୁନଙ୍କ ଗ୍ରାମରେ ପହଞ୍ଚିଥିଲେ। ପ୍ରଥମ ପର୍ଯ୍ୟାୟରେ ଚିରଗୁନ ନିଜ ସହ ଅଭିନେତା ଦଳ ସହିତ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପାଛୋଟି ନେବା ପରେ ଯଥାବିଧି ପୂଜାର୍ଚ୍ଚନା କରାଯାଇ ରାବଣ ବରଣ ଅନୁଷ୍ଠିତ ହୋଇଥିଲା ଏବଂ ମହାଦେବପାଲି ଦୁର୍ଗାପୂଜା ମହୋତ୍ସବରେ ଏଥର ରାବଣ ଭୂମିକାରେ ଖେଳ କରିବେ ମନୋରଞ୍ଜନ। ସଂଘ ସଭାପତି ସଂଗ୍ରାମକେଶରୀ ନାୟକ, ବରିଷ୍ଠ ସଦସ୍ୟ ଅଶ୍ୱିନୀ କୁମାର ନାୟକ, ଶ୍ରୀନିବାସ ପୂଜାହାରୀ, ପବିତ୍ର ମୋହନ ନାୟକ, ଆସାମ ରାଇଫଲ୍ସର ଭାରତୀୟ ତଟବାହିନୀ ଯବାନ ସତ୍ୟନାରାୟଣ ଥାଟି, ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ପଣ୍ଡା, ଭାଗୀରଥି ବଗର୍ତ୍ତୀ, ଗୌରିଶଙ୍କର ନାଏକ ପ୍ରମୁଖଙ୍କ ଦୁର୍ଗାପୂଜା କୋର କମିଟି ଏବଂ ସଂଘର ସଦସ୍ୟ ଯୋଗଦେଇଥିଲେ।

# ଅତିରିକ୍ତ ଜିଲାପାଳଙ୍କ ଥେରାପି କେନ୍ଦ୍ର ପରିଦର୍ଶନ

**ବୀରମହାରାଜପୁର,୧୨।୯ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଉଫୁଲା ପଞ୍ଚାୟତର ଦନ୍ତାପାଲି ସ୍ଥିତ ପ୍ରେରଣା ଡେ କେୟାର ଥେରାପି କେନ୍ଦ୍ରକୁ ଶୁକ୍ରବାର ଅତିରିକ୍ତ ଜିଲାପାଳ ଅଞ୍ଜଳିନା ପ୍ରଧାନ ପରିଦର୍ଶନ କରିଥିଲେ। ଅପରାହ୍ନ ଦୁଇଟାରେ ରେଆର୍ ସୋନପୁର ପକ୍ଷରୁ ତଥା ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ସହାୟତାରେ ପରିଚାଳିତ ଏହି କେନ୍ଦ୍ରରେ ପ୍ରଦାନ କରାଯାଉଥିବା ଭୌତିକ ଚିକିତ୍ସା, ସ୍ୱତନ୍ତ୍ର ଶିକ୍ଷା ଉପରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦବଲ୍ଲଭ ଷଡ଼ଙ୍ଗୀ, ଜିଲା ପଞ୍ଚାୟତରାଜ ତଥା ସୂଚନା ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ, ରେଆର ସାଧାରଣ ସମ୍ପାଦକ ଅନଙ୍ଗ ନେଗୀ ପ୍ରମୁଖ ଉପସ୍ଥିତ ଥିଲେ।


## ଦ.ପୂ. ରେଳପଥ – ଇ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ସିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୩୪, ତାରିଖ: ୧୧।୦୯।୨୦୨୫।
"ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ନିମ୍ନ ଅନୁଯାୟୀ ୱେବ୍‌ସାଇଟ୍ www.ireps.gov.inରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି (ଟଙ୍କାରେ) |
|---|---|---|---|---|---|
| ୧. | ୭୫୨୫୩୦୪୫ | ୦୬।୧୦।୨୫ | ଥର୍ମୋସେଟିଂ ସିନ୍ଥେଟିକ୍ ରେଜିନ୍ ଶିଟ୍‌ର ଯୋଗାଣ। ଆକାର- ୨.୪୪ ମିଟର | ୧୧୦୦୦ ଗୋଟି | ୨,୮୯,୪୧୦/- |
| ୨. | ୭୬୨୫୩୦୨୭ | ୦୬।୧୦।୨୫ | ମାନୁଆଲ ମେଟାଲ ଆର୍କ ୱେଲ୍‌ଡିଂ ଇଲେକ୍ଟ୍ରୋଡ୍‌ର ଯୋଗାଣ, ଆକାର- ୪ମିମି x ୩୫୦ ମିମି, କ୍ଲାସ୍- ଏମ୍୨ | ୩୩୧୯୯୧ ମିଟର | ୨,୧୭,୪୫୦/- |
| ୩. | ୭୭୨୫୦୦୧୨ | ୦୩।୧୦।୨୫ | ଆଣ୍ଟି କରୋସିଭ୍ ଇପକ୍ସି ପେଣ୍ଟ ଆଦି ପାଇଁ ସାମଗ୍ରୀଗୁଡ଼ିକର ସେଟ୍ ଯୋଗାଣ | ୨୮୪୦ ସେଟ୍ | ୨,୩୪,୫୮୦/- |
| ୪. | ୧୬୨୫୫୦୦୯ | ୨୫।୦୯।୨୫ | ଆଇପି ଭିତ୍ତିକ ଭିଡିଓ ସର୍ଭେଲାନ୍ସ ପ୍ରଣାଳୀର ପରୀକ୍ଷଣ ଓ କମିଶନିଂ | ୧୪୦ ସେଟ୍ | ୧,୨୬,୦୦୦୦/- |
| ୫. | ୨୯୨୫୩୭୮ | ୧୩।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୧୧୪ ସେଟ୍ | ୩,୨୦,୧୬୦/- |
| ୬. | ୨୯୨୫୪୭୩୯ | ୧୪।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲ ପୋର୍ସନ୍ ପାଇଁ ଓଭରହଲିଂ କିଟ୍ | ୯୪ ସେଟ୍ | ୨,୫୭,୩୩୦/- |
| ୭. | ୨୯୨୫୩୭୯୧ | ୧୫।୧୦।୨୫ | ଏଲ୍‌ଆର୍‌ୟୁ, କଣ୍ଟ୍ରୋଲର ଆସେମ୍ବ୍ଲି (ଇବିଭିବି) ପାଇଁ ଓଭରହଲିଂ କିଟ୍ | ୯୬ ସେଟ୍ | ୨,୫୭,୧୫୦/- |
| ୮. | ୨୫୨୫୩୮୬୮ | ୧୫।୧୦।୨୫ | ବ୍ରେକ୍ ଶୁ (ଷ୍ଟେପ୍ ଆକାର), ମିଡିୟମ୍ ଫସ୍‌ଫରସ୍ | ୭୫୮୮ ଗୋଟି | ୧,୮୮,୫୭୦/- |
| ୯. | ୨୯୨୫୦୦୧୮ବି | ୧୬।୧୦।୨୫ | ଡବ୍ଲ୍ୟୁଏଜି-୯ ଲୋକୋ ପାଇଁ ହାଇ କାପାସିଟି ଡ୍ରାଫ୍ଟ ଗିୟର୍ | ୨୩୫ ଗୋଟି | ୨,୨୩,୫୦୦/- |
ପୂଜକମାନେ ଯାଇ ୯ଟି ଟାଙ୍ଗୁଡିରେ ବାଲି ଭର୍ତ୍ତି କରି ଆଣିଥିଲେ। ଲୋକଙ୍କ ଘରୁ ନଅ ପ୍ରକାର ଶସ୍ୟ ସଂଗ୍ରହ କରି ତାକୁ ବାଲି ଘରେ ରଖି ପୂଜାର୍ଚ୍ଚନା ଜାରି ରଖିଥିଲେ। ଏହା ପରେ ଭୈରବ ଦେବଙ୍କ ଝାମୁଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି କରାଯାଇଥିଲା। ଏହା ପୂର୍ବରୁ ତିନି ଭୈରବଙ୍କ ପ୍ରତୀକ ବାଲି ଘରୁ ମୁଖ୍ୟ ମନ୍ଦିରକୁ ଯିବା ସହିତ ସେଠାରୁ ଆଜ୍ଞାମାଳ ଆଣିବା ପରେ ନିଆଁରେ ତିଆରି ଖନ୍ଦା (ଝାମୁ)କୁ ତିନିଥର ପ୍ରଦକ୍ଷିଣ କରି ସାରିବା ପରେ ଠାକୁରାଣୀ ଗୁଡି (ମନ୍ଦିର)କୁ ଯାଇ ଦେବୀଙ୍କୁ ଆମନ୍ତ୍ରଣ କରିଥିଲେ। ଏହାପରେ ଦେବୀ ଝାମୁଯାତ୍ରାରେ ସାମିଲ ହୋଇଥିଲେ। ଏହି ସମୟରେ ଚାରୋଟି କଟା କଦଳୀ ଗଛକୁ ଧଳା କପଡା ଘୋଡାଇ ପ୍ରସ୍ତୁତ କରାଯାଇଥିଲା ଗଉରୀଘର, ଯେଉଁଠି ବଡଭୋଗ (ପାରା ବଳି) ଦେବା ପରେ ଝାମୁଯାତ୍ରାର ପ୍ରସ୍ତୁତି ପର୍ବ ଶେଷ ହୋଇଥିଲା। ଏହା ପରେ ଅଗ୍ନି ଭୈରବଙ୍କ କାଳେସୀ ରଡ ନିଆଁ ଉପରେ ଚାଲିବା ଦୃଶ୍ୟ ସମସ୍ତଙ୍କୁ ବିମୋହିତ କରିଥିଲା। ଏହି ସମୟରେ ଡମବାଜା, ଘୁମୁରା ଓ କୀର୍ତ୍ତନର ଶବ୍ଦ ଗୁଞ୍ଜରି ଉଠୁଥିଲା। ଯାତ୍ରା ସରିଲା ପରେ ମାନସିକ କରିଥିବା ଲୋକଙ୍କ ଦ୍ୱାରା କୁକୁଡା, ପାରା, ବତକ, ଛେଳି ଆଦି ବଳି ଦିଆଯାଇଥିଲା। ଅଗ୍ନିଭୈରବ, ବାଲି ଭୈରବ ଅଭିମନ୍ୟୁ ପାତ୍ର, ଠାକୁରାଣୀଙ୍କ ପୂଜାରୀ ଜନ୍ମେଶ୍ୱର ପୂଜାରୀ, ଗୁରମାଇଁ ମାନସ ରଞ୍ଜନ ମାଝୀ, ପାଟ ଘୁମରିଆ ପରମାନନ୍ଦ ପାତ୍ର, ଚଲାନ ଚନ୍ଦ୍ରଶେଖର ଦଳପତି ପ୍ରମୁଖ ପୂଜାର୍ଚ୍ଚନାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଲାଞ୍ଜିଗଡ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓ, ହରିହର ସାଂସ୍କୃତିକ ଅନୁଷ୍ଠାନ ଓ ଲାଞ୍ଜିଗଡ଼ ଯୁବକ ସଂଘର କର୍ମକର୍ତ୍ତା ସହଯୋଗ କରିଥିଲେ। ଏହି ଯାତ୍ରାରେ ପ୍ରାୟ ୧୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

## ଶାଶୁଘର ଆଗରେ ମହିଳାଙ୍କ ମୃତଦେହ ରଖି ଆନ୍ଦୋଳନ

**କେସିଙ୍ଗା,୧୨।୯(ଡୁମେଶ୍ୱର ସାହୁ)**

କଳାହାଣ୍ଡି ଜିଲା କେସିଙ୍ଗା ଥାନା ଅନ୍ତର୍ଗତ ଭମରମାଲ ଗ୍ରାମର ଶାଶୁଘର ଆଗରେ ମୃତଦେହ ରଖି ମୃତା ମହିଳାଙ୍କ ବାପଘର ଲୋକେ ଆନ୍ଦୋଳନ କରିଥିଲେ। ସୂଚନା ଅନୁସାରେ ଏମ୍. ରାମପୁର ଥାନା ବାଞ୍ଜିପଦର (ସାପଲହରା) ଗ୍ରାମର କୌତୁକ ସାହୁଙ୍କ ଝିଅ କ୍ଷୀରବତୀ ୧୩।୩।୨୦୨୩ରେ କେସିଙ୍ଗା ଥାନା ଭମରମାଲ ଗ୍ରାମର ରୋମାଞ୍ଚଳ ସାହୁଙ୍କ ପୁତ୍ର ଜଗନ୍ନାଥ ସାହୁଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ। ସେମାନଙ୍କର ୧ବର୍ଷର ଏକ ପୁତ୍ର ସନ୍ତାନ ରହିଛି। ଏପରିସ୍ଥଳେ ଗତ ବୁଧବାର କ୍ଷୀରବତୀ ଅସୁସ୍ଥ ହୋଇ ଭବାନୀପାଟଣା ମେଡିକାଲରେ ଭର୍ତ୍ତିହୋଇଥିଲେ। ହେଲେ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା। ଝିଅକୁ ଶାଶୁଘର ଲୋକେ ବିଷ ଦେଇ ମାରିଥିବା ନେଇ ଗୁରୁବାର କୌତୁକ କେସିଙ୍ଗା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୪୪୮/୨୫) ରୁଜୁ କରିଛି। ମୃତଦେହ ଭମରମାଲ ଗ୍ରାମରେ ପହଞ୍ଚିବା ପରେ କୌତୁକଙ୍କ ସହ ପରିବାରବର୍ଗ ଶବ ନେବାକୁ ଜିଦ୍ କରିଥିଲେ। ଉତ୍ତେଜନା ଦେଖି ପୋଲିସ ମୃତଦେହ ଥାନାକୁ ନେଇଥିଲା। ବୁଝାଶୁଝା ପରେ ରାତିରେ କେସିଙ୍ଗା ଥାନାରୁ ପୁଣି ଭମରମାଲ ଗ୍ରାମକୁ ମୃତଦେହ ଅଣାଯାଇଥିଲା। ସେଠାରେ କୌତୁକଙ୍କ ପରିବାର ଲୋକେ ଘଟଣାରେ ସମ୍ପୃକ୍ତ ସ୍ୱାମୀ, ଶାଶୁ, ଶ୍ୱଶୁରଙ୍କୁ ଗିରଫ ସହ ଯୌତୁକ ସାମଗ୍ରୀ ଫେରାଇବା ଦାବିକରି ଶାଶୁଘର ସମ୍ମୁଖରେ ମୃତଦେହ ରଖି ଆନ୍ଦୋଳନ କରିଥିଲେ। ଏହା ଦେଖି ଶାଶୁଘର ଲୋକେ ତାଲାଦେଇ କୁଆଡ଼େ ଫେରାର ହୋଇଯାଇଥିଲେ। ଶୁକ୍ରବାର କେସିଙ୍ଗା ଏସ୍‌ଡିପିଓ ସନ୍ଦିପ ମାଝୀ, ଆଇଆଇସି ଜିତେନ୍ଦ୍ର ବିଶ୍ୱାଳଙ୍କ ସମେତ ପୋଲିସ ଫୋର୍ସ ଆସି ଘରର ତାଲା ଭାଙ୍ଗି ଯୌତୁକ ସାମଗ୍ରୀ ବାହାରକରି କୌତୁକଙ୍କ ପରିବାରକୁ ହସ୍ତାନ୍ତର କରିଥିଲେ। ଏହାସହ ଜଗନ୍ନାଥଙ୍କୁ ପୋଲିସ ଗିରଫ କରିଛି। ପରେ ଅପରାହ୍ନରେ ମୃତଦେହ ଦାହ କରାଯାଇଛି। ଏ ସଂକ୍ରାନ୍ତରେ କେସିଙ୍ଗା ଆଇଆଇସି ବିଶ୍ୱାଳଙ୍କୁ ପଚାରିବାରୁ ତଦନ୍ତ ଜାରି ରଖିଛି ବୋଲି ପ୍ରକାଶ କରିଥିଲେ।

## ଚାରିତ୍ରିକ ଶୁଦ୍ଧତା ପାଇଁ ଉଦ୍‌ବୋଧନ ଜରୁରୀ
### ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବକ୍ତୃତାମାଳା




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

**ଭବାନୀପାଟଣା,୧୨।୯(ଉତ୍ତମ କୁମାର ଦାଶ)**

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ 'ଉଦବୋଧନୀ' ଶୀର୍ଷକ ବକ୍ତୃତାମାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ସଭାପତିତ୍ୱ କରି ମଣିଷର ଚାରିତ୍ରିକ ଶୁଦ୍ଧତା ପାଇଁ ଉଦ୍‌ବୋଧନ ଏକାନ୍ତ ଜରୁରୀ ବୋଲି କହିଥିଲେ। ସ୍ୱାମୀ ବିବେକାନନ୍ଦ ଲୋକସଂସଦ ସମ୍ପାଦକ ନିରଞ୍ଜନ ପଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରି ବକ୍ତାଙ୍କ ପରିଚୟ ଦେଇଥିଲେ। ଡ. ଛାୟାକାନ୍ତ ଷଡଙ୍ଗୀ ବକ୍ତା ରୂପେ ଯୋଗଦେଇ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଭିତ୍ତି ମାଧ୍ୟମରେ ଉଦ୍‌ବୋଧନୀର ଗୁରୁତ୍ୱ ବୁଝାଇଥିଲେ। ମାନବିକତାର ମୂଲ୍ୟବୋଧ ଓ ଆଦର୍ଶବାଦ ଉପରେ ତାତ୍ତ୍ୱିକ ବ୍ୟାଖ୍ୟା କରିଥିଲେ। କମ୍ପ୍ୟୁଟର ବିଜ୍ଞାନ ବିଭାଗର ଅଧ୍ୟାପିକା ଲିପ୍‌ସା ମହାରଣା ବୈଦିକ ମନ୍ତ୍ର ଉଚ୍ଚାରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଡ. କୈଳାସ ଚନ୍ଦ୍ର ଦାସ ପରାଚାଳନା କରିଥିବାବେଳେ ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ସୀମାଞ୍ଚଳ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ବକ୍ତା ଛାତ୍ରୀଛାତ୍ରଙ୍କ ପ୍ରଶ୍ନର ଉତ୍ତର ଦେଇ ସଂଶୟ ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଧାଂଶୁ ଶେଖର ନେଗୀ, ଡ. ହଳଧର ସାହୁଙ୍କ ସମେତ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଦାବି ପୂରଣ ନ ହେଲେ ରାସ୍ତାରୋକୋ

**ଲାଞ୍ଜିଗଡ଼,୧୨।୯(ରମେଶ ଚନ୍ଦ୍ର ନାୟକ)**

### ରାସ୍ତା ନିର୍ମାଣ ପାଇଁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପୋଖରୀବନ୍ଧ ପଞ୍ଚାୟତର ମୁକୁନ୍ଦପୁର ରାସ୍ତା ମରଣଯନ୍ତା ପାଲଟିଛି। ତୁରନ୍ତ ରାସ୍ତାକାର୍ଯ୍ୟ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଶୁକ୍ରବାର ଅଞ୍ଚଳବାସୀ ଲାଞ୍ଜିଗଡ଼ ତହସିଲଦାରଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ପୋଖରୀବନ୍ଧ ପଞ୍ଚାୟତ ଅନ୍ତର୍ଗତ ୧୭ଗୋଟି ଗାଁ ଲୋକଙ୍କ ପାଇଁ ୨୦୧୯-୨୦ ବର୍ଷରେ ମୁକୁନ୍ଦପୁର ଛକରୁ କନେର ଭାୟା ମୁକୁନ୍ଦପୁର ରାସ୍ତା ନିର୍ମାଣ ହୋଇଥିଲା। ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ରାସ୍ତା ଅତ୍ୟନ୍ତ ନିମ୍ନମାନର ହୋଇଥିବାବେଳେ ଟେଣ୍ଡର ନେଇଥିବା ଠିକାଦାର ପାଞ୍ଚବର୍ଷ ଅବଧି ମଧ୍ୟରେ ମରାମତି ମଧ୍ୟ କଲେ ନାହିଁ। ଫଳରେ ବର୍ଷକ ମଧ୍ୟରେ ରାସ୍ତା ଶୋଚନୀୟ ହୋଇଥିବାରୁ ଯାତାୟାତ କରିବା ମୁସ୍କିଲ ହୋଇପଡିଛି। ୭କି.ମି. ଦୂର ଏହି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ଭରି ରହିଥିବାବେଳେ ବର୍ଷା ଦିନରେ ପାଣିଜମି ରହିଛି। ଫଳରେ ରୋଗୀ, ଗର୍ଭବତୀ ମହିଳାଙ୍କୁ ନେବାଆଣିବା ପାଇଁ ଅଞ୍ଚଳକୁ ଆମ୍ବୁଲାନ୍ସଟିଏ ଆସି ପାରୁନାହିଁ। ଛାତ୍ରୀଛାତ୍ରମାନେ ସ୍କୁଲ ଓ କଲେଜ ଯିବାକୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟା ନେଇ ଗ୍ରାମବାସୀ ଗତ ୦୬।୦୬।୨୫ ଓ ୨୧।୦୭।୨୫ରିଖରେ ଜିଲାପାଳଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଥିଲେ ମଧ୍ୟ ସୁଫଳ ମିଳିନାହିଁ। ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଆସନ୍ତା ୧୦ଦିନ ମଧ୍ୟରେ ପଦକ୍ଷେପ ନିଆ ନ ଗଲେ ଭବାନୀପାଟଣା-ରାୟଗଡା ୬ନଂ. ରାଜ୍ୟ ରାଜପଥ ପୋଖରୀବନ୍ଧ ଛକରେ ରାସ୍ତାରୋକୋ କରାଯିବ ବୋଲି ଚେତାବନୀ ଦେଇଛନ୍ତି ଅଞ୍ଚଳବାସୀ। ଏହି ମର୍ମରେ ଜିଲାପାଳଙ୍କ ସମେତ ଲାଞ୍ଜିଗଡ଼ ବିଡିଓଙ୍କ ଅନୁପସ୍ଥିତିରେ ବ୍ଲକ ଅର୍ଥ ଅଧିକାରୀ ନୀଳାମ୍ବର ଜାନୀ ଓ ବିଶ୍ୱନାଥପୁର ଥାନାଧିକାରୀ ତୁଳସୀରାମ ଶବରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।



ଥାନାକୁ ଅଭିଯୋଗ ପାଇଁ ଆସିଥିବା ଗ୍ରାମବାସୀ।

## ନିର୍ଯାତନା ନେଇ ଥାନାର ଦ୍ୱାରସ୍ଥ ହେଲେ ଆଦିବାସୀ

**ନୂଆପଡ଼ା,୧୨।୯ (ମକାରୁ ବେମାଲ)**

ନୂଆପଡ଼ା ସଦର ବ୍ଲକ କେନ୍ଦୁବାହାରା ପଞ୍ଚାୟତ ଭଇଁଷାଦରା ଗାଁରେ ଆଦିବାସୀଙ୍କ ଉପରେ ମାନସିକ ନିର୍ଯାତନା ଦିଆଯାଉଥିବା ନେଇ ଗୁରୁବାର ଗ୍ରାମବାସୀ ଧରମବନ୍ଧା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁଯାୟୀ, ଭଇଁଷାଦରା ଗାଁରେ ମିର୍ଦ୍ଧା, ଗଣ୍ଡ, ଗଉଡ, ହରିଜନ, ସାହୁ, ରଣା, କେଉଟ, ମାଳି ଓ ଲୋହରା ଆଦି ଜାତିର ପାଖାପାଖି ଶହେ ପରିବାରର ୫ ଶହରୁ ଉର୍ଦ୍ଧ୍ୱ ଲୋକ ବାସ କରନ୍ତି। ଗାଁର ଅଧିକାଂଶ ଲୋକ ଚାଷ କାର୍ଯ୍ୟ ସରିଲେ ଦିନ ମଜୁରିଆ କାମ କରି ପରିବାର ପ୍ରତିପୋଷଣ କରନ୍ତି। ଗାଁରେ କୌଣସି ସାମାଜିକ କାର୍ଯ୍ୟ ହେଲେ ସମସ୍ତେ ଏକାଠି ପାଳନ କରନ୍ତି। ହେଲେ ଗାଁରେ କେତେଜଣ ପଛୁଆ ବର୍ଗର ଲୋକ ନିର୍ଯାତନା ଦେଇ ଆସୁଥିବା ସେମାନେ ଅଭିଯୋଗ କରିଛନ୍ତି। ପଛୁଆ ବର୍ଗର ଲୋକେ ବିବାହ, ବ୍ରତ, ପୂଜାକଲେ ଆଦିବାସୀମାନଙ୍କୁ ନିମନ୍ତ୍ରଣ କରୁଛନ୍ତି। ସେହି ଉତ୍ସବକୁ ଗଲେ କାହିଁକି ଆସିଲ ବୋଲି ଗାଁରେ ସଭା କରି ଜରିମାନା ଆଦାୟ କରୁଛନ୍ତି। ଜରିମାନା ନ ଦେଲେ ଗାଁ ଛାଡି ଚାଲିଯାଅ ବୋଲି ଧମକ ଦେଇ ନିଆଁ ପାଣି ବନ୍ଦ କରି ଦେଉଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ବ୍ୟକ୍ତିମାନେ ଗାଁରେ ଥିବା ସରକାରୀ ଜମି, ଗାଁ ପୋଖରୀକୁ ଜବରଦଖଲ କରି ନେଇଛନ୍ତି। ଏ ସମ୍ପର୍କରେ ପୋଲିସକୁ କହିଲେ ପରିଣାମ ଭୟଙ୍କର ହେବ ବୋଲି ଧମକ ଦିଅନ୍ତି ବୋଲି ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି। ତୁରନ୍ତ ଏହାର ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ମିର୍ଦ୍ଧା ସମ୍ପ୍ରଦାୟର ୨୦ରୁ ଉର୍ଦ୍ଧ୍ୱ ପରିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଏସ୍ଆଇ ବିନୋଦ ବିହାରୀ ସେଠୀଙ୍କୁ ପଚାରିବାରୁ ଏହା ଉପରେ ତଦନ୍ତ କରାଯିବ, ସତ୍ୟାସତ୍ୟ ଜଣାପଡିଲା ପରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଏହି ସମୟରେ ଭକ୍ତବନ୍ଧୁ ଧରୁଆ, ସୁରେଶ ମିର୍ଦ୍ଧା, ସନ୍ତରାମ ମିର୍ଦ୍ଧା, ଦୁଃଖୀ ମିର୍ଦ୍ଧା, ରାମାୟଣ ବାଇ ମିର୍ଦ୍ଧା, ଦୁରପତି ମିର୍ଦ୍ଧା, ନିରଞ୍ଜନ ମିର୍ଦ୍ଧା, ପୁଷ୍ପା ମିର୍ଦ୍ଧା, ସୋଭାଗିରି ମିର୍ଦ୍ଧା, ମଙ୍ଗଳୁ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ ଉଦ୍‌ଯାପିତ

**ଭବାନୀପାଟଣା,୧୨।୯(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଆଇଟିଡିଏ ପକ୍ଷରୁ ଗତ ୩ଦିନ ଧରି ଭବାନୀପାଟଣାସ୍ଥିତ ଭାରତ ପ୍ୟାଲେସଠାରେ ଚାଲିଥିବା ଜିଲାସ୍ତରୀୟ ଆଦି କର୍ମଯୋଗୀ ଅଭିଯାନ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ ଯୋଗଦେଇ ଆଦିବାସୀ ବହୁଳ ଗ୍ରାମର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସୁବିଧା ହାସଲ କରି କିଭଳି ମୁଖ୍ୟ ସ୍ରୋତରେ ସାମିଲ ହେବେ ସେ ନେଇ ଉପସ୍ଥିତ ଜିଲା ଓ ବ୍ଲକସ୍ତରୀୟ ପ୍ରଶିକ୍ଷକ ଏବଂ ଅନ୍ୟ ବିଭାଗରୁ ଆସିଥିବା ଅଧିକାରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଜିଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହଁର ପ୍ରଶିକ୍ଷିତ ଅଧିକାରୀ ତୃଣମୂଳ ସ୍ତରରେ ପ୍ରଶିକ୍ଷଣ ଦେଇ ଲୋକଙ୍କୁ ମାନସିକ ସ୍ତରରେ ପ୍ରସ୍ତୁତ କରିବାକୁ ନିବେଦନ କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ବଦ୍ଧ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଥୁଆମୂଳ ରାମପୁର ଧ୍ରୁବ ଚନ୍ଦ୍ର ମୁଦୁଲି ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଲାଞ୍ଜିଗଡ ବ୍ଲକ ଶିକ୍ଷାଧିକାରୀ ରୁଷିଆ ମେହେର ମଞ୍ଚ ପରିଚାଳନା କରିବା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶଜନିତ କର୍ମଶାଳା

**ଖଡ଼ିଆଳ,୧୨।୯ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶ୍ରୀ ସତ୍ୟସାଇ ସେବା ଅନୁଷ୍ଠାନ ପକ୍ଷରୁ ସମ୍ପୂର୍ଣ୍ଣ ବ୍ୟକ୍ତିତ୍ୱ ବିକାଶଜନିତ କର୍ମଶାଳା ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ସଭାପତି ନଟବର କ୍ଷତ୍ରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ପରାମର୍ଶଦାତା ଡ. ଅଶୋକ କୁମାର ହୋତା ଆଧୁନିକ ଯୁଗରେ ବ୍ୟକ୍ତିତ୍ୱର ବିକାଶ, ମାନବ ଜୀବନରେ ୩ ଏଚ୍ ହ୍ୟାଣ୍ଡ, ହେଡ୍ ଓ ହାର୍ଟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ଭଞ୍ଜନଗରରୁ ଆସିଥିବା ଉକ୍ତ ଅନୁଷ୍ଠାନର ଗଞ୍ଜାମ ଜିଲା ଅଧିକାରୀ ପ୍ରତାପ ସ୍ୱାଇଁ ବ୍ୟକ୍ତିତ୍ୱ ବିକାଶର ମୂଲ୍ୟବୋଧ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ଭଉଣୀ ବିଜୟଲକ୍ଷ୍ମୀ ଶତପଥୀ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଞ୍ଚାଳିକା ଅଧ୍ୟାପିକା ଡ. ଗୀତାଶ୍ରୀ ପ୍ରିୟମ୍ବଦା ମଞ୍ଚ ପରିଚାଳନା କରିଥିବା ବେଳେ ବିଷୟ ସଂଯୋଜକ ଡ. ସରୋଜ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ। ଏଥିରେ ୧୫୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଜଳ ବିଭାଜିକା ପକ୍ଷରୁ ହିତାଧିକାରୀ ତାଲିମ ଶିବିର

**ଗୋଲାମୁଣ୍ଡା/କେଗାଁ,୧୨।୯ (ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି):** କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ମହେନ୍ଦ୍ରପୁରଠାରେ ଶୁକ୍ରବାର ଜଳ ବିଭାଜିକା ତରଫରୁ ହିତାଧିକାରୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିନାପାଲି ସରପଞ୍ଚ ନୌକେଶ୍ୱର ପଟେଲ ମୁଖ୍ୟ ଅତିଥି ଓ ସମିତିସଭ୍ୟ ଲୋଚନ ସାହୁ, ଖବରଦାତା ସୁଶାନ୍ତ କୁମାର ଦଳେଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଜଳ ବିଭାଜିକା ତରଫରୁ ବୃଷ୍ଟିପୃଷ୍ଟ ଅଞ୍ଚଳ ଉନ୍ନୟନ ଆର୍‌ଏଡି ଯୋଜନା ଜରିଆରେ ମହେନ୍ଦ୍ରପୁର ଗ୍ରାମକୁ ପାଇଲଟ ପ୍ରୋଜେକ୍ଟରେ ନିଆଯାଇଛି। ଏହି ଗ୍ରାମର ଲୋକଙ୍କୁ ପନିପରିବା ଚାଷ, ତୈଳ ବୀଜ ଜାତୀୟ ଚାଷ, କୁକୁଡ଼ା ପାଳନ, ଛେଳି ଚାଷ, ମହୁ ଚାଷ, ଜିଆ ଉତ୍ପାଦନ ପାଇଁ ସରକାରୀ ସହାୟତା ପ୍ରଦାନ କରାଯିବ। ମୃତ୍ତିକା ସଂରକ୍ଷଣ ବୈଷୟିକ ତାଲିମଦାତା ରାମେଶ୍ୱର ବାଗ ଏହି କାର୍ଯ୍ୟକ୍ରମ ବିଷୟରେ ଉପସ୍ଥିତ ଗ୍ରାମବାସୀଙ୍କୁ ବୁଝାଇଥିଲେ। ମୃତ୍ତିକା ସଂରକ୍ଷଣ ବ୍ଲକ ଅଧିକାରୀ ସୁରଥ ମାଝୀ ଯୋଜନାର ସଠିକ ରୂପାୟନ କରିବାକୁ ଆହ୍ୱାନ ଦେଇ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ କୃଷି, ମତ୍ସ୍ୟ, ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ।

## ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

**କଲମପୁର,୧୨।୯(ଗଣେଶରାମ ବାଗ)**

କଳାହାଣ୍ଡି ଜିଲା କଲମପୁର ବ୍ଲକ୍ କାର୍ଯ୍ୟାଳୟଠାରେ ଶୁକ୍ରବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିଜୟ କୁମାର ମାଣ୍ଡାଙ୍ଗିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବ୍ଲକ୍ ଉପାଧ୍ୟକ୍ଷ ଚିନ୍ତାମଣି ବେହେରା ମୁଖ୍ୟ ଅତିଥି, ବ୍ଲକ୍ ଏଇ କିରଣ କୁମାର ଷଣ୍ଢ, ଗୋଷ୍ଠୀ ଅର୍ଥ ପରାମର୍ଶଦାତା ନିଖିଳେଶ ପାତ୍ର, ସାଂସଦ ପ୍ରତିନିଧି ଅରୁଣ ଜଗରିଆ, ବିଧାୟକ ପ୍ରତିନିଧି ସୁଶୀଲ ରାଉତ, ବିଜମରା ପଞ୍ଚାୟତ ସରପଞ୍ଚ ବାଳକୃଷ୍ଣ ଧ.ମାଝୀ, ବନ୍ଧକନା ସରପଞ୍ଚ ହିମାଦ୍ରି ବାଗ, ସମିତି ସଭ୍ୟ ରୀନା ମାଝୀ, କୋଟାଗାଁ ସରପଞ୍ଚ ଚନ୍ଦନ ପଣ୍ଡା, ମଣ୍ଡଳ ସରପଞ୍ଚ ତ୍ରୟମ୍ବକ ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ବ୍ଲକ୍‌ର ୧୧ ପଞ୍ଚାୟତରୁ ଆସିଥିବା ୩୮୮ ଜଣ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୨୪ ଜଣଙ୍କୁ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିଲା। ଅସ୍ଥିଶଲ୍ୟ ବିଭାଗରେ ୧୦୫, ମାନସିକ ବିଭାଗ ୩୧, କର୍ଣ୍ଣ ଓ ଗଳା ୯୫, ଚକ୍ଷୁ ବିଭାଗ ୫୯ ଓ ଅନ୍ୟାନ୍ୟ ସହାୟତା ପାଇଁ ୯୮ ଜଣ ପଞ୍ଜୀକରଣ କରିଥିଲେ। ଶିବିରରେ ଅସ୍ଥିଶଲ୍ୟ ବିଭାଗ ଡା. ପ୍ରମୋଦେସ କଶ୍ୟପ ପଣ୍ଡା, ଚକ୍ଷୁ ବିଭାଗର ନିବେଦିତା ମହାରଣା, ମାନସିକ ରୋଗ ବିଭାଗ ଅନନ୍ତ ଚରଣ ମେହେର, କର୍ଣ୍ଣ ଓ ଗଳା ସିଦ୍ଧାର୍ଥ ଜେନା ପ୍ରମୁଖ ଉପସ୍ଥିତ ରହି ସେବା ପ୍ରଦାନ କରିଥିଲେ।




ଶିବିରରେ ଯୋଗଦେଇଥିବା ଅତିଥିମାନେ।

## ୧୮ରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣା

### ରାସ୍ତା ନିର୍ମାଣର ୨ବର୍ଷ ପରେ ମିଳିନି କ୍ଷତିପୂରଣ

**ନୂଆପଡ଼ା,୧୨।୯ (ମକାରୁ ବେମାଲ)**

ନୂଆପଡ଼ା ଜିଲା କୋମନା ବ୍ଲକ ଅନ୍ତର୍ଗତ ଧରମପୁରଠାରୁ ହାତୀସରା ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ରାସ୍ତା ଓ ସେତୁ ନିର୍ମାଣ ହୋଇଛି। ରାସ୍ତା ନିର୍ମାଣର ୨ବର୍ଷ ବିତି ଯାଇଥିଲେ ମଧ୍ୟ ଚାଷୀଙ୍କୁ କ୍ଷତିପୂରଣ ରାଶି ମିଳିନାହିଁ। ଏହି ଅବସରରେ ଶୁକ୍ରବାର ଧରମପୁର ସୁନ୍ଦର ନଦୀ ବ୍ରିଜ ସମ୍ମୁଖ ବରଗଛ ମୂଳରେ ଚାଷୀ ନେତା ଭକ୍ତବନ୍ଧୁ ଧରୁଆଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଧରମପୁର, ହାତୀସରା, ଟୋଙ୍ଗୋମାଲ ଗାଁର ଚାଷୀମାନେ ଯୋଗଦେଇ ଆଲୋଚନା କରିଥିଲେ।



ବୈଠକରେ ଯୋଗଦେଇଥିବା ଚାଷୀମାନେ।

ବାରମ୍ବାର କାର୍ଯ୍ୟାଳୟକୁ ଦୌଡୁଥିଲେ ମଧ୍ୟ କ୍ଷତିପୂରଣ ରାଶି ମିଳିପାରି ନାହିଁ। ତେଣୁ ଆସନ୍ତା ୧୮ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବୁ ବୋଲି ଚାଷୀମାନେ ସର୍ବସମ୍ମତି କ୍ରମେ ବୈଠକରେ ନିଷ୍ପତ୍ତି ନେଇଛନ୍ତି। ସୂଚନା ଅନୁଯାୟୀ ରାସ୍ତା ତିଆରି ସମୟରେ ତରବୋଡ ପଞ୍ଚାୟତର ଧରମପୁର, ଧର୍ଲିପଡା ପଞ୍ଚାୟତର ହାତିସରା ଓ ଟୋଙ୍ଗୋମାଲ ଗାଁର ପାଖାପାଖି ୩୦ ଜଣ ଚାଷୀଙ୍କ ଚାଷ ଜମି ଯାଇଛି। ଜମିର ଉଭୟ ପାର୍ଶ୍ୱରେ ମାଟି ପୋତି ହୋଇଥିବାରୁ ଚାଷ କାର୍ଯ୍ୟରେ ବାଧା ଉପୁଜୁଛି। ଏହାକୁ ନେଇ ଚାଷୀମାନେ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ସୁଫଳ ପାଇ ନ ଥିବା ଅଭିଯୋଗ କରିଛନ୍ତି। ଏହାର ପ୍ରତିବାଦରେ ସେମାନେ ଏକଜୁଟ ହୋଇ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ପ୍ରସ୍ତୁତି ହେଉଛନ୍ତି। ଏହି ସମୟରେ ରଘୁ ବନଛୋର, ରବିନ୍ଦ୍ର ହଂସ, ପିଲାଲାଲ ବନଛୋର, ଗୋବିନ୍ଦ ମାଝି, ରୂପଧର ବନଛୋର, ଭାଗୋ ବନଛୋର, ଉତ୍ତମ ଖର୍ସେଲ, ମୁଖ୍ୟ ନାଗ, ଜ୍ଞାନେଶ୍ୱର ମାଝି, ନରେଶ ନାଏକ, ଚଉବନ ମହରାଙ୍କ ସମେତଅନ୍ୟଚାଷୀମାନେଉପସ୍ଥିତଥିଲେ।

## ସଂକ୍ଷେପରେ

### ଜଙ୍ଗଲରୁ ଝୁଲନ୍ତା ମୃତଦେହ ଜବତ

ପାଇକମାଲ,୧୨ା୯(ବଡ଼ ଶତପଥୀ): ପାଇକମାଲ ପୋଲିସ ଢୁଡ଼କିଝରିଆ ଜଙ୍ଗଲରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ବୁକୁରାମୁଣ୍ଡା ଗ୍ରାମର ଜଗଦୀଶ ବରିହା (୫୬)। ଜଗଦୀଶଙ୍କ ପୁତ୍ର ହାରାଧନ ବରିହାଙ୍କ ଏତଲା କ୍ରମେ ବାପା ଜଗଦୀଶ ଗତ ୩ତାରିଖରୁ ଘରୁ ବାହାରି କୁଆଡେ ଚାଲି ଯାଇଥିଲେ। ତାଙ୍କର ମାନସିକ ସ୍ଥିତି ଠିକ୍ ନ ଥିବାରୁ ସେ ଘରୁ ପ୍ରାୟ ୪ଥର ଏପରି କାହାକୁ ନ କହି ଚାଲି ଯାଉଥିଲେ ବୋଲି ସ୍ଥାନୀୟ ଥାନାରେ ଏତଲା ଦେଇଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏହି ସମୟରେ ଢୁଡ଼କିଝରିଆ ଜଙ୍ଗଲରୁ ଝୁଲନ୍ତା ମୃତଦେହ ମିଳିଥିଲା। ମୃତଙ୍କ ପୁତ୍ର ହାରାଧନ ଏହା ମୋର ବାପା ବୋଲି ଚିହ୍ନଟ କରିବା ପରେ ମୃତଦେହକୁ ପଦ୍ମପୁର ବ୍ୟବଚ୍ଛେଦ ପାଇଁ ପଠାଯାଇ ଘଟଣାର ତଦନ୍ତ ଚାଲିଥିବା ପାଇକମାଲ ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି।

### ତୋର୍ଲି ଗାଁ ରାସ୍ତା କାଦୁଅ ପଚ ପଚ

ଖଡ଼ିଆଳ,୧୨ା୯ (ସୁଜିତ କୁମାର ପ୍ରଧାନ): ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତର ତୋର୍ଲି ଗାଁ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ କାଦୁଅ ପଚ ପଚ ହୋଇଯାଇଛି। ଫଳରେ ଗ୍ରାମବାସୀ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଅଧକିଲୋମିଟର ରାସ୍ତାରେ ଶତାଧିକ ଖାଲ ହୋଇ ପାଣି ଜମି ରହିଛି।



ମଦଭାଟି ନିର୍ମାଣ ବିରୋଧରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ।

# ମଦଭାଟି ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ବରଗଡ଼,୧୨ା୯(ପ୍ରେମାନନ୍ଦ ଖମାରୀ)

■ ଜିଲାପାଳ, ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର
■ ଦାବିକୁ ଅଣଦେଖା କଲେ ତୀବ୍ର ଆନ୍ଦୋଳନ

ବରଗଡ଼ ଜିଲା ଭେଡ଼େନ ବ୍ଲକ ରେଶମ ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପଦର ଏବଂ ନନ୍ଦିନୀପୁର ଗ୍ରାମ ସଂଲଗ୍ନରେ ଏକ ଦେଶୀମଦ ବ୍ରାଞ୍ଚଭାଟି ଖୋଲାଯାଉଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ଶୁକ୍ରବାର ଉଭୟ ଇଚ୍ଛାପଦର ଏବଂ ନନ୍ଦିନୀପୁର ଗ୍ରାମର ମହିଳା, ପୁରୁଷ ଜିଲାପାଳ ଏବଂ ଅବକାରୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ଆସିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ଉତ୍ତମ ବାଗ ଏବଂ ଅବକାରୀ ଅଧୀକ୍ଷକ ସୁବନ କୁମାର ନାଏକଙ୍କୁ ଗ୍ରାମବାସୀ ପୃଥକ୍‌ଭାବେ ଦାବିପତ୍ର ପ୍ରଦାନ କରିଥିଲେ। ଉପରୋକ୍ତ ସ୍ଥାନରେ ମଦଭାଟି ନିର୍ମାଣକୁ ତୁରନ୍ତ ବନ୍ଦ କରା ନ ଗଲେ ଗ୍ରାମବାସୀ ଆନ୍ଦୋଳନକୁ ଓହ୍ଲାଇବା ପାଇଁ ଚେତାବନୀ ଦେଇଛନ୍ତି।

ଦାବିପତ୍ରରେ ଉଲ୍ଲେଖ ରହିଛି, ସମ୍ପୃକ୍ତ ମଦଭାଟି ଯେଉଁ ସ୍ଥାନରେ ନିର୍ମାଣ କରାଯାଉଛି, ସେଠାରୁ ଅନତିଦୂର ଅର୍ଥାତ୍ ୫୦ରୁ ୬୦ ମିଟର ଦୂରରେ ଗ୍ରାମର ସ୍କୁଲ ରହିଛି। ସେହିପରି ସ୍କୁଲ ପାଖରେ ବିଭିନ୍ନ ଦେବଦେବୀଙ୍କ ମନ୍ଦିର ଅଛି। ଏହା ସହିତ ସେହି ରାସ୍ତାରେ ନିୟମିତ ଛାତ୍ରୀଛାତ୍ର, ଗ୍ରାମବାସୀ ଯାତାୟାତ କରୁଛନ୍ତି। ସେଠାରେ ମଦଭାଟି ଖୋଲାଗଲେ ଛାତ୍ରୀଛାତ୍ର ସ୍କୁଲକୁ ଆସିବାରେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ସେହିପରି ମହିଳା, ପୁରୁଷ ମନ୍ଦିରକୁ ଯାତାୟାତ କରିବା ମଧ୍ୟ ସୁରକ୍ଷିତ ନୁହେଁ। କେବଳ ସେତିକି ନୁହେଁ, ସମ୍ପୃକ୍ତ ସ୍ଥାନରେ ମଦଭାଟି ଖୋଲାଗଲେ ଏହାର ଯଥେଷ୍ଟ କୁପ୍ରଭାବ ଗ୍ରାମର କୋମଳମତି ପିଲାଙ୍କଠାରୁ ଆରମ୍ଭ କରି ସମସ୍ତ ଗ୍ରାମବାସୀଙ୍କ ଉପରେ ପଡ଼ିବ। ଲୋକେ ମଦ ପିଇ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହିବାର ଆଶଙ୍କା ଦେଖାଯାଇଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ର ମଧ୍ୟ ପ୍ରଭାବିତ ହେବ। ମଦ ପିଇ ଅଞ୍ଚଳର ଅନେକ ଲୋକଙ୍କ ସ୍ୱାସ୍ଥ୍ୟହାନି ହୋଇଥିବାବେଳେ ଲୋକେ ମୃତ୍ୟୁମୁଖରେ ମଧ୍ୟ ପଡ଼ିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଦୃଷ୍ଟିରୁ ସମ୍ପୃକ୍ତ ସ୍ଥାନରେ ମଦଭାଟି ନିର୍ମାଣକୁ ଶୀଘ୍ର ବନ୍ଦ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଗ୍ରାମର ଲଳିତା ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ଲଳିତା ଭୋଇ, ସୁନୀଲ ବାରିକ, ଅର୍ଜୁନ ଭୁଏ, ସୀତାରାମ ପ୍ରଧାନ, ଝସକେତନ ପ୍ରଧାନ, କୃଷକ ସଂଗଠନର ସୁଦାମ ପାତ୍ର, ବିକାଶ ମାଝୀ, ସୁରେଶ ନେକାଣ୍ଟି, ରମେଶ ମହାପାତ୍ର ପ୍ରମୁଖ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ବହୁମୁଖୀ ପ୍ରତିଭାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ

ବରଗଡ଼,୧୨ା୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ଅନ୍ତର୍ଗତ ବୁଦେଲପାଲି ଏବଂ ବରଗଡ଼ ସାମ୍ବାଦିକ ସଂଘ ପରିସରରେ ଶୁକ୍ରବାର ବହୁମୁଖୀ ପ୍ରତିଭା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ବୁଦେଲପାଲି ଗ୍ରାମରେ ଗ୍ରାମର ବୀର ସୁଭାଷ ଯୁବକ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ରକ୍ତଦାନ ଶିବିରକୁ କଲାପାଣି ସରପଞ୍ଚ ଖୁଲଣା ପ୍ରଧାନ ଉଦ୍‌ଘାଟନ କରିଥିଲେ। ସଂଘର ସଭାପତି ଓକିଲ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରଗଡ଼ ସାମ୍ବାଦିକ ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ, ଜାବ୍‌ର ସଭାପତି ରବି ନାରାୟଣ ପଣ୍ଡା, ବରଗଡ଼ ନାଗରିକ ମଞ୍ଚର ସମ୍ପାଦକ ଭବାନୀ ସାହୁ, ଆର୍ଟ ଅଫ୍ ଲିଭିଙ୍ଗର ଅମରଜିତ୍ ଷଡ଼ଙ୍ଗୀ, ଗଣଦୃଷ୍ଟିର ମୁଖ୍ୟ ଉମେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ବରିଷ୍ଠ ରକ୍ତଦାତା ପ୍ରଦୀପ୍ତ କର ଏବଂ ବୁର୍ଲା ରକ୍ତଭଣ୍ଡାରର ଡା. ଦେବାଶିଷ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସ୍ୱର୍ଗତ ବିଶ୍ୱାଳଙ୍କ ଫଟୋଚିତ୍ରରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପ୍ରଦୀପ ମାହାର ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବରଗଡ଼ ସାମ୍ବାଦିକ ସଂଘ ପରିସରରେ ସ୍ୱର୍ଗତ ବିଶ୍ୱାଳଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସଂଘର ବରିଷ୍ଠ ସଦସ୍ୟ ଅଶ୍ୱିନୀ ଦର୍ଜୀ, ଦିପକ ଶର୍ମା, ଉପସଭାପତି ବିରେନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ବ୍ୟୋମକେଶ କର, ରାଜେଶ ସରାଫ୍, ଲଲାଟେନ୍ଦୁ ଦାଶ, ବଦ୍ରିପ୍ରସାଦ ସାହୁ, ଧ୍ରୁବ କର୍ମୀ, ବିକି ମଟାରୀ, ପ୍ରଦୀପ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ବିଶ୍ୱାଳ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



ବହୁମୁଖୀ ପ୍ରତିଭା ସ୍ୱର୍ଗତ ଶାନ୍ତନୁ ବିଶ୍ୱାଳଙ୍କ ସ୍ମୃତିସଭା।

# ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି

ବରଗଡ଼,୧୨ା୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ମହିଳା ସମିତି ପକ୍ଷରୁ ଶୁକ୍ରବାର ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ଜନସାଥୀ ଲେଙ୍ଗୁ ମିଶ୍ର ସ୍ମୃତି ସମିତିର ସଭାପତି ଡଃ ପ୍ରଦୀପ ହୋତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିରୋଧୀ ଦଳ ନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ମିଶ୍ର ରାଜନୈତିକ ଜୀବନକୁ ବାଦ୍ ଦେଇ ସାମାଜିକ କ୍ଷେତ୍ରରେ ସବୁବେଳେ ଏକ ଜନ ସଚେତନତା ସୃଷ୍ଟି କରୁଥିଲେ ବୋଲି ଆଚାର୍ଯ୍ୟ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୀତା ମିଶ୍ର, କୃଷକ ନେତା କିଶୋର ଦେବତା, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର କିଶୋର ସାହୁ, ମହିଳା ସମିତିର ସଦସ୍ୟା ଅନିମା ଚକ୍ରବର୍ତ୍ତୀ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ମହିଳା ସମିତିର ସଭାନେତ୍ରୀ ଅଞ୍ଜନା ଦାସ ସ୍ୱାଗତ ଭାଷଣ, ସମ୍ପାଦିକା ସୁଧାଂଶୁବାଳା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ପୂର୍ବାହ୍ନରେ ଲେଙ୍ଗୁ ମିଶ୍ର ଛକ ଏବଂ ଷ୍ଟାଡ଼ିୟମସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବରଗଡ଼ ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫ, ବରିଷ୍ଠ ଓକିଲ ଶ୍ୟାମସୁନ୍ଦର ଅଗ୍ରୱାଲା, ବରଗଡ଼ ନାଗରିକ ମଞ୍ଚର ସମ୍ପାଦକ ଭବାନୀ ସାହୁଙ୍କ ସମେତ ମହିଳା ସମିତିର ସଦସ୍ୟା, କ୍ରୀଡ଼ା ସଂସଦର ସଦସ୍ୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମହିଳା ସମିତିର ପଦ୍ମିନୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ବରଗଡ଼ରେ ଜନସାଥୀ ଲେଙ୍ଗୁ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

# କଫ ସିରପ୍ ଜବତ, ୩ ଗିରଫ

## ଝାରବନ୍ଧରେ ଅପରେଶନ ପ୍ରହାର

ଝାରବନ୍ଧ,୧୨ା୯(ଦେବେନ୍ଦ୍ର ସାହୁ)

ବରଗଡ଼ ପୋଲିସ ପକ୍ଷରୁ ଅପରେଶନ ପ୍ରହାର ଅଭିଯାନ କରାଯାଉଛି। ଏ ପରିପ୍ରେକ୍ଷୀରେ ଶୁକ୍ରବାର ଝାରବନ୍ଧ ପୋଲିସ ବେଆଇନ କଫ ସିରପ୍ କାରବାର ଅଭିଯୋଗରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନଳିପାଣି ଗ୍ରାମର ନୀତେଶ ସାହୁ, ବେହେରାଡୁବୁରୀ ଗ୍ରାମର ହରେକୃଷ୍ଣ ପ୍ରଧାନ, ଝାରବନ୍ଧର ଆଦିତ୍ୟ ପ୍ରସାଦ ବେହେରା। ଅଭିଯୁକ୍ତମାନଙ୍କଠାରୁ ୪ ଲିଟର ମିଶ୍ରିତ କଫ ସିରପ୍,୧୯ଟି ନୂଆଁ କଫ ସିରପ୍ ବୋତଲ,୩ ଷ୍ଟ୍ରିପ ନାଇଟ୍ରୋଜେନ ଟାବ୍‌ଲେଟ, ୫ଶହ ଟଙ୍କା ଜବତ ହୋଇଛି। ପୋଲିସର ଅପରେଶନ ପ୍ରହାର ଚାଲିଥିବା ବେଳେ ଅମଠି ପୋଲ ପାଖରେ ଏକ ବାଇକକୁ ଅଟକ ରଖି ଯାଞ୍ଚ କରିଥିଲା। ସେଥିରୁ କଫ ସିରପ୍ ଥିବା ଜଣାପଡ଼ିଥିଲା।


ଗିରଫ ଅଭିଯୁକ୍ତମାନେ।


ଆଲୋଚନାଚକ୍ରରେ ଛାତ୍ରୀଛାତ୍ର, ଅଧ୍ୟାପିକାବୃନ୍ଦ।

# ଭାରତୀୟ ଅର୍ଥନୀତି ଉପରେ ଆଲୋଚନା

ବରଗଡ଼,୧୨ା୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର କଳା ବିଭାଗରେ ଶୁକ୍ରବାର ଭାରତୀୟ ଅର୍ଥନୀତି ଏଟ୍ ଦ ରେଟ୍ ୧୦୦: ଲକ୍ଷ୍ୟ ଓ ଦୃଷ୍ଟିକୋଣ ୨୦୪୭ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜ ଅର୍ଥନୀତି ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ଡଃ ସୁଜିତ ପଧାନ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ବିକଶୀତ ଭାରତର ଲକ୍ଷ୍ୟ ହାସଲ କରିବା ଦିଗରେ ଦୃଷ୍ଟିକୋଣ, ଆହ୍ୱାନ, ରୋଡମ୍ୟାପ୍ ଉପରେ ଧାରଣା ଦେଇଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଅଧ୍ୟାପକ ଏସ୍. କାନ୍ତାରାଓ, ସୁଜିତ କୁମାର ଦୋରା, ପବିତ୍ର ମୋହନ ସାହୁ, ରାଜେଶ ମେହେର, ଗୋଲାପ ସାହୁ, ଆଦିତ୍ୟ ମେହେର, ପ୍ରସନ୍ନଜିତ୍ ଦତ୍ତ, ଅଧ୍ୟାପିକା ନିବେଦିତା ଭୋଇ, ସୋନାଲି ମେହେତା ପ୍ରମୁଖ ଉପସ୍ଥିତ ଥିଲେ। ଆଦ୍ୟାଶା ସାହୁ, ନୈନା ସାହୁ, ଜିଜ୍ଞାସା ଜ୍ୟୋତିର୍ମୟୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ଆଲୋଚନାଚକ୍ର ଉପରେ ନିଜ ମତ ରଖିଥିଲେ। କଳା ବିଭାଗର ସଂଯୋଜକ ଅଧ୍ୟାପକ ରାଜେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ଢୋଲବନ୍ଧ ଗ୍ରାମରେ ସଚେତନତା କାର୍ଯ୍ୟକ୍ରମ

ପଦ୍ମପୁର,୧୨ା୯(ପ୍ରଦୀପ୍ତ ଦାଶ)

ଜମଲା ଡିଗ୍ରୀ କଲେଜ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ପଦ୍ମପୁର ଅନ୍ତର୍ଗତ ଢୋଲବନ୍ଧ ଗ୍ରାମରେ ରକ୍ତ ସିକୁଳୀ ବା ସିକିଲ ସେଲ ଓ ଯକ୍ଷ୍ମା ବା ଟିବି ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ସ୍ୱାଧୀନ ଚନ୍ଦ୍ର ପଧାନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ କଲେଜର ସଭାପତି କଲାକହ୍ନେଇ ପଧାନ ଯୋଗଦେଇ ଥିଲେ। ମୁଖ୍ୟବକ୍ତା ରୂପେ ଭାବରେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶିବପ୍ରସାଦ ବେହେରା, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ଶେଖ ୱାସିମ ରାଜା, ସିଏଚ୍‌ଓ ପଙ୍କଜିନୀ କିଷାନ ମହିଳା ସ୍ୱାସ୍ଥ୍ୟକର୍ମୀ ସୂର୍ଯ୍ୟ ଦୀପ ପ୍ରମୁଖ ଯୋଗଦେଇ ଢୋଲବନ୍ଧ ଗ୍ରାମର ବହୁ ଗ୍ରାମବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇଥିଲେ।


ଢୋଲବନ୍ଧରେ ସଚେତନତା ରାଲି।

# କୃଷି ବିଭାଗର ସାର ଧରପଗଡ଼

ବରଗଡ଼,୧୨ା୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାକୁ ପର୍ଯ୍ୟାପ୍ତ ପରିମାଣରେ ଆସିଥିଲେ ଜିଲାରେ ସାର ସଙ୍କଟକୁ ନେଇ ଚାଷୀ ଅସନ୍ତୋଷ ଦେଖାଯାଇଛି। ଏହାକୁ ନେଇ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇ ସାରିଥିବାବେଳେ କୃଷିବିଭାଗ ମଧ୍ୟ ସାର ଧରପଗଡ଼କୁ ଜୋରଦାର କରିଛି। ଶୁକ୍ରବାର କୃଷି ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍ ବରଗଡ଼ର ବିଭିନ୍ନ ହୋଲସେଲର ଏବଂ ରିଟେଲରଙ୍କ ସାର ଗୋଦାମରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ଗୋଦାମରେ ରହିଥିବା ସାରର ଷ୍ଟକ ଯାଞ୍ଚ କରାଯାଇଥିଲା। ଚଢ଼ାଉରେ ଏଡିଓ ମମତାରାଣୀ ତ୍ରିପାଠୀ, ଅତିରିକ୍ତ ତହସିଲଦାର ନିଶିକାନ୍ତ ମେହେର, ଏଏଓ ପୁଷ୍ପକ ନାଏକ ପ୍ରମୁଖ ସାମିଲ ଥିଲେ।


ବରଗଡ଼ର ଏକ ସାର ଗୋଦାମରେ ଷ୍ଟକ ଯାଞ୍ଚ କରାଯାଉଛି।

# ଆଇନ ସଚେତନତା ଶିବିର

ହରଭଙ୍ଗା,୧୨ା୯(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ଶୁକ୍ରବାର ଦିନ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ପ୍ରିତିଶ କୁମାର ସାମଲ ଯୋଗଦେଇ ସୋସିଆଲ ମିଡିଆ ପ୍ଲାଟଫର୍ମର ସୁରକ୍ଷା ଓ ସାଇବର କ୍ରାଇମ ନେଇ ଆଇନର ଦିଗ ଉପରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ହରଭଙ୍ଗା ଓକିଲ ସଂଘର ସଭାପତି ଅକ୍ଷୟ କୁମାର ସାହୁ, ସରକାରୀ ଓକିଲ ଅଜିତ କୁମାର ପରିଡ଼ା, କୋର୍ଟ କର୍ମଚାରୀ ପ୍ରଭୁଦତ୍ତ ଛତ୍ରିଆ, ସୁମନ୍ତ ପ୍ରଧାନ, ତୁମ୍ବନାଥ ପାତ୍ର ଓ ସମସ୍ତ କର୍ମଚାରୀ ସାମିଲ ଥିଲେ ।


ସଚେତନତା କାର୍ଯ୍ୟକ୍ରମରେ ବିଚାରପତି ଓ ଅନ୍ୟମାନେ ।

# ସେମିନାରରେ ସାଇବର ସଚେତନତାକୁ ଗୁରୁତ୍ୱ

ବରଗଡ଼,୧୨ା୯(ପ୍ରେମାନନ୍ଦ ଖମାରୀ)

ବରଗଡ଼ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସ ଅନ୍ତର୍ଗତ ପାର୍ବତୀ ଗିରି ବ୍ଲକ ସ୍ଥିତ କନକ୍ଲେଭ୍ ହଲରେ ଶୁକ୍ରବାର ବରଗଡ଼ ପୋଲିସ ଦ୍ୱାରା ସାଇବର ସଚେତନତା ସେମିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇଥିଲେ। ବରଗଡ଼ ସାଇବର ସେଲ ମୁଖ୍ୟ ମଙ୍ଗଳ କିସ୍କୁ, ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ଗ୍ରାମାଞ୍ଚଳ ଥାନା ଅଧିକାରୀ ଶର୍ମିଷ୍ଠା ପ୍ରଧାନ, ସାଇବର ଟେକ୍ନୋଲୋଜି ଯୁବ ବିଶେଷଜ୍ଞ ଚିରାଗ ରଥ ପ୍ରମୁଖ ସେମିନାରରେ ଯୋଗଦାନ କରିଥିଲେ। ମୋବାଇଲ ଓ ସୋସିଆଲ ମିଡ଼ିଆର ଅପବ୍ୟବହାର, ସାଇବର ଜନିତ ବିଭିନ୍ନ ସମସ୍ୟା, ଠକେଇରୁ ରକ୍ଷା ପାଇବା ପାଇଁ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ଉକ୍ତ ଶିକ୍ଷାନୁଷ୍ଠାନର ସମସ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡିନ୍ ଆର.ଏସ୍.ଭି କ୍ରୀଷ୍ଣା ସ୍ୱାଗତ ଭାଷଣ ଦେଇଥିଲେ। ଉପାଧ୍ୟକ୍ଷ ଦିପକ କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅଧ୍ୟକ୍ଷ ଡ. ପୂର୍ଣ୍ଣେନ୍ଦୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ସାଇବର ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

# ସାର କଳାବଜାରର ଶିକାର ହେଉଛନ୍ତି ଚାଷୀ

ପଦ୍ମପୁର,୧୨ା୯(ପ୍ରଦୀପ୍ତ ଦାଶ)

## ପଦ୍ମପୁରରେ ୟୁରିଆ ସାରର ଅଭାବ

■ ପାକ୍ସରେ ସମୁଦ୍ରକୁ ଶଙ୍ଖେ
■ ଦୋକାନରେ ୮୦୦ ରୁ ୯୦୦

ପଦ୍ମପୁରରେ ୟୁରିଆ ସାରର ଅଭାବ ଦେଖାଦେଇଛି। ବର୍ତ୍ତମାନ ଏହି ସାରର ଆବଶ୍ୟକତା ଥିବାବେଳେ ପ୍ରାଥମିକ ସେବା ସମିତିରେ ପର୍ଯ୍ୟାପ୍ତ ମିଳୁନାହିଁ। ଫଳରେ ଚାଷୀମାନେ ବାଧ୍ୟ ହୋଇ ଚଢ଼ା ଦରରେ କିଣି କଳାବଜାରକାରୀମାନଙ୍କ ଶିକାର ହେଉଛନ୍ତି।

ଚଳିତବର୍ଷ ଖରିଫରେ ପଦ୍ମପୁର ବ୍ଲକରେ ୧୯,୨୦୦ ହେକ୍ଟରରେ ଧାନ ଚାଷ ହୋଇଛି। ଏହି ଜମିରେ ଚାଷୀକୁ ପ୍ରାୟ ୨୨ଶହ ମେଟ୍ରିକ ଟନ୍ ୟୁରିଆ ସାର ଆବଶ୍ୟକତା ରହିଛି। ଏହି ଆବଶ୍ୟକତା ପୂରଣ କରିବା ପାଇଁ ପଦ୍ମପୁର ବ୍ଲକରେ ପ୍ରାଥମିକ ସେବା ସମବାୟ ସମିତିକୁ ମିଶି ୪୪ଡିଲର ବିକ୍ରି କରୁଥିବା ବେଳେ ପଦ୍ମପୁର ସହରରେ ୧୦ ଜଣ ଡିଲର ଦ୍ୱାରା ସାର ବିକ୍ରୟ ଚାଲିଛି। ସେବା ସମବାୟ ସମିତି ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟରେ ସାର ବଣ୍ଟନ କରାଯାଉଥିବା ବେଳେ ତାହା ସମୁଦ୍ରକୁ ଶଙ୍ଖେ ସଦୃଶ । କାରଣ ସେମାନେ ଗୋଟିଏ ଚାଷୀକୁ ବସ୍ତାଏ କିମ୍ବା ଦୁଇବସ୍ତା ମାତ୍ର ଦେଉଛନ୍ତି, ଯାହାକି ଚାଷୀଙ୍କୁ ଅଣ୍ଟୁନାହିଁ। ଯଦ୍ୱାରା ସେମାନେ ବାଧ୍ୟ ହୋଇ ବାହାରୁ ଲାଇସେନ୍ସପ୍ରାପ୍ତ ଡିଲରଠାରୁ ପୁଣି ଆଧାର କାର୍ଡ ଦେଇ ୮୦୦ରୁ ୯୦୦ ଟଙ୍କାରେ ସାର କିଣୁଛନ୍ତି। ହୋଲସେଲରମାନେ ଏହି ସାରକୁ ଗଚ୍ଛିତ କରି ସିଧା ସଳଖ ବିକ୍ରି ନ କରି ଗ୍ରାମାଞ୍ଚଳର ଛୋଟ ଛୋଟ ଦୋକାନ ମାଧ୍ୟମରେ ଏହି କଳାବଜାର କରୁଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ତେଣୁ କୃଷି ବିଭାଗ ତରଫରୁ ଚଢ଼ାଉ ହେଲେ ପ୍ରକୃତ ସତ୍ୟତା ଜଣାପଡିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।


ପ୍ରାଥମିକ ସେବା ସମବାୟ ସମିତିରେ ବସ୍ତାଏ ୟୁରିଆ ସାର ପାଇଁ ଭିଡ଼।

# ତୋର୍ଲି ଗାଁ ରାସ୍ତା କାଦୁଅ ପଚ ପଚ

**ଖଡ଼ିଆଲ,୧୨।୯ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ ଅନ୍ତର୍ଗତ ନେହେନା ପଞ୍ଚାୟତର ତୋର୍ଲି ଗାଁ ରାସ୍ତାରେ ଖାଲଖମା ସୃଷ୍ଟି ହୋଇ କାଦୁଅ ପଚ ପଚ ହୋଇଯାଇଛି। ଫଳରେ ଗ୍ରାମବାସୀ ଯାତାୟାତ ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ ଅଧକିଲୋମିଟର ରାସ୍ତାରେ ଶତାଧିକ ଖାଲ ହୋଇ ପାଣି ଜମି ରହିଛି। ପୁଣି ଉଭୟ ପାର୍ଶ୍ୱରେ ଲଟାବୁଦା ବଢ଼ିଯାଇଥିବାରୁ ରାସ୍ତା ଅଣଓସାରିଆ ହୋଇ ରହିଛି। ଏହି ରାସ୍ତା ନେହେନା ପଞ୍ଚାୟତ କାର୍ଯ୍ୟାଳୟକୁ ସଂଯୋଗ କରୁଛି। ଗ୍ରାମର ୪୦ରୁ ଅଧିକ ଛାତ୍ରୀଛାତ୍ର ନେହେନା ଗ୍ରାମର ବିଭିନ୍ନ ବିଦ୍ୟାଳୟରେ ପାଠ ପଢୁଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ତଥା ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଗ୍ରାମବାସୀ ନେହେନା ପଞ୍ଚାୟତ ଉପରେ ନିର୍ଭରଶୀଳ। ବିଶେଷ କରି ସ୍କୁଲ ଯିବା ସମୟରେ ଛାତ୍ରୀଛାତ୍ର ଅନେକ ସମୟରେ ରାସ୍ତା କାଦୁଅରେ ପଡୁଥିବାରୁ ସ୍କୁଲ ଯିବା ବନ୍ଦ ହେଉଥିବା ନଜିର ରହିଛି। ଦୀର୍ଘବର୍ଷ ହେଲା ରାସ୍ତାରେ ଗୋଟିଏ ଟ୍ରିପ ମୋରମ ପଡି ନାହିଁ। ଏହି ରାସ୍ତାର ପୁନରୁଦ୍ଧାର ପାଇଁ ପଞ୍ଚାୟତଠାରୁ ବ୍ଲକ ପ୍ରଶାସନକୁ ଅନେକ ସମୟରେ ଲିଖିତ ଭାବରେ ଜଣାଇଥିଲେ ମଧ୍ୟ ସୁଫଳ ମିଳି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଜିଲାପାଳ ତୁରନ୍ତ ଏହି ସମସ୍ୟାର ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।


ସୁନ୍ଦରଗଡ ଜିଲା ଲହୁଣୀପଡା ମୁଖ୍ୟ ରାସ୍ତାରେ ଗୋଠଛଡ଼ା ଦନ୍ତା ବୁଲୁଛି।

# ମୁଖ୍ୟ ରାସ୍ତାରେ ଗୋଠଛଡ଼ା ଦନ୍ତା

**ଲହୁଣୀପଡା,୧୨।୯(ଦାଶରଥି ପଣ୍ଡା)**

## ଆତଙ୍କିତ ଅବସ୍ଥାରେ ଅଞ୍ଚଳବାସୀ

ସୁନ୍ଦରଗଡ ଜିଲା ଲହୁଣୀପଡା ମୁଖ୍ୟ ବଜାରରେ ଶୁକ୍ରବାର ସକାଳୁ ଗୋଠଛଡ଼ା ଦନ୍ତା ଘୁରିବୁଲୁ ଥିବା ଦେଖିବାକୁ ମିଳିଛି। ଏନେଇ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ସୂଚନାରୁ ପ୍ରକାଶ, ଲହୁଣୀପଡା ବ୍ଲକ ବାଙ୍କୀ ରେଞ୍ଜ ଅନ୍ତର୍ଗତ ରାଜାମୁଣ୍ଡା ସେକସନର ଗଦାପାଲି ଗ୍ରାମ ଜଙ୍ଗଲରେ ଗୁରୁବାର ରାତିରେ ଗୋଠଛଡା ଦନ୍ତା ରହିଥିଲା। ଶୁକ୍ରବାର ସକାଳୁ ଏହି ଦନ୍ତା ମିଶ୍ର ପାଲି, ରାଜାମୁଣ୍ଡା ଦେଇ ଲହୁଣୀପଡା ଗମ୍ଭାରଡିହିରେ ପହଞ୍ଚିବା ପରେ ସକାଳ ପ୍ରାୟ ୫ଟାରେ ଲହୁଣୀପଡା ମୁଖ୍ୟ ବଜାରରେ ଘୁରିବୁଲୁଥିଲା। ଲହୁଣୀପଡା, କଲେଇପୋଷ ଯାଇଥିବା ମୁଖ୍ୟ ରାସ୍ତାରେ ଯାଇ ନିକଟସ୍ଥ ଟକରା ଗ୍ରାମରେ ପହଞ୍ଚିଥିଲା। ଟକରା ଗ୍ରାମରୁ ଅର୍ଜୁନଟୁଆ ଗ୍ରାମ ଦେଇ ପ୍ରତାପପୁର ଜଙ୍ଗଲରେ ଦିନ ତମାମ ଲୁଚିରହିଛି। ଗୋଠଛଡା ଦନ୍ତା ୨ ଦିନ ଧରି ଏହି ଅଞ୍ଚଳରେ ଆତଙ୍କ ଖେଳାଇଛି। ବିଲରେ ପଶି ଫସଲକୁ ମାଡିଦଳି ନଷ୍ଟ କରିଦେଇଛି। ହାତୀକୁ ଘୋଉଡାଇବା ପାଇଁ ବାଙ୍କୀ ରେଞ୍ଜ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଥିବା ଜଣାପଡିଛି।

# ନିଶାମୁକ୍ତ ଅଞ୍ଚଳ ପାଇଁ ଅପରେଶନ ପ୍ରହାର

**ବାଲିଶଙ୍କରା,୧୨।୯( ସତ ସେଠ୍ )**

କିଞ୍ଜିରକେଲା ଓ ତଲସରା ଥାନା ଅଧୀନ ଶିକ୍ଷାନୁଷ୍ଠାନ ଅଞ୍ଚଳର ପରିବେଶକୁ ନିରାପଦ ଓ ନିଶାମୁକ୍ତ ଅଞ୍ଚଳ କରିବା ପାଇଁ ପୋଲିସ ପକ୍ଷରୁ ଅପରେଶନ ପ୍ରହାର ଆରମ୍ଭ କରାଯାଇଛି। କିଞ୍ଜିରକେଲା ଥାନା ଅଧିକାରୀ ଅଜୟ କୁମାର ଜେନାଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ନିଶାଦ୍ରବ୍ୟ ବିକ୍ରି କରାଯାଉଥିବା କିଞ୍ଜିରକେଲାରେ ୨ଟି, ବନ୍ଧବାହାଲରେ ୧ଟି ଓ କୁକୁରିଡିହରେ ୧ଟି ଏପରି ୪ଟି ଦୋକାନରେ ଚଢ଼ାଉ କରାଯାଇଥିଲା। ସେହିପରି ତଲସରା ଥାନା ଏସଆଇ ସୁପ୍ରଭା ବେହେରାଙ୍କ ନେତୃତ୍ୱରେ ବନଡେଗାରେ ନିଶାଦ୍ରବ୍ୟ ବିକ୍ରି ହେଉଥିବା ୨ଟି ଦୋକାନରେ ଚଢ଼ାଉ କରାଯାଇଥିଲା। ଶିକ୍ଷାନୁଷ୍ଠାନ ଅଞ୍ଚଳର ପରିବେଶକୁ ନିରାପଦ ଓ ନିଶାମୁକ୍ତ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ରହିଛି।

# ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମାବେଶ, ସଚେତନତା ଶିବିର



ଚେକ୍ ପ୍ରଦାନ କରାଯାଉଛି।

**ବନ୍ଧମୁଣ୍ଡା,୧୨।୯(ସୁବ୍ରତ ଦେ)**

ଭାରତୀୟ ସେଣ୍ଟ୍ରାଲ ବ୍ୟାଙ୍କ ତରଫରୁ ବିଶ୍ରା ବ୍ଲକ କାର୍ଯ୍ୟାଳୟ ବୈଠକ ହଲରେ ଶୁକ୍ରବାର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ସମାବେଶ ଏବଂ ସଚେତନତା ଶିବିର ଆୟୋଜିତ ହୋଇଯାଇଛି। ବ୍ୟାଙ୍କର ସମ୍ବଲପୁର ଆଞ୍ଚଳିକ ମୁଖ୍ୟ ପରିଚାଳକ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ବିଶ୍ରା ବ୍ଲକ ଏବିଡିଓ ବାସନ୍ତୀ ମାଝୀ, ବିଶ୍ରା ସିଡିପିଓ ଏମେରେନ୍ସିଆ କୁଲୁ, ସେଣ୍ଟ୍ରାଲ ବ୍ୟାଙ୍କ ସମ୍ବଲପୁର କ୍ଷେତ୍ର ମୁଖ୍ୟ ପରିଚାଳକ ନିଧି ଶର୍ମା ଏବଂ ବ୍ଲକ ପ୍ରମୁଖ ଫୁଲମଣି କେରକେଟ୍ଟା ସମ୍ମାନିତ ଅତିଥି ଭାବରେ ମଞ୍ଚରେ ଉପସ୍ଥିତ ଥିଲେ। ବ୍ୟାଙ୍କର ବିଶ୍ରା ଶାଖା ପରିଚାଳକ ଦୁର୍ଗା ଦାସ ରାୟଙ୍କ ନେତୃତ୍ୱରେ ପରିଚାଳିତ ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ମିଶନ ଶକ୍ତି ଗ୍ରୁପର ମହିଳା ସଦସ୍ୟମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ନକ୍ସଲ ପ୍ରଭାବିତ ତଥା ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ଆସିଥିବା ମହିଳାମାନେ ଉତ୍ସାହର ସହିତ ଶିବିରରେ ଅଂଶଗ୍ରହଣ କରିଥିଲେ ଏବଂ ଘଟଣାସ୍ଥଳରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ସହିତ ବୀମା ଯୋଜନା ସହ ଯୋଡ଼ି ହୋଇଥିଲେ। କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ମୁଖ୍ୟ ଅତିଥି ଦିବ୍ୟେନ୍ଦୁ କୁମାର କହିଥିଲେ, ସମାଜର ପ୍ରଗତି ପାଇଁ ମହିଳାମାନେ ଆର୍ଥିକ ଭାବରେ ସଶକ୍ତ ହେବା ଅତ୍ୟନ୍ତ ଜରୁରୀ। ସେ ମିଶନ ଶକ୍ତି ଗ୍ରୁପ ସହିତ ଜଡ଼ିତ ମହିଳାମାନଙ୍କୁ ବ୍ୟାଙ୍କ ସେବାର ସର୍ବାଧିକ ଲାଭ ନେବାକୁ ଅନୁରୋଧ କରିଥିଲେ। ସମସ୍ତ ମହିଳାଙ୍କୁ ଜୀବନ ଏବଂ ସ୍ୱାସ୍ଥ୍ୟ ବୀମା ଯୋଜନା ବିଷୟରେ ସଚେତନ ହେବା ତଥା ନିଜକୁ ସୁରକ୍ଷିତ ରଖିବା ପାଇଁ ମଧ୍ୟ ନିବେଦନ କରିଥିଲେ। ଶିବିରରେ ବ୍ୟାଙ୍କ ଅଧିକାରୀମାନେ ଉପସ୍ଥିତ ମହିଳାମାନଙ୍କୁ ସମସ୍ତ ସରକାରୀ ଯୋଜନା ବିଷୟରେ ବିସ୍ତୃତ ସୂଚନା ଦେଇଥିଲେ। ଏହି ଅବସରରେ ଉପସ୍ଥିତ ମହିଳାମାନେ ବ୍ୟାଙ୍କର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ ଏବଂ କହିଥିଲେ ଯେ ଗ୍ରାମୀଣ ଏବଂ ପଛୁଆ ଅଞ୍ଚଳର ମହିଳାମାନଙ୍କୁ ମୁଖ୍ୟସ୍ରୋତରେ ଯୋଡ଼ିବାରେ ଏପରି ଶିବିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ।

# ଲକ୍ଷାଧିକ ଟଙ୍କା ଠକେଇ, ମହିଳା ଗିରଫ

**ସୁନ୍ଦରଗଡ଼,୧୨।୯(ଜୟ ନାରାୟଣ ମେଣ୍ଡୁଲି)**

ଲକ୍ଷାଧିକ ଟଙ୍କା ଠକେଇ ଘଟଣାରେ ସୁନ୍ଦରଗଡ ଟାଉନ ଥାନା ପୋଲିସ ଶୁକ୍ରବାର ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବଡ଼ଗାଁ ଥାନା ଇଟମା ଗ୍ରାମର ସୁଜାତା ଶର୍ମା(୫୪)। ଏ ନେଇ ଟାଉନଥାନା ପୋଲିସ ଏକ ମାମଲା ନଂ.୩୯୬/୨୫ ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଦୀର୍ଘ ୨୦ ବର୍ଷ ଧରି ସୁଜାତା ମହିଳା ଗ୍ରୁପ ଗଠନ କରି ଟଙ୍କା, ସୁନା ଦେଣନେଣ କରି ଆସୁଥିଲେ। ପରବର୍ତ୍ତୀ ସମୟରେ ମହିଳା ଗ୍ରୁପର ବିଭିନ୍ନ ସଦସ୍ୟାଙ୍କ ଠାରୁ ବାହାନା ଦେଖାଇ ଲକ୍ଷାଧିକ ଟଙ୍କା ଓ ସୁନା ଗହଣା ନେଇ ଫେରାର ହୋଇଯାଇଥିଲେ। ଏନେଇ ଗ୍ରୁପର ମହିଳାମାନେ ସୁନ୍ଦରଗଡ ଟାଉନଥାନାରେ ଏତଲା ଦେଇଥିଲେ। ପୋଲିସ ଶୁକ୍ରବାର ସୁଜାତାଙ୍କୁ ସମ୍ବଲପୁର ଜିଲା କୁଚିଣ୍ଡା ବ୍ରାହ୍ମଣପଡାରୁ ଗିରଫ କରିଛି। ପୋଲିସ ସୂଚନା ମୁତାବକ, ସୁନ୍ଦରଗଡ଼ ସହରର ବିଭିନ୍ନ ଅଞ୍ଚଳରେ ବିୟୁଟି ପାର୍ଲର କରିଥିବା ମହିଳାମାନେ କିଛି ବର୍ଷ ହେଲା ଏକ ଗ୍ରୁପ ତିଆରି କରି ନିଜର ବ୍ୟବସାୟ କରି ଆସୁଥିଲେ। ସେହି ଗ୍ରୁପର ଏହି ମହିଳାଜଣକ ନିଜର ଗ୍ରୁପର ଅନେକ ମହିଳାଙ୍କୁ ନିଜର ଅସୁବିଧା ଅଛି କହି ଟଙ୍କା ଓ ଟଙ୍କା ନ ଥିଲେ ସୁନା ଦିଅନ୍ତୁ ,ବ୍ୟାଙ୍କରୁ ଲୋନ କରିବି କହି ଉଧାରୀ ହିସାବରେ ନେଇଥିଲେ। ଏପରିକି ଆଉ କାହା ସହ କୋର୍ଟରେ ଚୁକ୍ତିନାମା ତ କାହାକୁ ଚେକ ଦେଇ ଲକ୍ଷାଧିକ ଟଙ୍କା ନେଇ ସୁନ୍ଦରଗଡ ଜିଲା ଛାଡି ଚାଲି ଯାଇଥିଲେ। ପରେ ଗ୍ରୁପର ମହିଳା ମାନେ ବିଭିନ୍ନ ଉପାୟରେ ତାଙ୍କ ସହିତ ଯୋଗାଯୋଗ କରିବାକୁ ଚେଷ୍ଟା କରି ମଧ୍ୟ ବିଫଳ ହେବା ପରେ ସେମାନେ ଠକାମୀର ଶିକାର ହୋଇଥିବା ଜାଣି ଟାଉନ ଥାନାରେ ଏତଲା ଦେଇଥିଲେ।


ସୁଜାତା ଶର୍ମା।

# ଆତ୍ମହତ୍ୟା ରୋକିବା ନେଇ ଆଲୋଚନା



ଅଧ୍ୟାପିକା ଅଧ୍ୟାପକଙ୍କ ସହ ଛାତ୍ରୀମାନେ।

**ସୁନ୍ଦରଗଡ,୧୧।୯(ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ ସରକାରୀ ମହିଳା ମହାବିଦ୍ୟାଳୟଠାରେ ଆଇକ୍ୟୁଏସି ଏବଂ ମନୋବିଜ୍ଞାନ ବିଭାଗର ମିଳିତ ସଂଯୋଜନାରେ ଏକ କର୍ମଶାଳା ତଥା ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଇନ୍ଦିରା ଗଡନାୟକ ଏଥିରେ ସଭାପତିତ୍ୱ କରି ଆତ୍ମହତ୍ୟାର କାରଣ, ପ୍ରତିରୋଧ ଏବଂ ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଛାତ୍ରୀଙ୍କୁ ସଚେତନ କରାଇଥିଲେ। ଆଇକ୍ୟୁଏସି ସଂଯୋଜକ ତଥା ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ସାରଦା ପ୍ରସାଦ ମହାପାତ୍ର ଆତ୍ମହତ୍ୟା ରୋକିବା ପାଇଁ ପରିବାର ଓ ସମାଜର ବିଭିନ୍ନ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗର ଅଧ୍ୟାପିକା ଏଲବିରା ବୁଡ ଓ ଶୁଭସ୍ମିତା ପଧାନ ପିପିଟି ପ୍ରେଜେଣ୍ଟେସନ ମାଧ୍ୟମରେ ଆତ୍ମହତ୍ୟା ନିରାକରଣ ସମ୍ପର୍କରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଗୃହ ବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର ଚାରୁଲତା ନାଏକ ଆତ୍ମହତ୍ୟା ପ୍ରତିରୋଧ ପାଇଁ ଉପଲବ୍ଧ ହେଲପ ଲାଇନ ନମ୍ବର ଏବଂ ସମ୍ପର୍କିତ ସେବା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଶେଷକୁ ପ୍ରାଣୀ ବିଜ୍ଞାନର ଅଧ୍ୟାପିକା ଜୟଶ୍ରୀ ମୁଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ।

# ହାତୀ ଆକ୍ରମଣରେ ମହିଳା ଗୁରୁତର

**ରାଜଗାଙ୍ଗପୁର,୧୨।୯(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ବ୍ଲକ ଅନ୍ତର୍ଗତ ବୁଟୁକୁପଡା ପଞ୍ଚାୟତ ହାତିଧର୍ସା ଗ୍ରାମରେ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ ଟାରେ ହାତୀ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛି। ସେ ହେଲେ ଦୟାମଣି କେରକେଟା( ୪୬)। ପ୍ରଥମେ ତାଙ୍କୁ ରାଜଗାଙ୍ଗପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି।

# ଯୁବତୀଙ୍କୁ ପ୍ରତାରଣା, ଯୁବକ ଗିରଫ

**ଲହୁଣୀପଡା,୧୨।୯(ଦାଶରଥି ପଣ୍ଡା):** ସୁନ୍ଦରଗଡ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ବରଘାଟ ଗ୍ରାମର ଜଣେ ଯୁବତୀଙ୍କୁ ପ୍ରତାରଣା କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅଭିଯୁକ୍ତହେଲେ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ଉପର ବାହାଲ ଗ୍ରାମର ବିଶ୍ୱନାଥ ଲାକ୍ରା (୨୨)। ଏନେଇ ଚାନ୍ଦିପୋଷ ପୋଲିସ ଏକ ମାମଲା ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ବିଶ୍ୱନାଥ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଯୁବତୀଙ୍କ ସହ ପ୍ରେମ ସମ୍ପର୍କ ରଖିଆସୁଥିଲେ। ପରବର୍ତ୍ତି ସମୟରେ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ପରେ ଯୁବତୀ ଜଣଙ୍କ ତାଙ୍କୁ ବିବାହ କରିବା ପାଇଁ କହିବାରୁ ସେ ବିଭିନ୍ନ ଆଳ ଦେଖାଇ ସମୟ ଗଡେଇ ଚାଲିଥିଲେ। ଏନେଇ ଯୁବତୀ ଜଣଙ୍କ ଚାନ୍ଦିପୋଷ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ସମ୍ବଲପୁରୀ ନାଚଗୀତରେ ଦୁଲୁକିଲା ସଂସ୍କୃତି ଭବନ

**ସୁନ୍ଦରଗଡ଼,୧୨।୯(ଜୟ ନାରାୟଣ ମେଣ୍ଡୁଲି)**

## ସୁନ୍ଦରଗଡ଼ କ୍ଲବ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍

ସୁନ୍ଦରଗଡ଼କ୍ଲବପକ୍ଷରୁନୂଆଁଖାଇଭେଟ୍‌ଘାଟ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସଂସ୍କୃତି ଭବନଠାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ସିନେତାରକା ତଥା ଦିଗପହଣ୍ଡିର ବିଧାୟକ ସିଦ୍ଧାନ୍ତ ମହାପାତ୍ର ଯୋଗଦେଇଥିଲେ। ଝାରସୁଗୁଡା ବିଧାୟକ ତଥା ଫୁଟବଲ ଆସୋସିଏଶନ ଅଫ ଓଡ଼ିଶାର ସଭାପତି ଟଙ୍କଧର ତ୍ରିପାଠୀ, ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର, ଜିଲା ଯୋଜନା ବିଭାଗର ଉପନିର୍ଦ୍ଦେଶକ ପ୍ରଦୀପ ତିର୍କୀ ସମ୍ମାନିତ ଅତିଥି ଏବଂ ବିଶିଷ୍ଟ ଶିକ୍ଷାବିତ ତଥା ଝାରସୁଗୁଡା କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ଚିରବ୍ରତ ଦତ୍ତ ମୁଖ୍ୟ ବକ୍ତାଭାବେ ଯୋଗଦେଇ ନୂଆଁଖାଇର ମହତ୍ତ୍ୱ, ଐତିହ୍ୟ, ପରମ୍ପରା ଓ ଏହିପର୍ବର ଭାଇଚାରାର ମହନୀୟତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ସୁନ୍ଦରଗଡ କ୍ଲବର ନୂଆଁଖାଇ ସ୍ମରଣିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସ୍ୱନାମଧନ୍ୟ ଡାକ୍ତର ଦିଲିପ ମିଶ୍ର, ବିଶିଷ୍ଟ ଚିତ୍ରଶିଳ୍ପୀ ଶୀତଳ କୁମାର ମହାପାତ୍ର, ଓଡ଼ିଆ ସିନେତାରକା ପ୍ରଦୀପ ଦତ୍ତଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଭାପତି ଆଶିଷ ପଟେଲ ସଭାରେ ସଭାପତିତ୍ୱ କରି ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଏହାପରେ ଅତିଥିଙ୍କ ଦ୍ୱାରା ମା' ସମଲେଇଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ସମ୍ପାଦକ ଅମୀୟ ପଟ୍ଟନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। କ୍ଲବର ରୂପେଶ ପଟେଲ, ଶ୍ରୀକାନ୍ତ ଭଞ୍ଜ, ଲକ୍ଷ୍ମୀକାନ୍ତ ସାହୁ, ସଂଗ୍ରାମ ପରିଡା, ମିତ୍ରଭାନୁ ପଟେଲ, ମେଘନାଦ ପୃଷ୍ଟେଠ, ରଜନୀକାନ୍ତ ମହାପାତ୍ର, ଆର୍ଯ୍ୟ ଠାକୁର, ଅଶୋକ ସାହୁ,ରାଜ କିଶୋର ଭଟ୍ଟାଚାର୍ଯ୍ୟ, ବବଲୁ ରକ୍ସା, ସୁମନ୍ତ ଚାଲାନ, ତ୍ରିଷାରାଣୀ ହୋତା, ନିବେଦିତା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ କୁନି କୁନି କଳାକାରଙ୍କ ଦ୍ୱାରା ଚିତ୍ତାକର୍ଷକ ସମ୍ବଲପୁରୀ ନାଚଗୀତରେ ସଂସ୍କୃତି ଭବନ ମଞ୍ଚ ଦୁଲୁକି ଉଠିଥିଲା।



ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚନ ହେଉଛି।


ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିମାନେ।

# ବ୍ଲକ ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ସୁନ୍ଦରଗଡ,୧୨।୯ (ଜୟ ନାରାୟଣ ମେଣ୍ଡୁଲି)**

ଲେଫ୍ରିପଡା ବ୍ଲକ ଟଙ୍କଧର ହାଇସ୍କୁଲଠାରେ ବ୍ଲକ ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥିଭାବରେ ଜେ. ରାଏବଗା ସରପଞ୍ଚ ଇନ୍ଦ୍ରମଣୀ କାଲୋ, ସୁଜିତ ସା, ଭବାନୀ ଶଙ୍କର ଛତ୍ରାନ ଓ ଅନୀଲ ପଟେଲ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଆୟୋଜକ କମିଟିର ସଭାପତି ଅଶୋକ ଲାକ୍ରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ପ୍ରତିଯୋଗିତାରେ ସମସ୍ତ ଖେଳ ସୁରୁଖୁରୁରେ ପରିଚାଳନା କରାଯାଇଥିଲା। ଏହି ପ୍ରତିଯୋଗିତାରେ ୪ ଟି ଜୋନର ଛାତ୍ରୀଛାତ୍ର ଭାଗ ନେଇଥିଲେ। ଖୋଖୋ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳିକା ବାଳକଶ୍ରେଣୀର ୧୨ ଟି ଟିମ ଭାଗ ନେଇଥିବା ବେଳେ କବାଡି ପ୍ରତିଯୋଗିତାରେ ମଧ୍ୟ ୧୨ ଟି ଟିମ ଭାଗ ନେଇଥିଲେ । ସେହିପରି ଫୁଟବଲ ପ୍ରତିଯୋଗିତାରେ ୧୭ବର୍ଷରୁ କମ ଛାତ୍ରଙ୍କ ୪ ଟି ଟିମ ଭାଗ ନେଇଥିଲେ। ଖୋଖୋ ଖେଳକୁ ରେଫରି ସଲିଲ ପଟେଲ, ଅଜିତ ରକ୍ସା, କୌଶିକ ନାଏକ, ସୁଦର୍ଶନ ପୃଷ୍ଟେଠ, କିଶୋରୀ ଲାକ୍ରା, ଅରୁକ ନନ୍ଦ ଓ ଚନ୍ଦନ ଅମାନ୍ତ ପରିଚାଳନା କରିଥିବା ବେଳେ କବାଡି ଖେଳକୁ ବିଜୟଲକ୍ଷ୍ମୀ ନାଏକ, ମନୀଷା ପଟେଲ, ଭଗବତୀ ନାଏକ, ମିନା ନାଏକ, ରଜନୀ ରାଉଡ଼ିଆ ଓ ବଳରାମ ବେହେରା ପରିଚାଳନା କରିଥିଲେ। ସେହିପରି ଫୁଟବଲ ଖେଳକୁ ଡୋଲାମଣି ଭାଇସାଲ, ଲଳିତ ଖେସ, ସୁରେଶ କାଲୋ, ଦିବ୍ୟ ଲୋଚନ ପଟେଲ ପରିଚାଳନା କରିଥିଲେ। ରୋହିତ ଭଇସାଲ ମଞ୍ଚ ପରିଚାଳନା କରିଥିଲେ। ଟଙ୍କଧର ହାଇସ୍କୁଲର ପ୍ରଧାନ ଶିକ୍ଷକ ଘନଶ୍ୟାମ ପଟେଲ ଓ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଖୋଲିଲା ହୀରାକୁଦ ଜଳଭଣ୍ଡାରର ୪ ଗେଟ୍

■ ୫ ସ୍ଲୁଇସ୍ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି
■ ୬୨୯ ଫୁଟ୍ ଟପିଲା ଜଳଭଣ୍ଡାର ଜଳସ୍ତର

ସମ୍ବଲପୁର,୧୨।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ହୀରାକୁଦ ଜଳଭଣ୍ଡାରର କ୍ୟାଚମେଣ୍ଟ ଅଞ୍ଚଳରେ ପୁଣି ଲଘୁଚାପ ଜନିତ ବର୍ଷା ଯୋଗୁ ଜଳଭଣ୍ଡାରକୁ ବନ୍ୟାଜଳ ପ୍ରବେଶ ପରିମାଣ ବୃଦ୍ଧି ଆଶଙ୍କାରେ ଶୁକ୍ରବାର ଜଳଭଣ୍ଡାରର ଆଉ ୪ ସ୍ଲୁଇସ ଗେଟ୍ ଖୋଲାଯାଇଛି। ଫଳରେ ଜଳଭଣ୍ଡାରର ବାମପାର୍ଶ୍ୱସ୍ଥ ୩ଟି ଓ ଦକ୍ଷିଣ ପାର୍ଶ୍ୱସ୍ଥ ୨ଟି ମିଶି ମୋଟ୍ ୫ଟି ସ୍ଲୁଇସ ଗେଟ୍‌ରେ ଅତିରିକ୍ତ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଶୁକ୍ରବାର ରାତି ସାଢ଼େ ୯ ଟାରେ ମିଳିଥିବା ସର୍ବଶେଷ ସୂଚନା ଅନୁସାରେ ଜଳଭଣ୍ଡାରର ଜଳ ପତ୍ତନ ୬୨୯ ଫୁଟ୍‌ରେ ପହଞ୍ଚିଛି। ଏହି ସମୟରେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ହାରାହାରି ୧ ଲକ୍ଷ ୦୯ ହାଜର ୦୨୭ ଘନଫୁଟ୍ ବନ୍ୟାଜଳ ପ୍ରବେଶ କରୁଥିବାବେଳେ ଜଳଭଣ୍ଡାରରୁ ପ୍ରତି ସେକେଣ୍ଡରେ ମୋଟ୍ ହାରାହାରି ୧ ଲକ୍ଷ ୨୧ ହାଜର ୭୩୨ ଘନଫୁଟ୍ ଅତିରିକ୍ତ ବନ୍ୟାଜଳ ନିଷ୍କାସନ କରାଯାଉଛି। ସେଥିମଧ୍ୟରେ ୫ଟି ସ୍ଲୁଇସ୍ ଗେଟ୍ ଜରିଆରେ ମହାନଦୀକୁ ପ୍ରତି ସେକେଣ୍ଡରେ ହାରାହାରି ମୋଟ୍ ୮୧ ହଜାର ୮୦୫ ଘନଫୁଟ୍, ଶକ୍ତି ଉତ୍ପାଦନ ପାଇଁ ପାୱାର ଚ୍ୟାନେଲରେ ୩୫,୩୨୫ ଘନଫୁଟ୍, ଶିଳ୍ପସଂସ୍ଥା ପାଇଁ ୨୪୩ ଘନଫୁଟ୍ ଏବଂ ଜଳ ସେଚନ ପାଇଁ ବରଗଡ଼ କେନାଲରେ ୩୬୪୮, ଶାସନ କେନାଲରେ ୬୩୦ ଓ ସମ୍ବଲପୁର କେନାଲରେ ୮୧ ଘନଫୁଟ୍ ଜଳ ମିଶି ମୋଟ୍ ୪୩୫୯ ଘନଫୁଟ୍ ଫୁଟ୍ ଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାର ପାଣିପାଗ ନିମନ୍ତ୍ରଣ କକ୍ଷ ସୂଚନା ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ଜଳଭଣ୍ଡାର ଉପରମୁଣ୍ଡରେ ୧୦.୦୬ ମିଲିମିଟର ଓ ତଳମୁଣ୍ଡରେ ୧୨.୨୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।

### ଲାଭଜନକ ବୃତ୍ତିରେ ଲିପ୍ତ ଓକିଲଙ୍କ ପାଇଁ ଲାଗିଲା ରୋକ

କୁଚିଣ୍ଡା,୧୨।୯(ବିରଞ୍ଚି ଦର୍ଶୀ)

କୁଚିଣ୍ଡା କୋର୍ଟ ପରିସରସ୍ଥିତ ବାର୍ କକ୍ଷରେ ଶୁକ୍ରବାର ଓକିଲ ସଂଘ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ଅଇଁଠୁ ରାଉତ ଏଥିରେ ଅଧ୍ୟକ୍ଷତା କରି ଓଡ଼ିଶା ବାର୍ କାଉନସିଲ ପତ୍ର ସଂଖ୍ୟା-୧୫୬/୨୫।୮।୨୦୨୫ ଅନୁଯାୟୀ, ଓକିଲମାନେ ଏଣିକି ଓକିଲାତି ବ୍ୟତୀତ ଚାକିରି, ବ୍ୟବସାୟ ତଥା ଲାଭଜନକ ବୃତ୍ତିରେ ଲିପ୍ତ ରହି ପାରିବେ ନାହିଁ। ଏଭଳି କାର୍ଯ୍ୟରେ ଲିପ୍ତ ହେବା ଦ୍ୱାରା ବୃତ୍ତିଗତ ଆଚରଣ ଓ ଶିଷ୍ଟାଚାର ମାନଦଣ୍ଡର ଉଲ୍ଲଂଘନ ହେଉଥିବା ଓଡ଼ିଶା ବାର୍ କାଉନସିଲର ଗତ ଏପ୍ରିଲ ୧୨ ବୈଠକରେ ନିଷ୍ପତ୍ତି ହୋଇଛି। ତଦ ଅନୁଯାୟୀ ଏଭଳି ବୃତ୍ତିରେ ସାମିଲ ଥିବା ଓକିଲମାନେ ଚଳିତ ମାସ ଶେଷସୁଦ୍ଧା ସେମାନଙ୍କ ଲାଇସେନ୍ସ ସରେଣ୍ଡର କରିବେ। ଅନ୍ୟଥା ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ନିଷ୍ପତ୍ତି ନିଆଯାଇଥିବା ବାର୍ କାଉନସିଲ ପ୍ରଦତ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି ବୋଲି ସଭାପତି ରାଉତ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ଓକିଲ ସଂଘ ସମ୍ପାଦକ ଅସିତ ଗଙ୍ଗଦେ ଉପସ୍ଥିତ ଥିଲେ।

# ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି

■ ପାଦରେ ଚାଲିଚାଲି ଗଳିକନ୍ଦିରେ ପୋଲିସର ଚଢ଼ାଉ
■ କଫ୍ ସିରପ୍ ଓ ନିଶା ବେପାରୀଙ୍କୁ ଧରପଗଡ଼
■ ବିଭିନ୍ନ ସ୍ଥାନରେ ସନ୍ଦିଗ୍ଧଙ୍କୁ ଯାଞ୍ଚ ଜାରି

ସମ୍ବଲପୁର,୧୨।୯(ପ୍ରମୋଦ ବହିଦାର)


ପାର୍ବଣରେ ସହର ସୁରକ୍ଷା ଜନିତ ପୋଲିସର ରାତ୍ରିକାଳୀନ ଚଢ଼ାଉ।

ପାର୍ବଣରେ ସମ୍ବଲପୁର ସହରରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ବିଶେଷ ତତ୍ପରତା ପ୍ରକାଶ କରାଯାଇଛି। ଗତ ବୁଧବାର ଆଗାମୀ ଦୁର୍ଗାପୂଜା ଓ ଦୀପାବଳି ପାଇଁ ଜିଲା ପ୍ରଶାସନର ଶାନ୍ତି ଓ ସମନ୍ୱୟ କମିଟି ବୈଠକ ପରେ ହଠାତ ଏକ୍ସନ ମୋଡ଼କୁ ଆସିଛି ପୋଲିସ। ବୈଠକରେ ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁଙ୍କ ପ୍ରତିଶ୍ରୁତି ଅନୁସାରେ ପାର୍ବଣରେ ସହର ସହିତ ସମଗ୍ର ଜିଲାରେ ସୁରକ୍ଷା ବ୍ୟବସ୍ଥା ସହିତ ଜନସାଧାରଣଙ୍କ ଧନ ଜୀବନର ସୁରକ୍ଷାକୁ ସୁନିଶ୍ଚିତ କରି ଅପରାଧିକ କାର୍ଯ୍ୟକଳାପରେ ରୋକ ଲଗାଇବାକୁ ଅଣ୍ଟା ଭିଡ଼ିଛି ଜିଲା ପୋଲିସ। ବିଶେଷକରି ସୁରକ୍ଷାର ଆଗୁଆ ବ୍ୟବସ୍ଥା ସରୂପ ସହରରେ ପୋଲିସର ରାତ୍ରି ପାଟ୍ରୋଲିଂ ଓ ଧରପଗଡ଼କୁ କଡ଼ାକଡ଼ି କରାଯାଇଛି। ବିଭିନ୍ନ ଥାନା ଅଞ୍ଚଳରେ ପୋଲିସ ପାଦରେ ଚାଲିଚାଲି ସହରର ଗଳିକନ୍ଦି ଠାରୁ ଆରମ୍ଭ କରି ଅନ୍ଧାରୁଆ ସ୍ଥାନ ଏପରିକି ସନ୍ଦିଗ୍ଧ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳରେ ଅତର୍କିତ ଚଢ଼ାଉ କରି ଯାଞ୍ଚ ସହିତ ମଦ୍ୟପ ଓ ନିଶାଗ୍ରସ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି। ଖାଲି ସେତିକି ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ ଅଧିକ ତୀବ୍ର କରିଛି। ଏହି କ୍ରମରେ ସମ୍ବଲପୁର ସହରର ପୁରୁଣା ବସ ଷ୍ଟାଣ୍ଡ, ସାହୁ କଲୋନୀ, ମୁଦିପଡ଼ା, ମତିଝରଣ, ସୁନାପାଲି, ସାକ୍ଷୀପଡା, ସାରଳାକାନୀ, ଅଇଁଠାପାଲି, ବରେଇପାଲି, ଧନକଉଡ଼ା, ଧନୁପାଲି, ଗୋପାଳମାଳ, ଷ୍ଟେଶନପଡ଼ା, ଫାଟକ, କ୍ଷେତରାଜପୁର, ଦୁର୍ଗାପାଲି, ଚାଉଁରପୁର ଆଦି ସହିତ ମାନେଶ୍ୱର ଓ ସିନ୍ଦୁରପଙ୍କ ଆଦି କେତେକ ଅଞ୍ଚଳରେ ମଧ୍ୟ ପୋଲିସ ପାଟ୍ରୋଲିଂ କରି ନିଶା ବେପାରୀ ଓ ସେବନକାରୀଙ୍କୁ ଧରିବା ଜାରି ରଖିଛି। ଇତିମଧ୍ୟରେ ପୋଲିସ କେତେକ ମଦ୍ୟପ ଓ ନିଶା ସେବନକାରୀଙ୍କୁ ଅଟକ ରଖି ନୋଟିସ ଦେଇ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିବା ବେଳେ କେତେକ ନିଶା କାରବାରରେ ଲିପ୍ତ ଅଭିଯୁକ୍ତଙ୍କୁ ଜେଲ ପଠାଇଥିବା ଖବର ମିଳିଛି।

## ନିଶା କଫ୍ ସିରପ୍ ଜବତ: ୨ଗିରଫ


ଅବକାରୀ ବିଭାଗ ପକ୍ଷରୁ ଜବତ ନିଶା କଫ୍‌ସିରପ ସହିତ ଗିରଫ ଅଭିଯୁକ୍ତ ଦ୍ୱୟ।

ସମ୍ବଲପୁର,୧୨।୯(ପ୍ରମୋଦ ବହିଦାର)

ବର୍ତ୍ତମାନ ଆଗାମୀ ପାର୍ବଣ ପାଇଁ ସହରରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଉଭୟ ଅବକାରୀ ବିଭାଗ ଓ ପୋଲିସ ବିଶେଷ ଭାବେ ତତ୍ପର ହୋଇଉଠିଛନ୍ତି। ଫଳରେ ଉଭୟ ବିଭାଗ ପକ୍ଷରୁ ସହରରେ ନିଶା କାରବାର ରୋକିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉକୁ ଜୋରଦାର କରାଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ାଉ କରି ହୀରାକୁଦ ଥାନା ଅନ୍ତର୍ଗତ ଲରପଙ୍କ ଅଞ୍ଚଳରେ ଏକ ବାଇକ୍ ଓଡି-୧୫--ଜି-୭୭୦୨ରେ ଚୋରା ଚାଲାଣ ହେଉଥିବା ଶହେ ମିଲିଲିଟର ବିଶିଷ୍ଟ ୯୮ ବୋତଲ ନିଶା କଫ୍ ସିରପକୁ ଜବତ କରିଛି ସମ୍ବଲପୁର ଅବକାରୀ ବିଭାଗ। ଏସଂକ୍ରାନ୍ତରେ ୨ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ସେମାନେ ହେଲେ ହୀରାକୁଦ ଥାନା ଅନ୍ତର୍ଗତ ଭଙ୍ଗାମୁଣ୍ଡା ବାହାରିପଡ଼ାର ପରମାନନ୍ଦ ମେହେର(୨୬) ଓ ଉତ୍ତରପ୍ରଦେଶ ପ୍ରତାପଗଡ଼ ଜିଲା ମାନ୍ଧତାଥାନା ଅନ୍ତର୍ଗତ କୋହଲାର ବ୍ରିଜେଶ କୁମାର ସରୋଜ(୨୭)। ଏହାସହ କଫସିରପ୍ ଚାଲାଣରେ ବ୍ୟବହୃତ ବାଇକ୍ ଓ ଦୁଇଟି ମୋବାଇଲ୍ ଫୋନକୁ ମଧ୍ୟ ଜବତ କରିଛି। ଅବକାରୀ ବିଭାଗ ପକ୍ଷରୁ ଉଭୟ ଅଭିଯୁକ୍ତଙ୍କ ବିରୋଧରେ ଏକ ଅବକାରୀ ମାମଲା ରୁଜୁ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହୋଇଯିବାରୁ ଉଭୟଙ୍କୁ ଜେଲକୁ ପଠାଇ ଦିଆଯାଇଥିବା ସୂଚନା ମିଳିଛି।

# ଜିଏସ୍‌ଟି ସଂସ୍କାର କାର୍ଯ୍ୟକ୍ରମ


ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଜିଏସ୍‌ଟି ସଂସ୍କାର ସମ୍ପର୍କିତ କନଭେସନରେ ମଞ୍ଚାସୀନ ଅତିଥି ବୃନ୍ଦ।

■ ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଆୟୋଜିତ
■ ଗ୍ରାମରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ

ସମ୍ବଲପୁର,୧୨।୯(ବି.ଶଙ୍କର)

ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ ଆୟୋଜିତ ଜିଏସଟି ସଂସ୍କାର ସମ୍ପର୍କିତ କନଭେସନ ୨.୦ ଫର୍ମ - ୨୦୨୫ କାର୍ଯ୍ୟକ୍ରମ ଶୁକ୍ରବାର ରାତିରେ ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଏସଟି ସଂସ୍କାର ୨.୦ କେନ୍ଦ୍ର ସରକାରଙ୍କ ଐତିହାସିକ ନିଷ୍ପତ୍ତି ଅଟେ ବୋଲି ମତବ୍ୟକ୍ତ କରିଥିଲେ। ୫୬ତମ ଜିଏସଟି ପରିଷଦ ବୈଠକରେ ହୋଇଥିବା ନିଷ୍ପତ୍ତି ଦ୍ୱାରା ସାଧାରଣ ନାଗରିକମାନେ ବିଶେଷ ଭାବରେ ଲାଭବାନ ହେବେ। ଏଥିସହ ଗ୍ରାମରୁ ଦେଶ ପର୍ଯ୍ୟନ୍ତ ଅର୍ଥନୀତିକୁ ବଳ ମିଳିବ। ପ୍ରେଜେଣ୍ଟେସନ ମାଧ୍ୟମରେ ଟିକସ ପ୍ରକ୍ରିୟା ସରଳୀକରଣ ଦ୍ୱାରା କେନ୍ଦ୍ର ସରକାରରେ ଆସିଥିବା ଅଭୁତ ପୂର୍ବ ପରିବର୍ତ୍ତନ ଏବଂ ଓଡ଼ିଶାକୁ ମିଳିବାକୁ ଥିବା ଲାଭ ଉପରେ କେନ୍ଦ୍ରମନ୍ତ୍ରୀ ଆଲୋକପାତ କରିଥିଲେ। ସବିଶେଷ ତଥ୍ୟ ଦେଇ ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୪ରେ ଦାୟିତ୍ୱ ନେବା ପରେ ୨୦୧୭ରେ ଜିଏସଟି ଲାଗୁ କରାଗଲା। ସେ ସମୟରେ ସ୍ତମ୍ଭକାରଙ୍କ ସମେତ ଅନେକ ବୁଦ୍ଧିଜୀବୀ ମୋଦୀଙ୍କ ନିଷ୍ପତ୍ତିକୁ ସମାଲୋଚନା କରିଥିଲେ। ତେବେ ଦେଶରେ ୱାନ ନେସନ, ୱାନ ଟ୍ୟାକ୍ସକୁ ପରବର୍ତ୍ତୀ ସମୟରେ ସମସ୍ତ ବର୍ଗର ଲୋକମାନେ ସ୍ୱାଗତ କରିଥିଲେ। ସରକାରରେ ଜିଏସଟି ପ୍ରକ୍ରିୟାରେ ସଂସ୍କାର ଓ ଜିଏସଟି ହାରରେ ସରଳୀକରଣ ପ୍ରମୁଖ ଅର୍ଥନୈତିକ କ୍ଷେତ୍ରକୁ ତ୍ୱରାନ୍ୱିତ କରିବ ଏବଂ ଅର୍ଥନୈତିକ ଅଭିବୃଦ୍ଧି ସହ ସହଜ ଜୀବନଯାପନର ଏକ ନୂଆ ଯୁଗ ଆରମ୍ଭ କରିବ। ଓଡ଼ିଶାରେ ରେକର୍ଡ ସଂଖ୍ୟକ ଚାଉଳ ଉତ୍ପାଦନ ହେଉଛି। ଏଥିପାଇଁ ଏକ ବଜାର ତିଆରି କରିବାକୁ ହେବ। ବିଦେଶକୁ ଚାଉଳ କିପରି ରପ୍ତାନୀ ହୋଇପାରିବ, ସେନେଇ ବ୍ୟବସ୍ଥା କରାଯିବ। ଶେଷ ଭାବରେ ସମ୍ବଲପୁରୀ ଶାଢୀ, ବସ୍ତ୍ର, କୃଷି ଉତ୍ପାଦିତ ସାମଗ୍ରୀକୁ ସମ୍ବଲପୁରୀ ବ୍ରାଣ୍ଡରେ ପ୍ରୋତ୍ସାହନ ଦେବ। ସେହିପରି ସମ୍ବଲପୁରକୁ ନ୍ୟୁ ଏଜ୍ ଇକୋନାମୀକୁ କରିବା ଦିଗରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ମତ ପ୍ରକାଶ କରିବା ସହ ସ୍ଥାନୀୟ ଉତ୍ପାଦ ଦିଗରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ସଚିନ ରାମଚନ୍ଦ୍ର ଯାଧବ, ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ କୁମାର ଲାଲ, ମହାନଦୀ କୋଇଲା କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ତଥା ଅଧ୍ୟକ୍ଷ ଉଦୟ ଅନନ୍ତ କାଓଲେ, ସମ୍ବଲପୁର ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରୋହନ ଖତ୍ରୀ, ଶିକ୍ଷାନବିଶ ଶୁଭ୍ରା ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ରାଜ୍ୟ ଜିଏସ୍‌ଟିର ଅତିରିକ୍ତ ଆୟୁକ୍ତ ସିଦ୍ଧାର୍ଥ ଦାସ, ସହ ଆୟୁକ୍ତ ବସନ୍ତ କୁମାର କର, ନିର୍ଦ୍ଦେଶକ ଆଇଆଇଏମ୍ ପ୍ରଫେସର ମହାଦେଓ ଜୟସ୍ୱାଲ, ରେଙ୍ଗାଲି ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମ୍ବଲପୁର ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜର ସଭାପତି ଯଶବୀର ସିଂହୁରାଙ୍କ ପରିଚାଳନା ଓ ଅଧ୍ୟକ୍ଷ ଇଞ୍ଜିନିୟର ଅଶୋକ କୁମାର ଜଲାନଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ହୋଇଥିଲା। ଅନୁଷ୍ଠାନର ସାଧାରଣ ସମ୍ପାଦକ ଘନଶ୍ୟାମଦାସ ଅଗ୍ରୱାଲ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଶିବ ଶିଳା ପ୍ରସାଦ, ଧନଜିଭାଇ ପଟେଲ ପ୍ରମୁଖ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

## ୩୬ କେନ୍ଦୁପତ୍ର ହିତାଧିକାରୀଙ୍କ ପାଇଁ ୭୨ ଲକ୍ଷ ମଞ୍ଜୁର

### ଶ୍ରମିକ ମଙ୍ଗଳ ପାଣ୍ଠି କମିଟି ବୈଠକରେ ହେଲା ନିଷ୍ପତ୍ତି

ସମ୍ବଲପୁର,୧୨।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାର ୩୬ ଜଣ କେନ୍ଦୁପତ୍ର ହିତାଧିକାରୀଙ୍କ ପାଇଁ କେନ୍ଦୁପତ୍ର ଶ୍ରମିକ ମଙ୍ଗଳ ପାଣ୍ଠିରୁ ୭୨ ଲକ୍ଷ ଟଙ୍କାର ସହାୟତା ରାଶି ମଞ୍ଜୁର ହୋଇଛି। ସମ୍ବଲପୁର କେନ୍ଦୁପତ୍ର ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ଡିଭିଜନସ୍ତରୀୟ ଶ୍ରମିକ ମଙ୍ଗଳ ପାଣ୍ଠି କମିଟି ବୈଠକରେ ଏହି ନିଷ୍ପତ୍ତି ହୋଇଛି। କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଗୌରିଶଙ୍କର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ମଣ୍ଡଳ ସମ୍ପାଦକ ଗୋକୁଳ ମେହେରଙ୍କ ସମେତ ସମ୍ବଲପୁର କେନ୍ଦୁପତ୍ର ଡିଭିଜନ ଅନ୍ତର୍ଗତ ସମ୍ବଲପୁର, ବରଗଡ଼, ସୋନପୁର ଆଦି ବିଭିନ୍ନ ଜିଲାର ସଭ୍ୟମାନଙ୍କ ସହିତ ଜିଲା କଲ୍ୟାଣ ଅଧିକାରୀ ଯୋଗ ଦେଇଥିଲେ। ଏଥିରେ ପୂର୍ବରୁ ମୃତ୍ୟୁବରଣ କରିଥିବା କେନ୍ଦୁପତ୍ର ଶ୍ରମିକଙ୍କ ପରିବାରର ୩୬ ଜଣ ହିତାଧିକାରୀଙ୍କ ସକାଶେ ପ୍ରତ୍ୟେକଙ୍କୁ ୨ଲକ୍ଷ ଟଙ୍କା ଲେଖାଏଁ ମୋଟ ୭୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି ରାଶି ହିତାଧିକାରୀଙ୍କୁ ପ୍ରଦାନ ପାଇଁ କେନ୍ଦୁପତ୍ର ରାଜ୍ୟ ମୁଖ୍ୟବନ ସଂରକ୍ଷକ, ଭୁବନେଶ୍ୱରଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି ବୋଲି କେନ୍ଦୁପତ୍ର କର୍ମଚରୀ ସଂଘର ମଣ୍ଡଳ ସମ୍ପାଦକ ମେହେର ସୂଚନା ଦେଇଛନ୍ତି।

## ସମଲେଶ୍ୱରୀ ପୀଠରେ ଶାରଦୀୟ ପୂଜା ପ୍ରସ୍ତୁତି

### ୧୪ରେ ପୀଠେ ଷୋଡ଼ଶ ଦିବସୀୟ ପୂଜାରମ୍ଭ

ସମ୍ବଲପୁର,୧୨।୯(ବି.ଶଙ୍କର)


ଇଷ୍ଟ ଦେବୀ ମା' ସମଲେଇ।

ଶକ୍ତି ପୀଠ ଭାବେ ଐତିହାସିକ ସମ୍ବଲପୁର ସହରର ସ୍ୱତନ୍ତ୍ର ପରିଚୟ ରହିଛି। ରୀତିନୀତି ଓ ପରମ୍ପରା ଅନୁସାରେ ଦେବୀ ସମଲେଇଙ୍କ ପୂଜାର୍ଚ୍ଚନା ହୋଇଥାଏ। ଏହିକ୍ରମରେ ସମଲେଇଙ୍କ ପୀଠରେ ଶାରଦୀୟ ପୂଜାର୍ଚ୍ଚନା ସକାଶେ ନିତି ନିର୍ଦ୍ଧାରିତ ହୋଇଛି। ଏନେଇ ଶୁକ୍ରବାର ଶ୍ରୀଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ କୁମାର ବାବୁ କହିଛନ୍ତି, ଚଳିତ ମାସ ୧୪ରେ ମୂଳାଷ୍ଟମୀ, ପୀଠେ ଷୋଡ଼ଶ ଦିବସୀୟ ପୂଜାରମ୍ଭ, ପୁଅଜିଉଁନ୍ତିଆ, ଷୋଡ଼ଶ ଦିବସୀୟ ଦୀପ ପ୍ରଜ୍ୱୋଳନ ନିତି ରହିଛି। ୨୧ରେ ମହାଳୟା, ଅମାବାସ୍ୟା, ମା' ସମଲେଶ୍ୱରୀଙ୍କ ଧବଳମୁଖୀ ବେଶ, ଗଙ୍ଗା ଦର୍ଶନ, ୨୨ରେ ପ୍ରତିପଦା, ଶାରଦୀୟ ନବଦିନାମୁକ ପୂଜାରମ୍ଭ, ନବରାତ୍ର ଦୀପ ପ୍ରଜ୍ୱୋଳନ କରାଯିବ। ସେହିପରି ୨୩ରେ ଦ୍ୱିତୀୟା ପୂଜା, ୨୪ରେ ତୃତୀୟା, ୨୫ରେ ଚତୁର୍ଥୀ ଏବଂ ୨୬ରେ ପଞ୍ଚତ୍ୟାଦି କଳ୍ପାରମ୍ଭ, ୨୭ରେ ଷଷ୍ଠୀ ପୂଜା, ୨୮ରେ ମହାସପ୍ତମୀ ପୂଜା, ୨୯ରେ ପୀଠେ ମହାଷ୍ଟମୀ ପୂଜା, ପଶ୍ଚିମ ଓଡିଶାର ନିଆର ପର୍ବ ଭାଇଜିଉଁନ୍ତିଆ, ମା' ସମଲେଇଙ୍କ ଖଣ୍ଡା ଧୂଆ ନିତି ଏବଂ ଆଖଡା ଦଳର ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି। ଏଥିସହ ୩୦ ତାରିଖରେ ପୀଠେ ମହାନବମୀ ପୂଜା ଓ ମା' ସମଲେଶ୍ୱରୀ ଆଖଡା ଦଳର ନଗର ପରିକ୍ରମା, ଅକ୍ଟୋବର ୧ରେ ପୀଠେ ବିଶ୍ରାମ ନିତି ରହିଛ। ୨ରେ ପୀଠେ ଦଶହରା, ଦୀପ ବିସର୍ଜନ ଓ ଆଖାଡା ଦଳର ରଣଜିତା ଉତ୍ସବ ପାଳିତ ହେବ। ୬ତାରିଖରେ କୁମାର ପୂର୍ଣ୍ଣିମା, ମା' ସମଲେଶ୍ୱରୀଙ୍କ ରାଜରାଜେଶ୍ୱରୀ ବେଶ, ମା' ସମଲେଶ୍ୱରୀଙ୍କ ମନ୍ଦିରରେ ନୂତନ ଧ୍ୱଜା ଆରୋହଣ କାର୍ଯ୍ୟକ୍ରମ ରହିଛି। ତେଣୁ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସଭାପତି ବାବୁ ସୂଚିତ କରିଛନ୍ତି।

# ଶ୍ରୀମଦ୍ ଭଗବଦ୍ ଗୀତା ଆବୃତ୍ତି ପ୍ରତିଯୋଗିତା

ସମ୍ବଲପୁର,୧୨।୯(ବି.ଶଙ୍କର)

ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ସମ୍ବଲପୁର ଜିଲା ଜୁଜୁମୁରା ବ୍ଲକର ଫୁଲଝରଣ ଶ୍ରୀଅରବିନ୍ଦ ସ୍କୁଲଠାରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ସଂଯୋଜକ ତଥା ଶିକ୍ଷାବିତ ରାଜେନ୍ଦ୍ର ପଣ୍ଡା ପ୍ରତିଯୋଗିତାର ଉଦ୍ଦେଶ୍ୟ ଓ ନିୟମାବଳୀ ଉପରେ ସୂଚନା ଦେବା ସହ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଶିକ୍ଷାନୁଷ୍ଠାନର ମୁଖ୍ୟ କୁଳଧର ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପ୍ରଫେସର ସେବକ ତ୍ରିପାଠୀ, ଇଞ୍ଜିନିୟର ବିଭୂତି ନାରାୟଣ ମାଝୀ, ଲାଇବ୍ରେରିର ସଭ୍ୟ ସମ୍ପାଦକ ରଘୁନାଥ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। ଜୁଜୁମୁରା ବ୍ଲକର ୧୮ଟି ହାଇସ୍କୁଲ ଓ ଦୁଇଟି ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟର ମୋଟ ୪୮ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଜୁଜୁମୁରା ସରକାରୀ ଉଚ୍ଚବିଦ୍ୟାଳୟ କୁମୁଦୁନୀ ବିଶ୍ୱାଳ, ଟାମ୍ପରଗଡ଼ ପଞ୍ଚାୟତ ଉଚ୍ଚବିଦ୍ୟାଳୟର ଇପ୍‌ସିତା କୁମ୍ଭାର ଓ କବରାପାଲି ଭିଏସଏସ ଉଚ୍ଚବିଦ୍ୟାଳୟର ସୌମ୍ୟା ସୋହାନୀ ପ୍ରଧାନ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଚିନ୍ତାମଣି ଭୋଇ, ଦୁର୍ଗା ଶଙ୍କର ପାଣିଗ୍ରାହୀ ଓ ରାମକୃଷ୍ଣ ଦୋରା ବିଚାରକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ମୂଲ୍ୟାୟନ କରିଥିଲେ। ସମସ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକଙ୍କ ସମେତ ଲାଇବ୍ରେରୀ ପକ୍ଷରୁ ସୁଶାନ୍ତ ଗୁରୁ, ଶ୍ରୀବତ୍ସ ପଣ୍ଡା, ରାହାସ ବିହାରୀ ପଣ୍ଡା ଓ ଅଭେଦ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ। କବରାପାଲି ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନମୁନା ଆବୃତ୍ତି କରିଥିଲେ। ସଂସ୍କୃତ ସାହିତ୍ୟ ବିଦୁଷୀ ଡ. ସରିତା ମାଝୀଙ୍କ ସ୍ମରଣରେ ଏହି ପ୍ରତିଯୋଗିତା ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପୃଥକ ପୃଥକ ଭାବେ ଅନୁଷ୍ଠିତ ହେଉଛି। ପିଲାଙ୍କୁ ଅର୍ଥ ରାଶି ପୁରସ୍କାର ପ୍ରଦାନ ସହ ସଂସ୍କୃତ ଭାଷାର ପ୍ରସାର ପାଇଁ ଉଦ୍ୟମ ହେଉଥିବା ଉଦ୍ୟୋକ୍ତା ମାଝୀ ସୂଚନା ଦେଇଥିଲେ। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷା ସନ୍ଧ୍ୟାରାଣୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ରବିବାର ସହରାଞ୍ଚଳ ଆବୃତ୍ତି ପ୍ରତିଯୋଗିତା ପରେ ଉଭୟ ବ୍ଲକ ଓ ସହରାଞ୍ଚଳର କୃତି ପ୍ରତିଯୋଗୀଙ୍କୁ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବା ବୋଲି ଆୟୋଜକ ପବ୍ଲିକ ଲାଇବ୍ରେରି ପକ୍ଷରୁ ସୂଚିତ କରାଯାଇଛି।


ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ଆୟୋଜିତ ବ୍ଲକ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ଅତିଥି, ବିଚାରକ ଓ ଛାତ୍ରୀଛାତ୍ର।

# ଆଜି ଭିସୁଟ୍‌ରେ ୧୬ତମ ସମାବର୍ତ୍ତନ ଉତ୍ସବ

ସମ୍ବଲପୁର,୧୨।୯(ପ୍ରମୋଦ ବହିଦାର)



ଭିସୁଟ୍‌ରେ ଅନୁଷ୍ଠିତ ଖବର ଦାତା ସମ୍ମିଳନୀରେ ଅନ୍ୟମାନଙ୍କ ସହ ମଞ୍ଚାସୀନ ଭିସୁଟ୍ କୁଳପତି।

■ ୨୭ ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ
■ ସମ୍ମାନିତ ହେବେ ୪ ଶ୍ରେଷ୍ଠ ଆଲୁମ୍ନି

ରାଜ୍ୟର ପ୍ରମୁଖ ପ୍ରଯୁକ୍ତି ପ୍ରତିଷ୍ଠାନ ଓ ଦେଶର ଅନ୍ୟତମ ସର୍ବପୁରାତନ ଯାନ୍ତ୍ରୀକ ମହାବିଦ୍ୟାଳୟ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍) ଆସନ୍ତା ୧୩ ତାରିଖ ଶନିବାର ଏହାର ୧୬ ତମ ସମାବର୍ତ୍ତନ ଉତ୍ସବ ପାଳନ କରିବାକୁ ଯାଉଛି। ଭିସୁଟ୍ ପରିସରସ୍ଥ ସାର୍ ବିଶ୍ୱେଶ୍ୱରାୟ ପ୍ରେକ୍ଷାଳୟରେ ଓଡିଶାର ରାଜ୍ୟପାଳ ତଥା ଭିସୁଟ୍ କୁଳାଧିପତି ଡ. ହରି ବାବୁ କାମ୍ଭମପତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ହେବାକୁ ଥିବା ସମାବର୍ତ୍ତନ ସମାରୋହରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିସୁଟ୍‌ର ଡିଗ୍ରୀଧାରୀ ଛାତ୍ରୀଛାତ୍ରଙ୍କୁ ଦେଶ ମାତୃକା ତଥା ସମଗ୍ର ବିଶ୍ୱ ପାଇଁ ସେମାନଙ୍କ ଅର୍ଥପୂର୍ଣ୍ଣ ଯୋଗଦାନ ପାଇଁ ପ୍ରେରଣା ଦେବେ। ଏଥିରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା(ସ୍ୱାଧୀନ ଦାୟିତ୍ୱ) ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଓ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ବୋଲି ଭିସୁଟ୍ କୁଳପତି ପ୍ରଫେସର ଡ. ଦୀପକ କୁମାର ସାହୁ ସୂଚନା ଦେଇଛନ୍ତି। ଭିସୁଟ୍ ଗୋଲଡେନ୍ ଜୁବୁଲି ସେମିନାର ହଲରେ ଶୁକ୍ରବାର ପୂର୍ବାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କୁଳପତି ପ୍ରଫେସର ଡ. ସାହୁ ଏହି ସୂଚନା ଦେଇଛନ୍ତି।

ସେ ଆହୁରି ସୂଚନା ଦେଇ କହିଛନ୍ତି ଯେ, ଚଳିତ ବର୍ଷ ଭିସୁଟ୍ ସମାବର୍ତ୍ତନ ଉତ୍ସବ ଅପରାହ୍ନ ୨ଟାରେ ଆରମ୍ଭ ହେବ। ଏଥିରେ ପ୍ରଯୁକ୍ତି, ବିଜ୍ଞାନ, ସ୍ଥାପତ୍ୟ, କମ୍ପ୍ୟୁଟର ଆପ୍ଲିକେସନ ଓ ମାନବିକତା ଆଦି ବିଭିନ୍ନ ବିଭାଗରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନ ସହିତ ମେଧାବୀ ଛାତ୍ରୀଛାତ୍ରଙ୍କୁ ଶିକ୍ଷାରେ ଉତ୍କୃଷ୍ଟତା ଓ ଉଲ୍ଲେଖନୀୟ ସଫଳତା ପାଇଁ ପଦକ ଦ୍ୱାରା ସମ୍ମାନିତ କରାଯିବ। ସେ ସୂଚନା ଦେଇ କହିଲେ, ଚଳିତବର୍ଷ ବିଭିନ୍ନ ବିଭାଗରେ ଭିସୁଟ୍‌ରେ ୧୨୨୦ ଛାତ୍ରୀଛାତ୍ରଙ୍କୁ ଡିଗ୍ରୀ ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ସେମାନଙ୍କ ମଧ୍ୟରେ ପିଏଚ୍‌ଡି କାର୍ଯ୍ୟକ୍ରମରେ ୭୪, ଏମ୍‌ଟେକ୍‌ରେ ୧୦୪, ଏମ୍‌ସିଏରେ ୩୯, ଏମ୍‌ଏସ୍‌ସିରେ ୫୯, ଇଣ୍ଟିଗ୍ରେଟେଡ୍ ଏମ୍‌ଏସ୍‌ସିରେ ୪୭, ବିଟେକ୍‌ରେ ୮୭୬ ଜଣ, ବିଆର୍ଚ୍ଚ(ସ୍ଥାପତ୍ୟ)ରେ ୧୭ ତଥା ବିଟେକ୍ ଓ ଏମ୍‌ଟେକ୍ ଦ୍ୱୈତ ଡିଗ୍ରୀ ପାଇଁ ୪ ଜଣଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଏହାବ୍ୟତୀତ ଏହି ଅବସରରେ ଶିକ୍ଷାରେ ଉତ୍କୃଷ୍ଟତା ପାଇଁ ୨୭ ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣ ପଦକ, ୮ଜଣଙ୍କୁ ଡୋନୋର୍ସ ସ୍ୱର୍ଣ୍ଣପଦକ, ୩୦ ଜଣଙ୍କୁ ମେଧା ପ୍ରମାଣପତ୍ର ଓ ୪ ଜଣ ଶ୍ରେଷ୍ଠ ପୁରାତନ ଛାତ୍ରଙ୍କୁ ସମ୍ମାନିତ କରାଯିବାର କାର୍ଯ୍ୟକ୍ରମ ରହିଛି। ତେବେ ଏପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ ୬୦୧ ଛାତ୍ରୀଛାତ୍ର ସମାବର୍ତ୍ତନ ଉତ୍ସବରେ ଉପସ୍ଥିତ ରହିବାକୁ ପଞ୍ଜିକରଣ କରିଛନ୍ତି ବୋଲି ସୂଚନା ଦେଇଛନ୍ତି କୁଳପତି ପ୍ରଫେସର ଡ. ସାହୁ। ଏହି ଖବରଦାତା ସମ୍ମିଳନୀରେ କୁଳସଚିବ ପ୍ରଦୀପ କୁମାର ଡାଙ୍ଗ, ଡିନ ସଞ୍ଜୟ କୁମାର ପାତ୍ର ଓ ଡିନ୍ (ପିଜିଏସ୍ଆର) ପ୍ରଫେସର ରବୀନ୍ଦ୍ର କୁମାର ସାହୁ ଉପସ୍ଥିତ ଥିଲେ।

# ମା'ଙ୍କୁ ହତ୍ୟାକଲେ ପୁଅ

ସମ୍ବଲପୁର,୧୨।୯(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ରେଢ଼ାଖୋଲ ଥାନା ଅନ୍ତର୍ଗତ ତନ୍ତାଗାଡ଼ ଗ୍ରାମରେ ଜଣେ ଯୁବକ ନିଜ ମା'ଙ୍କୁ ହତ୍ୟା କରିଛନ୍ତି। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି । ସେ ହେଲେ ଟେକରାମ ସାହୁ ଓରଫ୍ ଲିପୁନ(୩୦)। ଟେକାରାମ ତାଙ୍କ ମା' ଇନ୍ଦୁମତୀଙ୍କୁ କିଭଳି ଓ କାହିଁକି ହତ୍ୟା କଲେ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନାହିଁ।

ମିଳିଥିବା ସୂଚନା ଅନୁସାରେ ତନ୍ତଗାଡ ଗ୍ରାମରେ ଇନ୍ଦୁମତି ସାହୁ (୫୫) ଗୁରୁବାର ଚାଷଜମିକୁ ଘାସ ବାଛିବା ପାଇଁ ଯାଇଥିଲେ। ଏହି ସମୟରେ ଟେକାରାମ ସେଠାରେ ପହଞ୍ଚି ମାତା ଇନ୍ଦୁମତୀଙ୍କୁ ହତ୍ୟାକରି ମୃତଦେହ ସେହି ବିଲରେ ପକାଇଦେଇ ଘରକୁ ଚାଲି ଆସିଥିଲେ। ଶୁକ୍ରବାର ନିକଟସ୍ଥ ଗ୍ରାମରେ ରହୁଥିବା ଇନ୍ଦୁମତୀଙ୍କ ପିତା ତାଙ୍କ ଘରକୁ ଆସି ଇନ୍ଦୁମତୀଙ୍କୁ ନ ପାଇ ଖୋଜାଖୋଜି କରିଥିଲେ। ପୂର୍ବ ରାତିରୁ ସେ ଘରକୁ ଫେରି ନ ଥିବା ଜାଣିବାକୁ ପାଇଲେ। ତେବେ ଜମିରେ ଘାସ ବାଛିବାକୁ ଯାଇ ଆଉ ଫେରି ନ ଥିବା ଜାଣିବାକୁ ପାଇ ଗ୍ରାମବାସୀଙ୍କ ସହ ସେ ବିଲକୁ ଯାଇ ଇନ୍ଦୁମତୀଙ୍କ ମୃତଦେହ ସେଠାରେ ପଡ଼ିଥିବା ଦେଖିବାକୁ ପାଇଥିଲେ। ପୋଲିସକୁ ଖବର ଦେବା ପରେ ଖବରପାଇ ରେଢ଼ାଖୋଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ପୋଲିସ ଘଟଣାସ୍ଥଳରୁ କେବଳ ଇନ୍ଦୁମତୀଙ୍କ ହଳେ ଚପଲ ଓ ଏକ ପାଣି ବୋତଲକୁ ଜବତ କରିଛି। ପୋଲସି ଅଭିଯୁକ୍ତ ଟେକରାମଙ୍କୁ ଥାନାକୁ ଆଣି ପଚାରଉଚରା କରୁଛି। ପଚରା ଉଚରାବେଳେ ସେ ମାତା ଇନ୍ଦୁମତୀଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି। ହେଲେ ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବାରୁ ଏପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନାହିଁ ବୋଲି ରେଢ଼ାଖୋଲ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମେହେର କହିଛନ୍ତି। ଗତବର୍ଷ ଅଭିଯୁକ୍ତ ଟେକରାମଙ୍କ ସାନଭାଇ ଉତ୍ତମ ସାହୁ ତାଙ୍କ ଆଇଙ୍କ ହତ୍ୟା ମାମଲାରେ ଜେଲରେ ଥିବା ଖବର ମିଳିଛି।

# ବିଜେଡିରୁ ସାମୂହିକ ଇସ୍ତଫା ଦେବେ ନେତୃବୃନ୍ଦ

## ■ ୨୫ ସରପଞ୍ଚ ସମିତି ସଭ୍ୟ ଓ ୩ ପାକ୍ସ ସଭାପତିଙ୍କୁ ନେଇ ଚର୍ଚ୍ଚା

## ■ ତରଭାରେ ବଦଳୁଛି ରାଜନୈତିକ ସମୀକରଣ

ସୋନପୁର,୧୨।୯(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକରେ ରାଜନୈତିକ ସମୀକରଣ ବଦଳିବାରେ ଲାଗିଛି। ସରକାର ବଦଳିବା ପରେ ବିଜେଡି ଗଡ କୁହାଯାଉଥିବା ଏହି ବ୍ଲକରେ ଏହାର ପ୍ରଭାବ ପଡିଛି। ବ୍ଲକ ବିଜେଡିରେ ଏବେ ସବୁ କିଛି ଠିକ୍‌ଠାକ୍ ଚାଲି ନ ଥିବା ଆଲୋଚନା ହେଉଛି। ଗତ ୧ ସପ୍ତାହ ହେବ ଦଳୀୟ ମହଲରେ ଛକାପଞ୍ଝା ଲାଗି ରହିଛି। ନେତୃବୃନ୍ଦ ଓ ସଂଖ୍ୟାଧିକ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଏକାଠି ହୋଇ ବୈଠକ କରୁଛନ୍ତି। ନେତୃତ୍ୱ ବିରୋଧରେ ସେମାନେ ନିଜର ଅସନ୍ତୋଷ ଜାହିର କରୁଥିବା ଶୁଣିବାକୁ ମିଳୁଛି। ଖୁବ୍‌ଶୀଘ୍ର ସେମାନେ ସାଥି ସମର୍ଥକଙ୍କ ସହିତ ବିଜେଡିରୁ ସାମୂହିକ ଭାବେ ଇସ୍ତଫା ଦେବେ ବୋଲି ଜଣେ ସରପଞ୍ଚ ନିଜ ନାମ ଗୋପନ ରଖି କହିଛନ୍ତି। ୨୧ଟି ପଞ୍ଚାୟତକୁ ନେଇ ଗଠିତ ତରଭା ବ୍ଲକକୁ ସୋନପୁର ବିଧାୟକ ତଥା ପ୍ରାକ୍ତନ ମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଗଡ ବୋଲି ବିବେଚନା କରାଯାଏ। ଏହି ଅଞ୍ଚଳରୁ ସେ ସର୍ବାଧିକ ଭୋଟ ପାଇ ଲଗାତର ବିଧାୟକ ହୋଇଛନ୍ତି। ତରଭା ପଞ୍ଚାୟତ ସମିତି ବିଜେଡି ଦଖଲରେ ରହି ଆସିଛି। ୯୫% ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ବିଜେଡି ସମର୍ଥିତ। ବିଧାୟକଙ୍କ ଏକାନ୍ତ ଅନୁଗତ ତଥା ବିଜେଡି ଜିଲା ସଭାପତି ସରୋଜ କର୍ମ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଛନ୍ତି। ଏଭଳି ସ୍ଥିତିରେ ଦଳୀୟ କର୍ମୀଙ୍କ ମନ ଉଣା ହେବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ବ୍ଲକର ୨୫ରୁ ଊର୍ଦ୍ଧ୍ୱ ବିଜେଡି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ଏବଂ ୩ ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ)ର ସଭାପତି ଦଳ ଛାଡିବା ନେଇ ନିଷ୍ପତ୍ତି ନେଇଛନ୍ତି। ଦଳ ପକ୍ଷରୁ ସେମାନଙ୍କୁ ମନାଇବା ପାଇଁ ଉଦ୍ୟମ ହୋଇଥିଲେ ମଧ୍ୟ ସଫଳତା ମିଳିନି। ଦଳରୁ ଇସ୍ତଫା ଦେବା ପାଇଁ ସେମାନେ ଅଡି ବସିଛନ୍ତି। ଏହା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀଙ୍କ ନେତୃତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷେ ବ୍ଲକର ୧୭ରୁ ଊର୍ଦ୍ଧ୍ୱ ସରପଞ୍ଚ ଓ ସମିତି ସଭ୍ୟ ବ୍ଲକ ଅଧ୍ୟକ୍ଷ ସରୋଜଙ୍କ ସପକ୍ଷରେ ଅଛନ୍ତି। ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ତଥା ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କର୍ମ କୁହନ୍ତି, କିଛି କଥାକୁ ନେଇ ଆମର ସରପଞ୍ଚ ଓ ସମିତି ସଭ୍ୟମାନେ ଅସନ୍ତୁଷ୍ଟ ଅଛନ୍ତି। ସେମାନେ ଅଲଗା ବୈଠକ କରି ଏକାଠି ହେଉଛନ୍ତି। ଏହାର ସମାଧାନ ପାଇଁ ଉଦ୍ୟମ ହେଉଥିବା ସେ କହିଛନ୍ତି।

# ବଜ୍ରପାତରୁ ସୁରକ୍ଷା ନିମନ୍ତେ ସଚେତନତା

ଭବାନୀପାଟଣା,୧୨।୯(ଉତ୍ତମ କୁମାର ଦାଶ)

କଳାହାଣ୍ଡି ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ପକ୍ଷରୁ ବଜ୍ରପାତରୁ ସୁରକ୍ଷା ନିମନ୍ତେ ଏକ ସଚେତନତା ରଥ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଜିଲାପାଳ ପାୱାର ସଚିନ ପ୍ରକାଶ ସବୁଜ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ୧୩ ବ୍ଲକ ଓ ୪ ଗୋଟି ୟୁଏଲ୍‌ବି ଅଞ୍ଚଳ ପରିକ୍ରମା କରି ବଜ୍ରପାତ ସମୟରେ ଲୋକେ କିପରି ନିଜକୁ ସୁରକ୍ଷିତ ରଖିବେ ସେ ସମ୍ପର୍କରେ ବାର୍ତ୍ତା ପ୍ରସାର ପ୍ରଚାର କରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ (ସାଧାରଣ) ତନ୍ମୟ କୁମାର ଦରୱାନ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ବଇଦୁରା ଦୀପ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଡେପୁଟି କଲେକ୍ଟର ମନୀଷା ଗୁପ୍ତା, ଡେପୁଟି କଲେକ୍ଟର ଅଭିଷେକ ବଗର୍ତ୍ତୀ, ସହକାରୀ ଜିଲାପାଳ ସୁଶାନ୍ତ କୁମାର ନାୟକଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ।


# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ନଥି ସଂ.- IX(C)-30/2025-247, ତା 13.06.2025

No.V-20:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ବଡ଼ବିଲ, ୟୁନିଟ ନଂ.-୮, ଥାନା- ବଡ଼ବିଲ, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା- ବଡ଼ଜାମଦା ଓ ବଡ଼ବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି.ନଂ.- ଆର୍.ବି.କେ.୬୦) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା- ୨୩୦ ତା୧୩।୦୬।୨୦୨୪ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ବଡ଼ବିଲ ୟୁନିଟ ନଂ.-୮, ଥାନା-ବଡ଼ବିଲ, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ www.kendujhar.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ www.revenueodisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ-କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର | ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ଼ବିଲ ୟୁନିଟ ନଂ.-୮ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୦.୧୨୫ | ଏ୦.୦୨୮ | ସଂଲଗ୍ନ |

ତଫସିଲ-ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା- କେନ୍ଦୁଝର | ତହସିଲ- ବଡ଼ବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୧୩।୦୬।୨୦୨୪

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ବଡ଼ଜାମଦା-ବଡ଼ବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି.ନଂ.- ଆର୍.ବି.କେ. ୬୦) ନିର୍ମାଣ

ମୌଜା- ବଡ଼ବିଲ ୟୁ: ନଂ.:୮, ଥାନା- ବଡ଼ବିଲ, ତହସିଲ- ବଡ଼ବିଲ, ଜିଲ୍ଲା- କେନ୍ଦୁଝର

| କ୍ରମିକ ନଂ. | ଖତିୟାନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ୍ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୩୭/୫ | କମଳଜିତ ସିଂହ, ପି. ବଳଦେବ ସିଂହ, ବା- ନିଜଗାଁ | ୩୬୮ | ଘରବାରି ଏକ | ୦.୦୩ | ୦.୦୧୧ |
| | | | ୩୬୩/୮୪୭ | ଘରବାରି ଏକ | ୦.୦୧୫ | ୦.୦୧୦ |
| ୨ | ୩୭/୭ | କରତାର ସିଂହ, ପି.- ଜଗତ ସିଂହ, ବା- ବଡ଼ବିଲ, ଥାନା- ବଡ଼ବିଲ, ଜିଲ୍ଲା- କେନ୍ଦୁଝର | ୩୬୩ | ଘରବାରି ଏକ | ୦.୦୮ | ୦.୦୦୭ |
| | | | | ମୋଟ | ୦.୧୨୫ | ୦.୦୨୮ |

Sd./- AMIN, L.A. (Gen.) Section, Collectorate, Keonjhar
Sd./- Land Acquisition Inspector, L.A. (Gen.) Section, Collectorate, Keonjhar
ସ୍ୱା./- ଭୂଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR-24045/14/0045/2526



# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ନଥି ସଂ. IX(C)-30/2025-241 ତା: ୧୩।୦୬।୨୦୨୫

No. V-19: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବଡ଼ବିଲ ୟୁନିଟ୍ ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବଡ଼ଜାମଦା ଓ ବଡ଼ବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ (ଏଲ୍.ସି. ନଂ. – ଆର୍.ବି.କେ. ୬୦) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୩୭ ତା୧୩।୦୬।୨୦୨୪ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବଡ଼ବିଲ ୟୁନିଟ୍ ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର | ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ବଡ଼ବିଲ ୟୁନିଟ୍ ନଂ. ୭ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୨.୮୬୫ | ଏ୧.୨୩୯ | ସଂଲଗ୍ନ |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର | ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୩।୦୬।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ – ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ବଡ଼ଜାମଦା-ବଡ଼ବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି. ନଂ. – ଆର୍.ବି.କେ ୬୦) ନିର୍ମାଣ

ମୌଜା: ବଡ଼ବିଲ ୟୁ.ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝର

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୬୪ | ଦୁର୍ଗା ଦାସ କର୍ମକାର, ପି.: ପରେଶ କର୍ମକାର, ସୁଭାସ କର୍ମକାର, ପି.: ରହିପଦ କର୍ମକାର, ଜା: ଲୋହାର, ବା: ନିଜଗାଁ | ୨୮୫ | ଘରବାରି ଏକ | ୦.୧୦ | ୦.୦୩୯ |
| ୨ | ୨୦୦ | ପରମଜିତ ସିଂହ, ପି.: କୁନ୍ଦନ ସିଂହ, ଜା: ଶିଖ୍, ବା: ନିଜଗାଁ | ୨୮୫/୧୪୩୦ | ଘରବାରି ଏକ | ୦.୦୮୦ | ୦.୦୦୩ |
| | | | ୨୯୧/୧୪୩୪ | ଘରବାରି ଏକ | ୦.୦୮୦ | ୦.୦୧୬ |
| | | | ୨୯୧/୧୪୩୫ | ଘରବାରି ଏକ | ୦.୧୦୦ | ୦.୦୧୫ |
| | | | ୨୯୧/୧୪୩୬ | ଘରବାରି ଏକ | ୦.୧୦୦ | ୦.୦୧୭ |
| | | | ୨୯୧/୧୪୩୮ | ଘରବାରି ଏକ | ୦.୦୬୦ | ୦.୦୧୯ |
| ୩ | ୨୦୮ | ବିମଳା ଦେବୀ ବିଗ, ସ୍ୱା.: ପ୍ରକାଶ ନାଥ ବିଗ, ରେନୁ ମାକିନ, ଅନିତା ବିଗ, ମୀନା ସାହୁ, ନରେଶ ପ୍ରତାପ ବିଗ, ପି.: ପ୍ରକାଶ ନାଥ ବିଗ, ଜା: ଛତ୍ରୀ, ବା: ନିଜଗାଁ | ୨୭୯/୧୪୨୪ | ଘରବାରି ଏକ | ୦.୧୩୦ | ୦.୧୨୪ |
| ୪ | ୩୩୯ | ରାଜ କୁମାର କଲରା, ପି.: ତପନ ଦାସ କଲରା, ଜା: କ୍ଷତ୍ରୀୟ, ବା: ନିଜଗାଁ | ୨୯୧/୧୪୩୭ | ଘରବାରି ଏକ | ୦.୧୦ | ୦.୦୨୪ |
| ୫ | ୩୭ | ଏରିଆନ ମାଇନିଂ ଏଣ୍ଡ ଟ୍ରେଡ଼ିଂ କର୍ପୋରେସନ ପ୍ରାଇଭେଟ ଲିମିଟେଡ, ବଡ଼ବିଲ | ୨୮୦ | ଘରବାରି ଏକ | ୦.୩୨୫ | ୦.୨୪୩ |
| ୬ | ୪୦ | ଓଁକାର ଦାସ ଯୁଗ, ପି.: ବିଶୁନ୍ ଦାସ ଯୁଗ, ବିମଳା ଦେବୀ ଯୁଗ, ସ୍ୱା.: ପ୍ରକାଶ ନାଥ ଯୁଗ, ରେଣୁ ମାକିନ, ଅନିତା ଯୁଗ, ମିନା ସାହୁ, ନରେଶ ପ୍ରସାଦ ଯୁଗ, ପି.: ପ୍ରକାଶ ନାଥ ଯୁଗ, ଜା: ଛତ୍ରୀ, ବା: ନିଜଗାଁ | ୨୭୯ | ଘରବାରି ଏକ | ୦.୨୬୫ | ୦.୨୧୨ |
| ୭ | ୪୧ | ଓଁମ ପ୍ରକାଶ କାନୋଡ଼ିଆ, ରତନ ଲାଲ କାନୋଡ଼ିଆ, ପି.: ଶ୍ରୀଲାଲ କାନୋଡ଼ିଆ, ଜା: ମାରବାଡ଼ି, ବା: ନିଜଗାଁ | ୨୮୩ | ଘରବାରି ଏକ | ୦.୧୧ | ୦.୦୩୧ |
| | | | ୨୮୩/୧୪୨୯ | କାରଖାନା | ୦.୦୨ | ୦.୦୧୯ |
| | | | ୨୮୪ | ଘରବାରି ଏକ | ୦.୫୦୦ | ୦.୧୦୭ |
| ୮ | ୪୩୬ | ସୁସିଲ କୁମାର କେଡ଼ିଆ, ପି.: ସୋହନ ଲାଲ କେଡ଼ିଆ, ଜା: ଛତ୍ରୀ, ବା: ନିଜଗାଁ | ୨୮୧ | ଘରବାରି ଏକ | ୦.୩୯ | ୦.୨୧୭ |
| ୯ | ୪୪୬ | ହରଦୟାଲ ସିଂହ, ପି.: କୁନ୍ଦନ ସିଂହ, ଜା: ଶିଖ, ବା: ନିଜଗାଁ | ୨୯୧ | ଘରବାରି ଏକ | ୦.୧୦୦ | ୦.୦୨୪ |
| ୧୦ | ୪୫୮/୧୫୨ | ଶ୍ରୀ ହରଜିତ୍ ସିଂହ, ପି.: କୁନ୍ଦନ ସିଂହ, ବା: ନିଜଗାଁ, ଥାନା: ବଡ଼ବିଲ, ଜିଲ୍ଲା: କେନ୍ଦୁଝର | ୨୯୧/୨୨୦୨ | ଘରବାରି ଏକ | ୦.୧୦୦ | ୦.୦୨୩ |
| ୧୧ | ୪୫୮/୨୩୨ | ଚନ୍ଦ୍ର ପ୍ରକାଶ କୋହଲି, ପି.: ଜାଗରୀ ଲାଲ କୋହଲି, ବା: ବଡ଼ବିଲ | ୨୭୯/୨୨୭୨ | ଘରବାରି ଏକ | ୦.୧୩୦ | ୦.୦୮୧ |
| ୧୨ | ୭୫ | ମେସର୍ସ ଖଟାଉ ନର୍ଭେରାମ, ବଡ଼ବିଲ | ୧୭୧ | ଘରବାରି ଏକ | ୦.୨୩୫ | ୦.୦୨୫ |
| | | | | ମୋଟ | ୨.୮୬୫ | ୧.୨୩୯ |

Sd./- AMIN, L.A. (Gen.) Section, Collectorate, Keonjhar
Sd./- Land Acquisition Inspector, L.A. (Gen.) Section, Collectorate, Keonjhar
ସ୍ୱା./ – ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR-24045/14/0043/2526



# କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ

## ଘୋଷଣା

ନଥି ସଂ. IX(C)-20/2025-253 ତା: ୧୩।୦୬।୨୦୨୫

No. V-22: ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୯(୧) ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା: ବଡବିଲ ୟୁନିଟ ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝରରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ବଡ଼ଜାମଦା ଓ ବଡ଼ବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି. ନଂ.- ଆର୍.ବି.କେ. ୬୧) ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୨୫୯ ତା୧୩।୦୬।୨୦୨୪ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା: ବଡ଼ବିଲ ୟୁନିଟ୍ ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝରରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବସାଇଟ୍ **www.kendujhar.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବସାଇଟ୍ **www.revenueodisha.gov.in**ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ୍ କରାଯାଇଅଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଜିଲ୍ଲାପାଳ କେନ୍ଦୁଝରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ – କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର | ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମୌଜା: ବଡ଼ବିଲ ୟୁନିଟ୍ ନଂ. ୭ | ସହରାଞ୍ଚଳ | ସଂଲଗ୍ନ | ସଂଲଗ୍ନ | ସଂଲଗ୍ନ | ଏ୦.୮୭୬ | ଏ୦.୨୭୪ | ସଂଲଗ୍ନ |

ତଫସିଲ – ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା: କେନ୍ଦୁଝର | ତହସିଲ: ବଡବିଲ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ: ୧୩।୦୬।୨୦୨୪।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./ – ଜିଲ୍ଲାପାଳ, କେନ୍ଦୁଝର

### ଭୂମି ଅନୁସୂଚୀ

ପ୍ରକଳ୍ପର ନାମ: ବଡ଼ଜାମଦା-ବଡ଼ବିଲ ଷ୍ଟେସନ ମଧ୍ୟରେ ରେଲୱେ ଓଭରବ୍ରିଜ୍ (ଏଲ୍.ସି. ନଂ. – ଆର୍.ବି.କେ ୬୧) ନିର୍ମାଣ

ମୌଜା: ବଡ଼ବିଲ ୟୁ.ନଂ. ୭, ଥାନା: ବଡ଼ବିଲ, ତହସିଲ: ବଡ଼ବିଲ, ଜିଲ୍ଲା: କେନ୍ଦୁଝର

| କ୍ରମିକ ନଂ. | ଖତିଆନ ନଂ. | ପ୍ରଜାର ନାମ ଓ ଠିକଣା | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଅର୍ଜନ ରକବା |
|---|---|---|---|---|---|---|
| ୧ | ୧୭୨ | ଦେବୀ ପ୍ରସାଦ ଭଟ୍ଟାଚାର୍ଯ୍ୟ, ସୁକୁମାର ଭଟ୍ଟାଚାର୍ଯ୍ୟ, ବାଦଲ କୁମାର ଭଟ୍ଟାଚାର୍ଯ୍ୟ, ଗୀତାରାଣୀ ଭଟ୍ଟାଚାର୍ଯ୍ୟ, ବାସସ୍ଥାନ: ନିଉ ବାରିକପୁର, ସବିତା ମୁଖାର୍ଜୀ, ବାସସ୍ଥାନ: ବାଲିଗଞ୍ଜ, ନମିତାରାଣୀ ଚାଟାର୍ଜୀ, ବାସସ୍ଥାନ: ଚକୁଲ ପୁକୁରୁ, କଲିକତା, ଭାରତୀରାଣୀ ପାକଲାସୀ, ବାସସ୍ଥାନ: ବୈଦ୍ୟବାଟି, ହୁଗୁଳି, ରିତା ଭଟ୍ଟାଚାର୍ଯ୍ୟ, ପିତା: ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ, ଲିଳାବତୀ ଭଟ୍ଟାଚାର୍ଯ୍ୟ, ସ୍ୱାମୀ: ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ, ଜାତି: ବ୍ରାହ୍ମଣ, ବାସସ୍ଥାନ: ନିଜଗାଁ | ୬୦୪ | ଘରବାରି ଏକ | ୦.୦୩ | ୦.୦୦୬ |
| ୨ | ୪୫୮/୧୫୪୫ | ମାଙ୍ଗିଲାଲ ରୁଙ୍ଗଟା, ପି.: ହରକରଣ ଦାସ ରୁଙ୍ଗଟା, ଜା: ଅଗ୍ରୱାଲା, ବା: ଚାଇଁବସା, ଜିଲ୍ଲା: ସିଂହଭୂମ ବିହାର | ୬୧୩ | ଘରବାରି ଏକ | ୦.୨୧୮ | ୦.୦୪୯ |
| ୩ | ୪୫୮/୧୦୦୦ | ଗୁରୁଦୟାଲ ସିଂହ, ପି.: ବଚନ ସିଂହ, ଜା: ଶିଖ୍, ବା: ବଡ଼ବିଲ | ୬୦୫ | ଘରବାରି ଏକ | ୦.୦୩୦ | ୦.୦୩୦ |
| ୪ | ୪୫୮/୧୦୦୨ | ମହମ୍ମଦ ଆଲାମ, ପି.: ମଲ୍ଲିକ ଅବଦୁଲ ରହମାନ, ଜା: ମୁସଲମାନ, ବା: ନିଜଗାଁ | ୬୦୬ | ଘରବାରି ଏକ | ୦.୦୪୦ | ୦.୦୪୦ |
| ୫ | ୪୮୩ | ଭାରତ ପ୍ରୋସେସ ଏଣ୍ଡ ମେକାନିକାଲ ଇଞ୍ଜିନିୟର୍ସ ଲିମିଟେଡ, ଠାକୁରାଣୀ | ୬୧୪ | ଘରବାରି ଏକ | ୦.୧୧୩ | ୦.୦୦୯ |
| | | | ୬୧୨/୨୦୫୭ | ଘରବାରି ଏକ | ୦.୦୯୭ | ୦.୦୪୬ |
| | | | ୬୧୧ | ପତିତ | ୦.୩୩୩ | ୦.୦୮୨ |
| | | | ୬୧୦ | ଘରବାରି ଏକ | ୦.୦୦୫ | ୦.୦୦୫ |
| | | | ୬୦୯ | ଘରବାରି ଏକ | ୦.୦୧୦ | ୦.୦୦୭ |
| | | | | ମୋଟ | ୦.୮୭୬ | ୦.୨୭୪ |

Sd./- AMIN, L.A. (Gen.) Section, Collectorate, Keonjhar
Sd./- Land Acquisition Inspector, L.A. (Gen.) Section, Collectorate, Keonjhar
ସ୍ୱା./ – ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର

OIPR-24045/14/0041/2526

# ପୂର୍ତ୍ତ, ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘେରିଲେ

## ଡ୍ରେନ୍ ଅବ୍ୟବସ୍ଥାରୁ ବଲାଙ୍ଗୀର ସହର ଜଳମଗ୍ନ ହେବା ଘଟଣା

**ବଲାଙ୍ଗୀର,୧୨।୯(ବୀରେନ୍ଦ୍ର କୁମାର ଝାଙ୍କର)**

ଡ୍ରେନ୍ ଅବ୍ୟବସ୍ଥାରୁ ବଲାଙ୍ଗୀର ସହର ବର୍ଷାଜଳରେ ଉବୁଟୁବୁ ହେବା ପରେ ଶୁକ୍ରବାର ପୌରାଧ୍ୟକ୍ଷା ଓ କାଉନସିଲରମାନେ ପୂର୍ତ୍ତ ବିଭାଗ ଏବଂ ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଘେରାଉ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ପୌରାଧ୍ୟକ୍ଷା ଲିକା ସାହୁ ଓ ବିଭିନ୍ନ ୱାର୍ଡର କାଉନସିଲରମାନେ ପୂର୍ତ୍ତ ବିଭାଗ ଓ ଜାତୀୟ ରାଜପଥ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଘେରିଥିଲେ। ଉଭୟ ବିଭାଗର ମନମୁଖୀ କାର୍ଯ୍ୟ ଯୋଗୁ ସାମାନ୍ୟ ବର୍ଷା ହେଲେ ସହରରେ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି ବୋଲି କହିଥିଲେ।

ସେମାନେ ଅଭିଯୋଗ ଆଣିଥିଲେ ଯେ, ବଲାଙ୍ଗୀର ସହର ଏକ ଚେସ୍‌ବୋର୍ଡର ସହର ଭାବେ ପରିଚିତ ଥିଲା। କିନ୍ତୁ ଜବରଦଖଲ ଓ ଲାଇନ ବିଭାଗଗୁଡିକର ତ୍ରୁଟିପୂର୍ଣ୍ଣ ନିର୍ମାଣ ଯୋଗୁ ସହରର ଜଳ ନିଷ୍କାସନ ବ୍ୟବସ୍ଥା ଭୁଶୁଡି ପଡିଛି। ସାମାନ୍ୟ ବର୍ଷାରେ ସହର ଜଳାର୍ଣ୍ଣବ ହେଉଛି। ଗୁରୁବାର ରାତିରେ ହୋଇଥିବା ପ୍ରାୟ ଏକ ଘଣ୍ଟାର ବର୍ଷାରେ ବଲାଙ୍ଗୀର ସମଲେଶ୍ୱରୀ ମନ୍ଦିରର ଗର୍ଭଗୃହକୁ ପାଣି ପଶିଥିଲା। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବର୍ଷାଋତୁ ପୂର୍ବରୁ ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓ ନିର୍ବାଚନମଣ୍ଡଳୀ ସ୍ତରୀୟ ସମୀକ୍ଷା ବୈଠକରେ ଜାତୀୟ ରାଜପଥ ବିଭାଗ ଓ ପୂର୍ତ୍ତ ବିଭାଗର ଡ୍ରେନ ନିର୍ମାଣ ପ୍ରସଙ୍ଗ ଉଠାଇ ତୁରନ୍ତ ଡ୍ରେନ୍ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେତେବେଳେ ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀଙ୍କ ଉପସ୍ଥିତିରେ ପୌରପାଳିକା ସହିତ ପୂର୍ତ୍ତ ବିଭାଗ, ଏନଏଚ୍ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗ ଓ କ୍ଷୁଦ୍ର ଜଳସେଚନ ବିଭାଗକୁ ନେଇ ଏକ ଯୁଗ୍ମ ବୈଠକ କରାଯାଇଥିଲା। କିନ୍ତୁ ପୂର୍ତ୍ତ ବିଭାଗ କିମ୍ବା ଏନଏସ ବିଭାଗ କୌଣସି ଡ୍ରେନ କାମ କରିନଥିଲେ ବୋଲି ଅଭିଯୋଗ କରିଛନ୍ତି। ଫଳରେ ଆଜି ଏହି ସମସ୍ୟା ଉପୁଜିଛି ବୋଲି କହିଥିଲେ। ଉଭୟ ବିଭାଗ ତୁରନ୍ତ ଡ୍ରେନ୍ କାମ ଆରମ୍ଭ ନ କଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ପୌରାଧ୍ୟକ୍ଷା ଲିକା ସାହୁ ଚେତାବନୀ ଦେଇଥିଲେ। ତେବେ ଆସନ୍ତା ମାସ ଶେଷ ସପ୍ତାହରୁ କାମ ଆରମ୍ଭ କରାଯିବ ବୋଲି ଯନ୍ତ୍ରୀମାନେ ପ୍ରତିଶ୍ରୁତି ଦେଇଥିବା ପୌରାଧ୍ୟକ୍ଷା ସାହୁ କହିଛନ୍ତି। ଆଲୋଚନା ବେଳେ ପୌର ଉପାଧ୍ୟକ୍ଷା ଗାୟିତ୍ରୀ ଭୋଇ, କାଉନସିଲର ସରିତା ଦାସ, ଶମ୍ଭୁ ନାଗ, ସନ୍ତୋଷିନୀ କୁଅଁର, ନନ୍ଦିନୀ ପୋଢ, ଗଙ୍ଗା ଚାନ୍ଦ, ଲଲାଟେନ୍ଦୁ ପଟ୍ଟନାୟକ, ଶତ୍ରୁଘ୍ନ ବାଗ, କିଶୋର କୁମ୍ଭାର, ରଜନୀ ବନଛୋର, ସସ୍ମିତା ନନ୍ଦ, ମହେନ୍ଦ୍ର ବାଗ, ସତ୍ୟ ନାଏକ, ସନ୍ତୋଷ ଦନ୍ତା, ପ୍ରତିମା ଛତ୍ରିଆ, ରାଜ୍ୟସଭା ଏମ୍‌ପି ପ୍ରତିନିଧି ମୁନ୍ନା ଖାନଙ୍କ ସମେତ ଅନ୍ୟ କାଉନସିଲର ଉପସ୍ଥିତ ଥିଲେ।



ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ପୌରାଧ୍ୟକ୍ଷା ଓ କାଉନସିଲରମାନେ ଘେରାଉ କରିଛନ୍ତି।

# ନୂଆଁଖାଇ ଭେଟ ଉତ୍ସବ



ନୂଆଁଖାଇ ଭେଟ ଉତ୍ସବ ଅବସରରେ ଯୋଗ ଦେଇଥିବା ଅତିଥି।

**କଣ୍ଟାବାଞ୍ଜି,୧୨।୯(ଗୁରୁ ଦୟାଲ ହଂସ)**

କଣ୍ଟାବାଞ୍ଜି କେଭି କଲେଜ ସ୍ନାତକୋତ୍ତର ଓଡ଼ିଆ ବିଭାଗ ପକ୍ଷରୁ ନୂଆଁଖାଇ ଭେଟ ଓ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମ ଗୁରୁବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ବିଶିଷ୍ଟ ଅତିଥି, ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ନାଗ ତାଙ୍କ ଅଭିଭାଷଣରେ କୋଶଳାଞ୍ଚଳର ମହତ୍ତ୍ୱ ପ୍ରତିପାଦନ କରିବା ସହ ନୂଆଁଖାଇ ଆମ ସାଂସ୍କୃତିକ ଜୀବନର ମହାନ ବାର୍ତ୍ତା ପ୍ରଦାନ କରେ ବୋଲି ମତବ୍ୟକ୍ତ କରିଥିଲେ। ବିଧାୟକ ବାଗ ଛାତ୍ରୀଛାତ୍ରମାନେ ପଠନ ପ୍ରିୟ ହେବା ସହ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଡ. ସଞ୍ଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ଅଧ୍ୟକ୍ଷ ଡ. ପଦ୍ମ ଲୋଚନ ବର୍ମା ଅତିଥି ଭାବେ ଯୋଗଦେଇ ନୂଆଁଖାଇ ଦିବସର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ସଭାପତି ଅଭିଭାଷଣରେ ଡ. ମିଶ୍ର ନୂଆଁଖାଇ ଉପରେ ଅଧିକ ଲୋକାଭିମୁଖୀ ଗବେଷଣା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ପ୍ରଭାସିନୀ ରାଉତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଦ୍ୟୁମ୍ନ କୁମାର ବାଗ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ମହାବିଦ୍ୟାଳୟର ମୁଖପତ୍ର ଝରିଏଲ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ମନୀଷ ମହାନ୍ତିଙ୍କ ନେତୃତ୍ୱରେ ମହାବିଦ୍ୟାଳୟରେ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଜାତୀୟ ସଂପାନରେ ଯୋଗ ଦେଇଥିବା ଅଧ୍ୟାପିକା ଅଧ୍ୟାପକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଅଧ୍ୟାପକ ରୋହିତ କୁମ୍ଭାର ଧନ୍ୟବାଦ ଦେଇଥିଲେ। ସ୍ନାତକୋତ୍ତର ଓଡ଼ିଆ ବିଭାଗର ଛାତ୍ରୀଛାତ୍ରମାନଙ୍କ ନୂଆଁଖାଇ ମୁଣ୍ଡିଆ ସଭିଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଥିଲା।

# ରାସ୍ତାରେ ଅଚଳ ହୋଇ ପଡ଼ିଛି ମୁଖ୍ୟମନ୍ତ୍ରୀ ବସ୍

**ଲୋଇସିଂହା,୧୨।୯(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ନଅଗାଁ(ଖ) ପଞ୍ଚାୟତ କାର୍ଯ୍ୟାଳୟ ନିକଟସ୍ଥ କେନ୍ଦୁପତ୍ର ଫଡ଼ି ଘର ନିକଟରେ ଗତ ୩ ଦିନ ହେଲା ରାସ୍ତା ଉପରେ ମୁଖ୍ୟମନ୍ତ୍ରୀ ବସ୍ ଅଚଳ ହୋଇ ପଡିରହିଛି। ବସ୍‌କୁ ମରାମତି ପାଇଁ ନିଆଯାଇ ନ ଥିବାରୁ ଏହି ରାସ୍ତାରେ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସ୍ ସେବା ବନ୍ଦ ହୋଇପଡ଼ିଛି। ଫଳରେ ଉକ୍ତ ବସ୍ ସେବା ପାଉଥିବା କଲେଜ ଛାତ୍ରୀଛାତ୍ରଙ୍କ ସମେତ ସାଧାରଣ ଜନତାଙ୍କୁ ଯିବା ଆସିବା କରିବାରେ ହଟହଟା ହେବାକୁ ପଡୁଛି। ପ୍ରକାଶ ଯେ, ଉକ୍ତ ବସ୍ ଆଗଲପୁର ବ୍ଲକ ଆଗଲପୁରସ୍ଥିତ ବସଷ୍ଟାଣ୍ଡରୁ ବାହାରି ଭରସୁଜା, ବଡ଼ଟୀକା, ନଅଗାଁ (ଖ) ପଞ୍ଚାୟତ ଦେଇ ବଲାଙ୍ଗୀର ବରଗଡ ୨୬ ନଂ ରାଜପଥ ବୁର୍ଡା ଓ ରୁଗୁଡ଼ିଖାଲ ବାଟ ଦେଇ ଆଗଲପୁର ବ୍ଲକ ବକଟି ଅଞ୍ଚଳକୁ ନିୟମିତ ଦିନକୁ ୩ ଥର ଯାତାୟତ କରୁଥିଲା। ଏହି ବସ୍‌ରେ ବଡଟୀକା, ନଅଗାଁ (ଖ) ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର କଲେଜ ଛାତ୍ରୀଛାତ୍ର ଲୋଇସିଂହା, ଯୋଗୀସର୍ଡା କଲେଜ ଯିବା ଆସିବା କରିଉପକୃତ ହୋଇଥାନ୍ତି। ଏହାଛଡା ସାଧାରଣ ଜନତା ମଧ୍ୟ ବଲାଙ୍ଗୀର, ଲୋଇସିଂହା ଡ଼ାକ୍ତରଖାନା ଓ ବିଭିନ୍ନ କାର୍ଯ୍ୟରେ ଯିବା ଆସିବା କରିଥାନ୍ତି। ୩ ଦିନ ହେଲା ବସ ଅଚଳ ହୋଇ ପଡିଥିବା ବେଳେ ଏହାକୁ ମରାମତି କରିବାରେ ବିଳମ୍ବ କରାଯାଉଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟି ଦେଇ ଉକ୍ତ ବସ୍ କାର୍ଯ୍ୟକ୍ଷମ କରି ସେବା ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

# ଶାରଦୀୟ ଦୁର୍ଗାପୂଜାକୁ ନେଇ ପ୍ରସ୍ତୁତି ବୈଠକ

**ଟିଟିଲାଗଡ଼,୧୨।୯(ସନ୍ତୋଷ ପଟ୍ଟନାୟକ)**

ଟିଟିଲାଗଡ଼ ସହରରେ ହେବାକୁ ଥିବା ଶାରଦୀୟ ଦୁର୍ଗାପୂଜାକୁ ଦୃଷ୍ଟିରେ ରଖି ପ୍ରଶାସନ ତରଫରୁ ସମସ୍ତ ପୂଜା କମିଟି କର୍ମକର୍ତ୍ତାଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଟିଟିଲାଗଡ଼ ଉପଜିଲାପାଳ ପଦ୍ମନାଭ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ପାର୍ବଣ ସମୟରେ ବିଦ୍ୟୁତ, ଟ୍ରାଫିକ ସମସ୍ୟା, ପୂଜା କମିଟିଗୁଡିକରେ ହେବାକୁ ଥିବା ପୂଜାବିଧି, ସାଂସ୍କୃତିକ କାର୍ଯ୍ୟକ୍ରମ, ବିସର୍ଜନ ତଥା ରାବଣ ପୋଡି ନେଇ ଆଲୋଚନା ହୋଇଥିଲା। ପୂଜା ସମୟରେ ବିଦ୍ୟୁତ କାଟ ନ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେବା ସହ ଟ୍ରାଫିକ ସମସ୍ୟା, ଭକ୍ତମାନଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ କହିଥିଲେ। ବୈଠକରେ ସହରର ବିଭିନ୍ନ ପୂଜା କମିଟିର ସଦସ୍ୟ, ସମସ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# ବଲାଙ୍ଗୀର ସରକାରୀ ପଲିଟେକ୍‌ନିକ୍‌ରେ ଛାତ୍ରୀଙ୍କୁ ରାଗିଂ

## ଶିକ୍ଷାନୁଷ୍ଠାନରେ ବସିଲା ଆଇସିସି କମିଟି ବୈଠକ

## ୨ ଛାତ୍ରୀଙ୍କ ସହ ଅଭିଭାବକ ଉପସ୍ଥିତ

**ବଲାଙ୍ଗୀର,୧୨।୯(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ପଲିଟେକ୍‌ନିକ୍ ଶିକ୍ଷାନୁଷ୍ଠାନରେ ଜଣେ ପ୍ରଥମ ବର୍ଷ ସିଭିଲ ବିଭାଗ ଛାତ୍ରୀଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଗତ ୯ ତାରିଖରେ ପୀଡ଼ିତା ଛାତ୍ରୀ ଜଣକ ପଲିଟେକ୍‌ନିକ ଅଧ୍ୟକ୍ଷଙ୍କ ନିକଟରେ ଅଭିଯୋଗ କରିଥିଲେ। ଶୁକ୍ରବାର ଶିକ୍ଷାନୁଷ୍ଠାନ ପରିସରରେ ଆଇସିସି କମିଟି ବୈଠକ ବସିଥିଲା। ଏହି ବୈଠକରେ ପୀଡ଼ିତା ଛାତ୍ରୀ ଓ ଦ୍ୱିତୀୟ ବର୍ଷର ଛାତ୍ରୀ ଏବଂ ଉଭୟ ଛାତ୍ରୀଙ୍କ ଅଭିଭାବକ ଉପସ୍ଥିତ ଥିଲେ। ଅଭିଯୋଗ ଅନୁଯାୟୀ, ଗତ ୮ ତାରିଖରେ ପଲିଟେକ୍‌ନିକ୍ ହଷ୍ଟେଲରେ ରହୁଥିବା ଯାଜପୁର ଅଞ୍ଚଳର ପ୍ରଥମ ବର୍ଷ ଛାତ୍ରୀଙ୍କ ହଷ୍ଟେଲ ରୁମ୍‌କୁ ରାତି ପ୍ରାୟ ସାଢ଼େ ୧୨ଟାରେ ସେହି ହଷ୍ଟେଲରେ ରହୁଥିବା ବୁର୍ଲା ଅଞ୍ଚଳର ଦ୍ୱିତୀୟ ବର୍ଷର ଜଣେ ଛାତ୍ରୀ ଯାଇଥିଲେ। ସେହି ଛାତ୍ରୀ ଜଣକ ସେଠାରେ ପ୍ରଥମ ବର୍ଷ ଛାତ୍ରୀଙ୍କୁ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏନେଇ ପୀଡ଼ିତା ଛାତ୍ରୀ ଜଣକ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ସେଦିନ ରାତିରେ ଫୋନ୍‌କରି ଜଣାଇବା ସହ ୯ ତାରିଖ ସକାଳେ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କୁ ଲିଖିତ ଭାବେ ଜଣାଇଥିଲେ। ଏହାପରେ ଶିକ୍ଷାନୁଷ୍ଠାନର ଇଣ୍ଟରନାଲ କମ୍ପ୍ଲେନ୍ କମିଟି (ଆଇସିସି) ଉଭୟ ଛାତ୍ରୀଙ୍କ ଅଭିଭାବକଙ୍କୁ ଡକାଇଥିଲେ। ଶୁକ୍ରବାର ଉଭୟ ଛାତ୍ରୀଙ୍କ ଅଭିଭାବକ ଆସିବା ପରେ ଅଧ୍ୟକ୍ଷଙ୍କ ଅଫିସ ଚାମ୍ବରରେ ଦୀର୍ଘ ସମୟ ଧରି ଆଲୋଚନା ହୋଇଥିଲା। ଆଇସିସି କମିଟି ସଦସ୍ୟା, ସଦସ୍ୟ ମଧ୍ୟ ଏହି ବୈଠକରେ ଉପସ୍ଥିତ ଥିଲେ। ଦୀର୍ଘ ସମୟ ପରେ ପଲିଟେକ୍‌ନିକ୍‌ର ଅଧ୍ୟକ୍ଷ ଇଂ. ସଚ୍ଚିଦାନନ୍ଦ ପାଢ଼ୀ ଗଣମାଧ୍ୟମକୁ ଘଟଣା ସମ୍ପର୍କରେ ସୂଚନା ଦେଇ କହିଥିଲେ, ଆଇସିସି କମିଟି ଆଲୋଚନା ସରିଛି। ରିପୋର୍ଟ ଆସିଲା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଦ୍ୱିତୀୟ ବର୍ଷ ଛାତ୍ରୀ ଜଣକ ପ୍ରଥମ ବର୍ଷ ଛାତ୍ରୀଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଥିବାରୁ ଆଇସିସି କମିଟି ରିପୋର୍ଟ ପାଇଲା ପରେ ଏ ନେଇ ଥାନାରେ ଜଣାଇ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଗୁରୁବାର ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ ବର୍ଷ ପିଜି ଛାତ୍ରଙ୍କୁ ସିନିୟର ଛାତ୍ରମାନେ ରାଗିଂ କରିଥିବା ଅଭିଯୋଗ ହୋଇଥିଲା। ଏବେ ସରକାରୀ ପଲିଟେକ୍‌ନିକରେ ପୁଣି ଛାତ୍ରୀ ରାଗିଂ ଅଭିଯୋଗ ପରେ ଅଭିଭାବକମାନେ ଚିନ୍ତା ପ୍ରକଟ କରିଛନ୍ତି।


समग्र शिक्षा / ସମଗ୍ର ଶିକ୍ଷା / Samagra Shiksha

# ODISHA SCHOOL EDUCATION PROGRAMME AUTHORITY

"SHIKSHA SOUDHA", UNIT-V, BHUBANESWAR-751001

Website - osepa.odisha.gov.in

No. 9760 / Lib./2025 Date 11/ 09/2025

## NOTICE INVITING EXPRESSION OF INTEREST

**No.n-** : Odisha School Education Programme Authority (OSEPA) invites Expression of Interest (EoI) from reputed local book Publishers / Publishing houses of Odisha towards procurement of class / age appropriate library books for Class I to XII published in Odia language under Samagra Shiksha & PM SHRI Scheme. The EoI document with all information, instructions, eligibility criteria, terms & conditions etc are available in the website of OSEPA i.e **osepa.odisha.gov.in**. The interested Local book publishers / publishing houses may refer the above web site, read the EoI document carefully & furnish the EoI proposal to the O/o State Project Director, Odisha School Education Programme Authority, Shiksha Soudha, Unit-V, Bhubaneswar, 751001 **by 5 PM of 16/10/2025**. The EoI proposal may be submitted in sealed envelope superscripted as **"Expression of Interest for Supply of Library Books" 2025-26 by Registered Post/ Speed Post/ Courier only**.

Corrigendum / addendum, if required, will be uploaded in the above website. Hence, potential regional / local book publishers / publishing houses of Odisha are requested to be in continuous touch with the above web site. The EoI Inviting Authority i.e. OSEPA reserves the right to accept or reject any / all bids, also can cancel the entire selection process at any stage without assigning any reason thereof. No claim, whatsoever, shall be admissible for the alleged loss/damage suffered by the applicants on account of such rejections.

OIPR-27068/11/0058/2526 Sd./- State Project Director



# OFFICE OF THE SUPERINTENDING ENGINEER HYDROLOGY & INTERSTATE MATTER, BURLA

AT/PO-BURLA, DIST.SAMBALPUR (ODISHA) 768017

Email Id: sehydrologyismburla@gmail.com

**QUOTATION CALL NOTICE No. SE (H&ISM)-08/2025-26 dated 09.09.2025**

**No.A-613** : Sealed quotation in conformity with the terms & conditions are invited from reputed Travel Agencies/ Tour operators/ Private Individuals for hiring of one private vehicle with commercial registration & having valid contract carriage permit for official use of Superintending Engineer, Hydrology & Interstate Matter, Burla for the year 2025-26 (from 1.10.2025 to 31.03.2026).

Please visit website https://dowrodisha.gov.in or https://sambalpur.nic.in for details.

Date & time of availability of quotation documents from 15.09.2025 (10.00 AM) to 22.09.2025 (5.00 PM).

The last date & time of sale and receipt of Quotation is 22.09.2025 up to 5.00 PM & 23.09.2025 up to 5.00 PM respectively and to be opened on 24.09.2025 at 11:30 AM in the office of the Superintending Engineer, Hydrology & Interstate Matter, Burla.

Sd./- Superintending Engineer, Hydrology & Interstate Matter, Burla

OIPR-32452/11/0001/2526



GOVERNMENT OF ODISHA No.b-15

# OFFICE OF THE CHIEF CONSTRUCTION ENGINEER SOUTHERN N.H CIRCLE, BERHAMPUR

Email - senhsouthbam@gmail.com

**INVITATION FOR BIDS**

**Bid Identification No. 06 / CCE NH, South of 2025-26**

[e-Procurement]

**Bid Identification No.06/CCE NH, South of 2025-26 No. 3349 / Dated : 10.09.2025**

1) The **Chief Construction Engineer, Southern N.H. Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of Road works as detailed in the table below.
2) Nature of work : Road
3) No. of work : 1 No.
4) Tender Cost : Rs.10,000/-
5) Class of Contractor : 'A' Class & 'B' Class
6) Availability of Bid document in the Website : From 18.09.2025 11.00 AM to 08.10.2025 5.30 PM
7) Date of Opening of Bid : 09.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation will be displayed in the e-tender website only.

Sd./- Chief Construction Engineer, Southern NH Circle, Berhampur

OIPR-34148/11/0018/2526



# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: 17467/ଭୁ.ଉ.କ., ଭୁବନେଶ୍ୱର ତା: 08.09.2025ରିଖ

CPM-II(S)-185/93 **ସୂଚନା**

No. CAD-1736: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ MIG-II ଗୃହ ନଂ. S-2/122କୁ ଶ୍ରୀ ଅମୀୟ ମୋହନ ଦାସ, ପିତା: ସ୍ୱର୍ଗତ କ୍ଷେତ୍ରମୋହନ ଦାସ, ଗ୍ରାମ: ବାଗଲପୁର, ପୋ: ଅଠାନ୍ତର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଅମୀୟ ମୋହନ ଦାସ ଗତ ତା୨୮।୦୩।୨୦୧୫ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Issue No. 15176 dated 11.05.2015).

Legal heir Certificate No. E-LHC/2024/154867 Dated: 21.08.2024 ଅନୁଯାୟୀ ଅମୀୟ ମୋହନ ଦାସଙ୍କର ଉତ୍ତରାଧିକାରୀ (୧) ଗୀତାଞ୍ଜଳୀ ଦାସ (ସ୍ତ୍ରୀ), (୨) ଅମିତାଭ ଦାସ (ପୁତ୍ର) ଓ ଅମ୍ରିତା ଦାସ (ବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0371/2526



No.M-28

# Fisheries & ARD Department Government of Odisha

**Expression of Interest (EOI) for the design, construction, exhibit development and operation of a State-of-the-Art Marine Aquarium and Underwater Zoo at/near Puri Sea Beach**

1. The Fisheries & ARD Department, Government of Odisha, invites **Expression of Interest (EOI)** from reputed developers/ companies for the **design, construction, exhibit development, and operation of a State-of-the-Art Marine Aquarium and Underwater Zoo at/near Puri Sea Beach** under the PPP model. The project is envisioned to be of international standard, positioning Puri as a global marine tourism hub while promoting education, conservation and sustainable development.
2. Interested firms may submit their proposals in PDF format to **pmufard@gmail.com** by **5:00 P.M. of 10th October 2025**. Clarifications may be sought through the same email by **30th September 2025, 5:00 P.M.** Detailed EOI document is available in the F& ARD Department, Government of Odisha website https://fard.odisha.gov.in/sites/default/files/2025-09/EOI%2011%209%2025%20FP-2-3.pdf

**Date : 12.09.2025** **Sd./- Principal Secretary**

**Fisheries & ARD Department, Lok Seva Bhawan Sachivalaya Marg, Bhubaneswar, Odisha**

OIPR-52014/11/0001/2526



# ପୌରପରିଷଦ କାର୍ଯ୍ୟାଳୟ, ଜୟପୁର
# OFFICE OF THE MUNICIPAL COUNCIL : JEYPORE

Phone No. : 06854-231098, e-Mail : ulbjeypore@gmail.com

Letter No. : 4046 Date : 08.09.2025

**Quotation call notice**

**No.C-1054** : Sealed quotation in plain paper / letter pad is invited from the interested registered firm/agency for Annual repair & maintenance of wealth center. The individual agency may submit the price of spare parts as including service charges detail in Annexure-A. This will be received by the undersigned up to 11.00A.M. on dt-16 .09.2025 and will be opened at 4.00 P.M. on the same day, if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

Terms and Condition: -

1. The contract would normally be for a period of one year, extendable by one year at a time based upon mutual agreement.
2. The contractor will supply the original parts as per the approved rates of AMC submitted by the agency.
3. No advance payment will be made the approved contract or shall submit his bill (in triplicate) on completion of repairs.
4. Copies of valid GST registration Certificate and PAN card should also accompany the technical Bid.
5. Work should be done based on work order only.

Sd./- Executive Officer, Jeypore Municipality

OIPR-13079/11/0064/2526



# ODISHA POLICE STATE HEADQUARTERS Cuttack

Odisha Police

**Office of the D.G. & I.G. of Police, Odisha, Cuttack**

**Tel. : 0671-2304001, Website** : www.odishapolice.gov.in,

**Email** : aig-prov.odpol@od.gov.in & dcpprov.cphq@odishapolice.gov.in

**No.D-207** : Online Bids through e-Tender Portal https://tendersodisha.gov.in are invited from the eligible bidders for purchase of New Video Wall display to be integrated with I&UCCC of Commissionerate Police, Bhubaneswar-Cuttack during the current financial year, 2025-26 as per the particulars mentioned below.

| Sl. No. | Name of Item | RFP No. & Date | Quantity |
|---|---|---|---|
| 1. | New Video Wall display to be integrated with I&UCCC of Commissionerate Police, Bhuabneswar-Cuttack | **09-RFP-Video Wall display to be integrated with I and UCCC-2025-26 dtd.11.09.2025** | 01 |

| Sl. No. | Parameter | Name |
|---|---|---|
| 1 | Date of publication of NIT T0 | Date : 11/09/2025 |
| 2 | Availability of tender documents on the e-tendering portal of Government of Odisha | Date : 11/09/2025 |
| 3 | Last date for sending queries (T0+5) | Date : 18/09/2025 ; Time : 05.00 PM; queries may be sent by email to **dcpprov.cphq@odishapolice.gov.in** |
| 4 | Issue of responses to pre-bid queries, addendum/ corrigendum, if required (T0+7) | Date : After completion of Query Meeting |
| 5 | Bid Due Date | Date : 03/10/2025; Time : 05.00 PM |
| 6 | Opening of Techno-Commercial Bid | Date : 04/10/2025; Time : 05.00 PM |
| 7 | Opening of Price Bid | To be informed to the Technically Qualified Bidders by appropriate means |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning,) Odisha, Cuttack (Tender Calling Authority)

OIPR-12029/11/0103/2526

# ମା' ମାହେଶ୍ୱରୀ ପୂଜକ ସେବାୟତ, କର୍ମକର୍ତ୍ତାଙ୍କ ବୈଠକ

**ବୀରମହାରାଜପୁର,୧୨।୯(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ମୈତ୍ରୀ ସଂଦନଠାରେ ଶୁକ୍ରବାର ସୁବର୍ଣ୍ଣପୁର ଜିଲା ଡୁମାଳ ପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ଡୁମ୍ବାଳ ପରିଷଦ ସଭାପତି ଆଶ୍ୱିନ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ଡୁମ୍ବାଳ ପରିଷଦ କାର୍ଯ୍ୟକାରୀ ସଦସ୍ୟ ଭୁଷଣ କୁମାର ପାତ୍ର, ସମ୍ମାନିତ ଅତିଥି ଭାବରେ, କାନପୁର ମାହେଶ୍ୱରୀ ପୀଠର କାର୍ଯ୍ୟକର୍ତ୍ତା ଚମ୍ପେଶ୍ୱର ମିଶ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ମିନକେତନ ମହାକୁର ଯୋଗଦେଇଥିଲେ। ବୈଠକରେ ଜିଲା ସାଧାରଣ ସମ୍ପାଦକ କିଶୋର କର୍ମୀ ମାହେଶ୍ୱରୀ ସାଂସ୍କୃତି, ଐତିହ୍ୟ, ପରମ୍ପରା, ଷୋଳପୂଜା ନିତି ନିୟମ ଓ ଡୁମାଳ ଜାତି ସମାଜର ପରମ୍ପରା ଐତିହ୍ୟ ସଂସ୍କୃତି ବଜାୟ ରଖିଥିବା ପାଇଁ ଉପସ୍ଥିତ ସମସ୍ତ କର୍ମକର୍ତ୍ତାଙ୍କର ମତାମତ ନେଇଥିଲେ। ସମସ୍ତଙ୍କର ମତାମତ ନେବାପରେ ସୁବର୍ଣ୍ଣପୁର ଜିଲାରେ ଗୋଟିଏ ଦିନରେ ସମସ୍ତ ନିତି କାନ୍ତି କରିବା ପାଇଁ ଜିଲା ସଭାପତିଙ୍କୁ ଘୋଷଣା କରିବାପାଇଁ ଅନୁରୋଧ କରିଥିଲେ। ମାହେଶ୍ୱରୀ ଷୋଳପୂଜାଠାରୁ ମହାଖଳା ପୂଜା ବା କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ନିତି ନିୟମ ତାରିଖ ଘୋଷଣା କରିଥିଲେ ସଭାପତି ଅଶ୍ୱିନୀ କୁମାର ମହାକୁଡ଼। ଆସନ୍ତା ୧୪ ରେ ପୁଅ ଜିଉଁନ୍ତିଆ ବା ଷୋଳପୂଜା ଆରମ୍ଭ। ୨୧/୯ /୨୦୨୫ରେ ମହାଳୟା(ଅମାବାସ୍ୟା), ୨୯/୯/୨୦୨୫ରେ ଭାଇ ଜିଉଁନ୍ତିଆ(ମହାଷ୍ଟମୀ), ୬/୧୦/୨୦୨୫ରେ କାନପୁର ମାହେଶ୍ୱରୀ ପୀଠରେ ଆଶ୍ୱିନ ପୂର୍ଣ୍ଣିମା ଯାତ୍ରା, ମା' ମାହେଶ୍ୱରୀ ଡିମ୍ବଳ ପୀଠକୁ ଶୋଭାଯାତ୍ର କରାଯିବ ଓ କୁମାରୋତ୍ସବ ଯାତ୍ରା ୭/୧୦/୨୦୨୫ରେ ଅନୁଷ୍ଠିତ ହେବ ବୋଲି ସଭାପତି ଘୋଷଣା କରିଥିଲେ। ଏହି ବୈଠକରେ କାନପୁର କେନ୍ଦ୍ର ସଭାପତି ଅଜନ୍ତ କଲତା, ଜାଲୋଏ କେନ୍ଦ୍ର ସଭାପତି ଦିନବନ୍ଧୁ ବଘାର, କୋଟସମଲାଏ କେନ୍ଦ୍ର ସଭାପତି ନରସିଂହ ପଧାନ, ପଲାସ କେନ୍ଦ୍ର ସମ୍ପାଦକ ସତ୍ୟ ନାରାୟଣ ପଧାନ, ଲୁହୁରାପାଲି କେନ୍ଦ୍ର ସଭାପତି ଦାମୋଦର ମହାକୁର, ଘାଟିଜାମ୍ପାଲି କେନ୍ଦ୍ର ଉପ ସଭାପତି ବିକାଶ କର୍ମୀ, ହିଲୁଙ୍ଗୁ କେନ୍ଦ୍ର ସମ୍ପାଦକ ଅର୍ଜ୍ଜନ ପଧାନ, ଡାହୁକ ବୁଢ଼ କେନ୍ଦ୍ର ସଭାପତି ବୃନ୍ଦାବନ ପଧାନ, ବାଗବର କେନ୍ଦ୍ର ସଭାପତି ଭଗବାନ କର୍ଣ୍ଣ, ସମ୍ପାଦକ ହରିହର ପଧାନ, ଲୁତୁରପଙ୍କ କେନ୍ଦ୍ର ସଭାପତି କଳ୍ପବଟ ମହାକୁର, ଅଶୋକ ମହାକୁର ଜିଲା ମାହେଶ୍ୱରୀ ସେବାୟତ କମିଟି ସଦସ୍ୟ ସନ୍ତୋଷ ମହାକୁର ପ୍ରମୁଖ ମତାମତ ଦେଇଥିଲେ। ଶେଷରେ ହିଲୁଙ୍ଗୁ ମାହେଶ୍ୱରୀ ମନ୍ଦିର ଦେହେରୀ ସନ୍ତୋଷ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସମସ୍ତ ମାହେଶ୍ୱରୀ ମନ୍ଦିର, ଡାଳତଲ ମାହେଶ୍ୱରୀ ପୀଠ ଗୁଡ଼ିକ କର ସେବାୟତ, କେନ୍ଦ୍ର କମିଟି କର୍ମ କର୍ତ୍ତା ଜିଲା କମିଟି କର୍ମକର୍ତ୍ତା ଏହି ବୈଠକ ସାମିଲ ହୋଇଥିଲେ। ବାଗବର କେନ୍ଦ୍ର ସଭାପତି ଭଗବାନ କର୍ଣ୍ଣ, ସମ୍ପାଦକ ହରିହର ପଧାନ, ଲୁତୁରପଙ୍କ କେନ୍ଦ୍ର ସଭାପତି କଳ୍ପ ମହାକୁର, ଅଶୋକ ମହାକୁର, ଜିଲା ମାହେଶ୍ୱରୀ ସେବାୟତ କମିଟି ସଦସ୍ୟ ସନ୍ତୋଷ ମହାକୁର ପ୍ରମୁଖ ମତାମତ ରଖିଥିଲେ। ଶେଷରେ ହିଲୁଙ୍ଗୁ ମାହେଶ୍ୱରୀ ମନ୍ଦିର ଦେହେରୀ ସନ୍ତୋଷ କୁମାର ଦେହୁରୀ ଧନ୍ୟବାଦ ଅର୍ପଣ କରିଥିଲେ।



ଜିଲା ଡୁମ୍ବାଳ ପରିଷଦ ଦେହୁରୀ ଓ କର୍ମକର୍ତ୍ତାଙ୍କ ବୈଠକ।

# କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ କାର୍ଯ୍ୟକ୍ରମ



ସଭାରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

**ଘଣ୍ଟାପଡ଼ା,୧୨।୯(ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ସଦର କଲ୍ୟାଣମଣ୍ଡପଠାରେ ବ୍ଲକ କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ ପାଇଁ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ନବ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ସର୍ବ ଭାରତୀୟ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବି.ଭି ଯୋଗଦେଇ ଜିଲା, ରାଜ୍ୟ ଓ ଦେଶରେ ସମସ୍ତ କର୍ମୀ ମିଶି କଂଗ୍ରେସ ସଂଗଠନକୁ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଦେଶକୁ ସୁଦୃଢ କରିବାକୁ ହେଲେ କଂଗ୍ରେସକୁ ତୃଣମୂଳ ସ୍ତରରୁ ମଜଭୁତ କରିବାକୁ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କନ୍ଧମାଳର ପୂର୍ବତନ ଏମ୍‌ପି ନକୁଳ ନାଏକ, ସଂଗଠନ ସୃଜନ ଅଭିଯାନର ବୌଦ୍ଧ ଜିଲା ପ୍ରଭାରୀ ଆକବର ଖାଁ, ପ୍ରଦେଶ କଂଗ୍ରେସର ପୂର୍ବତନ ସାଧାରଣ ସଂପାଦକ ଦେବେନ୍ଦ୍ର ମହାନ୍ତି, ବୌଦ୍ଧର ପୂର୍ବତନ ବିଧାୟକ ସୁଜିତ ପାଢୀ, ପ୍ରଦେଶ କଂଗ୍ରେସ ସାଧାରଣ ସଂପାଦକ ପ୍ରଶାନ୍ତ ସାହୁ, ବ୍ଲକ ସଭାପତି ସୁଶାନ୍ତ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ପ୍ରଶାନ୍ତ ସାହୁ ଧନ୍ୟବାଦ ଦେଇଥିଲେ। ସଭା ପୂର୍ବରୁ ପ୍ରଦେଶ କମିଟିର ସମସ୍ତ ସଦସ୍ୟଙ୍କୁ ଏକ ଶୋଭାଯାତ୍ରାରେ ପାଛୋଟି ନିଆଯାଇଥିଲା। ଏହି ସଭାରେ ଜିଲା ଛାତ୍ର କଂଗ୍ରେସ ସଭାପତି ପ୍ରତ୍ୟୁଷ ମହାନନ୍ଦଙ୍କ ସହ ବ୍ଲକର ସମସ୍ତ କଂଗ୍ରେସ କର୍ମୀ, ମହିଳା ମୋର୍ଚ୍ଚା ଓ ଯୁବମୋର୍ଚ୍ଚାର ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜିଲାସ୍ତରୀୟ ଏକାଭିମୁଖୀ ବୈଠକ

**ବୌଦ୍ଧ,୧୨।୯(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହଠାରେ ସ୍ୱାସ୍ଥ୍ୟ ଓ ସମନ୍ୱିତ ଶିଶୁ ବିକାଶ ସମ୍ପର୍କିତ ଜିଲାସ୍ତରୀୟ ଏକାଭିମୁଖୀ ବୈଠକ ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଆୟୋଜିତ ବୈଠକରେ ଉପଜିଲାପାଳ ବିନୟ କୁମାର ଭୋଇ ଅଧ୍ୟକ୍ଷତା କରିଥିଲେ । ବୈଠକରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଂଘମିତ୍ରା ପଣ୍ଡା, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅମିତାଭ ପଣ୍ଡା, ଡିପିଏମ ଗିରିଜା ପ୍ରସାଦ ମିଶ୍ର, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଓ ସୁପରଭାଇଜରମାନେ ଯୋଗ ଦେଇଥିଲେ । ଜିଲାରେ ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ଆଲୋଚନା ହୋଇଥିଲା।



ବୈଠକରେ ଉପଜିଲାପାଳ ଓ ଅନ୍ୟମାନେ।

# ସହରରେ ଆଇନଶୃଙ୍ଖଳାକୁ ନେଇ ବୈଠକ


ବୈଠକରେ କାଉନସିଲର ଓ ଥାନା ଅଧିକାରୀ।

**ବୌଦ୍ଧ,୧୨।୯(ଅଜିତ କୁମାର ବାରିକ)**

ବୌଦ୍ଧ ସହରରେ ଆଇନଶୃଙ୍ଖଳାକୁ ନେଇ ଶୁକ୍ରବାର ଦିନ ଆଦର୍ଶ ଥାନା ପରିସରରେ ଥାନା ଅଧିକାରୀ ନଳିନୀକାନ୍ତ ଦାସ ଓ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳର କାଉନସିଲରମାନଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଛି। ସହରର ୱାର୍ଡଗୁଡିକରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ କାଉନସିଲରମାନେ ସହଯୋଗ କରିବାକୁ ଥାନା ଅଧିକାରୀ ଅନୁରୋଧ କରିଥିଲେ । ସହରରେ ଯାତ୍ରା ସମୟରେ ଡିଜେ ସାଉଣ୍ଡ, ରାସ୍ତା ଓ ପଡ଼ିଆରେ ମଦ ପିଇବା ସମ୍ପୂର୍ଣ୍ଣ ମନା କରିବାକୁ ଆଲୋଚନା କରାଯାଇଥିଲା । ବୈଠକରେ କାଉନସିଲର ସ୍ୱର୍ଣ୍ଣଲତା ଦଲେଇ, ସନ୍ତୋଷିନୀ ନେପାକ, ଶ୍ୟାମସୁନ୍ଦର ବାରିକ, ଦେବାଶିଷ ବିଶି, ପ୍ରମୋଦ ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

## ପଡ଼ୋଶୀଙ୍କ ଟାଙ୍ଗିଆ ଆକ୍ରମଣରେ ଜଣେ ଗୁରୁତର

**ବାଉଁଶୁଣୀ,୧୨।୯(ଦେବାଶିଷ ନେପାକ)**

ଶୁକ୍ରବାର ସନ୍ଧ୍ୟା ୭ଟା ସମୟରେ ମନମୁଣ୍ଡା ଥାନା ଅଧୀନ ତାଳପଦର ଗ୍ରାମରେ ପୂର୍ବ ଶତ୍ରୁତାକୁ ନେଇ ପଡୋଶୀଙ୍କ ଟାଙ୍ଗିଆ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ରାକେଶ ସେଠୀ ଓ ତାଙ୍କ ପଡୋଶୀଙ୍କ ମଧ୍ୟରେ କୌଣସି କାରଣରୁ ପୂର୍ବ ଶତ୍ରୁତାକୁ ନେଇ ଉଚ୍ଚବାଚ ହୋଇଥିଲା। ଏହି ସମୟରେ ପଡୋଶୀ ଜଣକ ଏକ ଟାଙ୍ଗିଆରେ ଆକ୍ରମଣ କରିବାରୁ ରାକେଶ ଗୁରୁତର ଆହତ ହୋଇଥିଲା । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଏକ ବୋଲେରୋ ଯୋଗେ ନେଇ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ସୂଚନା ମିଳିଛି ।

## ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା

**ବୌଦ୍ଧ,୧୨।୯(ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ଷ୍ଟାଡିୟମଠାରେ ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଦିନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭଲିବଲ୍, ହ୍ୟାଣ୍ଡବଲ୍, ବାସ୍କେଟବଲ୍, ବ୍ୟାଡ୍‌ମିଣ୍ଟନ, ଧନୁତୀର, ସନ୍ତରଣ ପ୍ରତିଯୋଗିତା ପାଇଁ ଚୟନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ଓ ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଧିକାରୀ ଉପେନ୍ଦ୍ର ପ୍ରଧାନ, ବ୍ଲକ ସଂପାଦକ ମନୋଜ ଗାଇଗୌରିଆ, ଯୋଗୀନ୍ଦ୍ର ଦେବ ହାସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ଜିଲା ଶାରୀରିକ ଶିକ୍ଷାଧିକାରୀ ଆନନ୍ଦ ବେହେରା, ସହ ଗୋଷ୍ଠୀ ଶିକ୍ଷାଧିକାରୀ କମଳାକାନ୍ତ ଦଳବେହେରା ଯୋଗ ଦେଇଥିଲେ। ବୁରୋଗୋରା ହାଇସ୍କୁଲର କ୍ରୀଡା ଶିକ୍ଷକ କୃଷ୍ଣଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ। ଏହି କୃତୀ ପ୍ରତିଯୋଗୀମାନେ ଆସନ୍ତା ୧୮ ତାରିଖରେ ମୁଣ୍ଡିପଦର ହାଇସ୍କୁଲରେ ହେବାକୁ ଥିବା ଜିଲା ପ୍ରତିଯୋଗୀତାରେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି ।


ସମଗ୍ର ଶିକ୍ଷା
Samagra Shiksha

# ODISHA SCHOOL EDUCATION PROGRAMME AUTHORITY

**"SHIKSHA SOUDHA", UNIT-V, BHUBANESWAR-751001**

Website - osepa.odisha.gov.in

No. 9760 / Lib./2025 — Date 11/ 09/2025

## NOTICE INVITING EXPRESSION OF INTEREST

**No.n-** : Odisha School Education Programme Authority (OSEPA) invites Expression of Interest (EoI) from reputed local book Publishers / Publishing houses of Odisha towards procurement of class / age appropriate library books for Class I to XII published in Odia language under Samagra Shiksha & PM SHRI Scheme. The EoI document with all information, instructions, eligibility criteria, terms & conditions etc are available in the website of OSEPA i.e **osepa.odisha.gov.in**. The interested Local book publishers / publishing houses may refer the above web site, read the EoI document carefully & furnish the EoI proposal to the O/o State Project Director, Odisha School Education Programme Authority, Shiksha Soudha, Unit-V, Bhubaneswar, 751001 **by 5 PM of 16/10/2025**. The EoI proposal may be submitted in sealed envelope superscripted as **"Expression of Interest for Supply of Library Books" 2025-26 by Registered Post/ Speed Post/ Courier only**.

Corrigendum / addendum, if required, will be uploaded in the above website. Hence, potential regional / local book publishers / publishing houses of Odisha are requested to be in continuous touch with the above web site. The EoI Inviting Authority i.e. OSEPA reserves the right to accept or reject any / all bids, also can cancel the entire selection process at any stage without assigning any reason thereof. No claim, whatsoever, shall be admissible for the alleged loss/damage suffered by the applicants on account of such rejections.

OIPR-27068/11/0058/2526 — Sd./- State Project Director

# OFFICE OF THE SUPERINTENDING ENGINEER HYDROLOGY & INTERSTATE MATTER, BURLA

AT/PO-BURLA, DIST.SAMBALPUR (ODISHA) 768017

Email Id: sehydrologyismburla@gmail.com

**QUOTATION CALL NOTICE No. SE (H&ISM)-08/2025-26 dated 09.09.2025**

**No.A-613** : Sealed quotation in conformity with the terms & conditions are invited from reputed Travel Agencies/ Tour operators/ Private Individuals for hiring of one private vehicle with commercial registration & having valid contract carriage permit for official use of Superintending Engineer, Hydrology & Interstate Matter, Burla for the year 2025-26 (from 1.10.2025 to 31.03.2026).

Please visit website https://dowrodisha.gov.in or https://sambalpur.nic.in for details.

Date & time of availability of quotation documents from 15.09.2025 (10.00 AM) to 22.09.2025 (5.00 PM).

The last date & time of sale and receipt of Quotation is 22.09.2025 up to 5.00 PM & 23.09.2025 up to 5.00 PM respectively and to be opened on 24.09.2025 at 11:30 AM in the office of the Superintending Engineer, Hydrology & Interstate Matter, Burla.

Sd./- Superintending Engineer, Hydrology & Interstate Matter, Burla

OIPR-32452/11/0001/2526

GOVERNMENT OF ODISHA — No.b-15

# OFFICE OF THE CHIEF CONSTRUCTION ENGINEER SOUTHERN N.H CIRCLE, BERHAMPUR

Email - senhsouthbam@gmail.com

**INVITATION FOR BIDS**

**Bid Identification No. 06 / CCE NH, South of 2025-26**

[e-Procurement]

**Bid Identification No.06/CCE NH, South of 2025-26 No. 3349 / Dated : 10.09.2025**

1) The **Chief Construction Engineer, Southern N.H. Circle, Berhampur** on behalf of Governor of Odisha invites **percentage rate bid** in double cover system in **ONLINE MODE** from eligible contractors for construction of Road works as detailed in the table below.
2) Nature of work : Road
3) No. of work : 1 No.
4) Tender Cost : Rs.10,000/-
5) Class of Contractor : 'A' Class & 'B' Class
6) Availability of Bid document in the Website : From 18.09.2025 11.00 AM to 08.10.2025 5.30 PM
7) Date of Opening of Bid : 09.10.2025 at 11.30 A.M.
8) The Bidders have to participate in ONLINE bidding only. Further details can be seen from the website https://tendersorissa.gov.in.
9) Any Corrigendum/Addendum/Cancellation will be displayed in the e-tender website only.

Sd./- Chief Construction Engineer, Southern NH Circle, Berhampur

OIPR-34148/11/0018/2526

# ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

ଆକାଶ ଶୋଭା ବିଲ୍‌ଡିଂ, ପଣ୍ଡିତ ଜବାହାରଲାଲ ନେହରୁ ମାର୍ଗ, ଭୁବନେଶ୍ୱର – ୭୫୧୦୦୧

ପତ୍ର ସଂଖ୍ୟା: 17467/ଭୁ.ଉ.କ., ଭୁବନେଶ୍ୱର — ତା: 08.09.2025ରିଖ

CPM-II(S)-185/93

## ସୂଚନା

No. CAD-1736: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ହାଉସିଂ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ MIG-II ଗୃହ ନଂ. S-2/122କୁ ଶ୍ରୀ ଅମୀୟ ମୋହନ ଦାସ, ପିତା: ସ୍ୱର୍ଗତ କ୍ଷେତ୍ରମୋହନ ଦାସ, ଗ୍ରାମ: ବାଗଲପୁର, ପୋ: ଅଠାନ୍ତର, ଥାନା: ବାଲିପାଟଣା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଅମୀୟ ମୋହନ ଦାସ ଗତ ତା୨୮।୦୩।୨୦୧୫ରିଖରେ ମୃତ୍ୟୁବରଣ କରିଅଛନ୍ତି। (Death Certificate Issue No. 15176 dated 11.05.2015).

Legal heir Certificate No. E-LHC/2024/154867 Dated: 21.08.2024 ଅନୁଯାୟୀ ଅମୀୟ ମୋହନ ଦାସଙ୍କର ଉତ୍ତରାଧିକାରୀ (୧) ଗୀତାଞ୍ଜଳୀ ଦାସ (ସ୍ତ୍ରୀ), (୨) ଅମିତାଭ ଦାସ (ପୁତ୍ର) ଓ ଅମ୍ରିତା ଦାସ (ବିବାହିତା କନ୍ୟା) ଅଟନ୍ତି।

ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଗୃହର ମାଲିକାନା ସ୍ୱତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହର ମାଲିକାନା ସ୍ୱତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସ୍ୱା./– ଆବଣ୍ଟନ ଅଧିକାରୀ–୧, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0371/2526

No.M-28

# Fisheries & ARD Department Government of Odisha

**Expression of Interest (EOI) for the design, construction, exhibit development and operation of a State-of-the-Art Marine Aquarium and Underwater Zoo at/near Puri Sea Beach**

1. The Fisheries & ARD Department, Government of Odisha, invites **Expression of Interest (EOI)** from reputed developers/ companies for the **design, construction, exhibit development, and operation of a State-of-the-Art Marine Aquarium and Underwater Zoo at/near Puri Sea Beach** under the PPP model. The project is envisioned to be of international standard, positioning Puri as a global marine tourism hub while promoting education, conservation and sustainable development.
2. Interested firms may submit their proposals in PDF format to pmufard@gmail.com by **5:00 P.M. of 10th October 2025**. Clarifications may be sought through the same email by **30th September 2025, 5:00 P.M.** Detailed EOI document is available in the F& ARD Department, Government of Odisha website https://fard.odisha.gov.in/sites/default/files/2025-09/EOI%2011%209%2025%20FP-2-3.pdf

Date : 12.09.2025 — Sd./- Principal Secretary

Fisheries & ARD Department, Lok Seva Bhawan, Sachivalaya Marg, Bhubaneswar, Odisha

OIPR-52014/11/0001/2526

# ପୌରପରିଷଦ କାର୍ଯ୍ୟାଳୟ, ଜୟପୁର
# OFFICE OF THE MUNICIPAL COUNCIL : JEYPORE

Phone No. : 06854-231098, e-Mail : ulbjeypore@gmail.com

Letter No. : 4046 — Date : 08.09.2025

**Quotation call notice**

**No.C-1054** : Sealed quotation in plain paper / letter pad is invited from the interested registered firm/agency for Annual repair & maintenance of wealth center. The individual agency may submit the price of spare parts as including service charges detail in Annexure-A. This will be received by the undersigned up to 11.00A.M. on dt-16 .09.2025 and will be opened at 4.00 P.M. on the same day, if the last date of receipt and date of opening of quotation happens to be holiday, the next working day will be treated as last date of receipt and date of opening at the same time in presence of the quotation or their authorized agents. The authority reserves the right to accept or cancel any or all quotation without assigning any reason thereof.

Terms and Condition: -

1. The contract would normally be for a period of one year, extendable by one year at a time based upon mutual agreement.
2. The contractor will supply the original parts as per the approved rates of AMC submitted by the agency.
3. No advance payment will be made the approved contract or shall submit his bill (in triplicate) on completion of repairs.
4. Copies of valid GST registration Certificate and PAN card should also accompany the technical Bid.
5. Work should be done based on work order only.

Sd./- Executive Officer, Jeypore Municipality

OIPR-13079/11/0064/2526

# ODISHA POLICE STATE HEADQUARTERS Cuttack

**Odisha Police**

**Office of the D.G. & I.G. of Police, Odisha, Cuttack**

**Tel. : 0671-2304001, Website** : www.odishapolice.gov.in,

**Email** : aig-prov.odpol@od.gov.in & dcpprov.cphq@odishapolice.gov.in

**No.D-207** : Online Bids through e-Tender Portal https://tendersodisha.gov.in are invited from the eligible bidders for purchase of New Video Wall display to be integrated with I&UCCC of Commissionerate Police, Bhubaneswar-Cuttack during the current financial year, 2025-26 as per the particulars mentioned below.

| Sl. No. | Name of Item | RFP No. & Date | Quantity |
|---|---|---|---|
| 1. | New Video Wall display to be integrated with I&UCCC of Commissionerate Police, Bhuabneswar-Cuttack | **09-RFP-Video Wall display to be integrated with I and UCCC-2025-26 dtd.11.09.2025** | 01 |

| Sl. No. | Parameter | Name |
|---|---|---|
| 1 | Date of publication of NIT T0 | Date : 11/09/2025 |
| 2 | Availability of tender documents on the e-tendering portal of Government of Odisha | Date : 11/09/2025 |
| 3 | Last date for sending queries (T0+5) | Date : 18/09/2025 ; Time : 05.00 PM; queries may be sent by email to **dcpprov.cphq@odishapolice.gov.in** |
| 4 | Issue of responses to pre-bid queries, addendum/ corrigendum, if required (T0+7) | Date : After completion of Query Meeting |
| 5 | Bid Due Date | Date : 03/10/2025; Time : 05.00 PM |
| 6 | Opening of Techno-Commercial Bid | Date : 04/10/2025; Time : 05.00 PM |
| 7 | Opening of Price Bid | To be informed to the Technically Qualified Bidders by appropriate means |

**The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites : https://tendersodisha.gov.in. The Authority reserves the right to accept / reject any part thereof or all the bids without assigning any reason thereof.**

Sd./- A.I.G. of Police (Provisioning,) Odisha, Cuttack (Tender Calling Authority)

OIPR-12029/11/0103/2526

# ଭାଗବତ ଓଡ଼ିଶାର ସମ୍ବିଧାନ

ରାଉରକେଲା,୧୨।୧୦(ବିପ୍ଳବ ରଞ୍ଜନ ଦାଶ)

## ଅଖିଳ ଭାରତୀୟ ସାହିତ୍ୟ ପରିଷଦର ମାସିକ ସାରସ୍ୱତ ସମାବେଶ

